

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 May 2024
Vol.No. 35 ■ No.144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧




## ଏକ ଦିବସୀୟ ବୈଷୟିକ କୌଶଳ ବିକାଶ କର୍ମଶାଳା

ମାଲକାନଗିରି, ୨୯/୫ (ନି.ପ୍ର): ସରକାରୀ ବହୁବୃତି ଅନୁଷ୍ଠାନ ମାଲକାନଗିରିର ନିର୍ମାଣ ବିଭାଗ ଏବଂ ପ୍ରତିଷ୍ଠିତ ସିମେଂଟ ଉତ୍ପାଦନକାରୀ ସଂସ୍ଥା ଅଲଟ୍ରାଟେକ ସିମେଂଟ ସହଯୋଗରେ ମିଳିତ ଭାବେ ଆୟୋଜିତ ଏକ ଦିବସୀୟ ବୈଷୟିକ କୌଶଳ ବିକାଶ କର୍ମଶାଳା ଆଜି ଅନୁଷ୍ଠିତ ହୋଯାଇଛି। ଏହି କର୍ମଶାଳାରେ ମାଲକାନଗିରି ଜିଲ୍ଲାର ୩୫ ଜଣ ନିର୍ମାଣ ଶ୍ରମିକ ଏବଂ ମିସ୍ତ୍ରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତ୍ୟାଧୁନିକ ନିର୍ମାଣ କୌଶଳ ସମ୍ବନ୍ଧିତ ତାଲିମ ପ୍ରଦାନ କରାଯାଇଥିଲା। ଅଲଟ୍ରାଟେକ ସିମେଂଟ ତରଫରୁ ଅଂଶଗ୍ରହଣ ପ୍ରମାଣପତ୍ର ଏବଂ ନିର୍ମାଣ ସହାୟତାକାରୀ କିଟ୍ ପ୍ରଦାନ କରାଯାଇଥିଲା। ଏହି କୌଶଳ ବିକାଶ କର୍ମଶାଳାରେ ସରକାରୀ ବହୁବୃତି ଅନୁଷ୍ଠାନର ଅଧକ୍ଷ ଇଂ. ଜ୍ଞାନ ରଞ୍ଜନ ଦାସ, ନିର୍ମାଣ ବିଭାଗର ବିଭାଗୀୟ ମୁଖ୍ୟ ଇଂ. ପ୍ରୀତିରଞ୍ଜନ ପ୍ରୀୟଦର୍ଶୀ ପାତ୍ର ଏଂଟ୍ରି ଅନୁଷ୍ଠାନର ଅତିଥି ଶିକ୍ଷକ ପି. ଶଙ୍କର ରାଓ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। କର୍ମଶାଳାରେ ଅଲଟ୍ରାଟେକ ସିମେଂଟ ତରଫରୁ ଇଂ. ଅମିତ କୁମାର ଦାସ, ଟେରିଟୋରୀ ମ୍ୟାନେଜର (ଟେକନିକାଲ), ଇଂ. ବିଶ୍ୱଜିତ ସ୍ୱାଇଁ, ଇଂ. ସଞ୍ଜୟ ଗୋସ୍ୱାମୀ ଏଂ ସୁଶୀଲକାନ୍ତ ସ୍ୱାଇଁ କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳା ଶେଷରେ ସରକାରୀ ବହୁବୃତି ଅନୁଷ୍ଠାନର ନିର୍ମାଣ ବିଭାଗର ବିଭାଗୀୟ ମୁଖ୍ୟ ଇଂ. ପ୍ରୀତିରଞ୍ଜନ ପ୍ରାୟଦର୍ଶୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପରିଚୟ ହରାଉଛି ଗ୍ରାମାଂଚଳର ଶଗଡ଼ ଗାଡି

ବଲାଙ୍ଗୀର, ୨୯/୫ (ନି.ପ୍ର): ଦିନେ ଗାଁ ଗଣ୍ଡାରେ ବସବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟ ଥିଲା ଶଗଡ଼ ଗାଡି। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ପୂର୍ବରୁ ଲୋକଙ୍କ ପାଇଁ ଯାତ୍ରୀ ପରିବହନ ଠାରୁ ଆରମ୍ଭ କରି ବିଭିନ୍ନ ଜିନିଷ ପତ୍ର ଅର୍ଥାତ ମାଲ ପରିବହନ ପାଇଁ ଏକ ମାତ୍ର ମାଧ୍ୟମ ଥିଲା ଶଗଡ଼ ଗାଡି। ସେତେବେଳେ ଗାଁ ଗଣ୍ଡାର ଅଧିକାଂଶ ଘରେ ଶଗଡ଼ ଗାଡି ଥିବା ଦେଖିବାକୁ ମିଳୁଥିଲା। କାହାର କେତୋଟି ଗାଡ଼ି ଅଛି କେତେ ହଳ ବଳଦ ଅଛନ୍ତି ସେଥିରୁ ତାଙ୍କର ସ୍ଥିତି ଜଣା ପଡୁଥିଲା. ଗ୍ରାମରେ ଥିବା ଗୁହାଳ ରେ ଗାଇ ବଳଦ ମହିଷୀ ପୋଢ ଗୁହାଳ ଭର୍ତି ହୋଇ ରହୁଥିଲା ଓ ଗ୍ରାମାଂଚଳରେ ଚାରଣ ଭୂମି ଗୋଚର ମଧ୍ଯ ଚିହ୍ନଟ ହୋଇ ରହୁଥିଲା ଯେଉଁଥିରେ ସେ ସମସ୍ତେ ଚରୁ ଥିଲେ। କିନ୍ତୁ ବିଜ୍ଞାନର ଅଗ୍ରଗତି ଏବଂ ଯନ୍ତ୍ର ଯୁଗର ଆଗମନ ପରେ ଏକଦା ମଣିଷମାନଙ୍କ ପାଇଁ ନିତାନ୍ତ ଆବଶ୍ୟକ ଥିବା ଶଗଡ଼ ଗାଡି ଅଲୋଡ଼ା ହୋଇ କ୍ରମଶଃ ବିଲୁପ୍ତ ପାଇବାରେ ଲାଗିଛି ଓ ଶଗଡ଼ ଗାଡିର କେଁ କଟର ଧ୍ୱନି କେବେ ଠାରୁ କାଳର କରାଳ ଗର୍ଭରେ ହଜି ଗଲାଣି। କାଠରେ ନିର୍ମିତ ଓ ପ୍ରଦୂଷଣ ବିହୀନ ପ୍ରାଚୀନ ପରିବହନ ଯନ୍ତ୍ର ଏବେ ଆଧୁନିକତାର ଛାପରେ ବେଶ ଅଲୋଡ଼ା ହୋଇ ପଡିଛି। ପାଓ୍ୱାର ଟିଲର, ଟ୍ରାକ୍ଟର ଆଦି ଆଧୁନିକ କୃଷି ଭିତିକ ଯନ୍ତ୍ରରେ ଚାଷକାମ କରି ଧାନ ଅମଳ କରିବା ଏବଂ ପରିବହନ କରିବା ସହଜ ହେଉଛି। ସେହିପରି ପୂର୍ବରୁ ଯାନୀଯାତ୍ରା, ବିବାହ ଘର ତଥା ଜଙ୍ଗଲରୁ କାଠ ଆଣିବା, ବାଲି, ମାଟି, ଇଟା, ପଥର ବୋହିବା କାର୍ଯ୍ୟରେ ବ୍ୟାପକ ଭାବେ ଶଗଡ଼ ଗାଡିର ବ୍ୟବହାର ହେଉଥିଲା। କିନ୍ତୁ କମ ସମୟ ମଧ୍ୟରେ ଯାତାୟାତ ପାଇଁ ବାଇକ, କାର, ବସ ଭଳି ଯାନବାହାନର ବହୁଳ ପ୍ରଚଳନ ଯୋଗୁଁ ଶଗଡ଼ ଗାଡି ଯାତ୍ରୀ ପରିବହନ ପାଇଁ ଆଦ୍ୟୋ ବ୍ୟବହାର ହେଉନାହିଁ। କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନକ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ ଦେଖିବାକୁ ମିଳୁଛି। ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡରେ ପଡିଛି ତ କେଉଁଠି ପିଣ୍ଡାରେ ଅଜାଡି ହୋଇ ଧୂଳି ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି। ଏଭଳି ବିରଳ ଚିତ୍ର ଅତ୍ୟାଧୁନିକ ହାଇଟେକ ସଂସ୍କୃତିର ନୂତନ ପିଢିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି। କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକ ସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ରାଶି ମିଳୁନାହିଁ ।ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନହୋଇ ଟ୍ରାକ୍ଟର, ପାଓ୍ୱାରଟିଲାର ଓ ହାରଭେଷ୍ଟର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ଼ ଗାଡ଼ିର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି. ଅନ୍ୟ ପକ୍ଷରେ ଗ୍ରାମର ଗୁହାଳ ଖାଲି ପଡିଚି, ଗୋପାଳନ ପ୍ରତି ଆଉ ଲୋକଙ୍କ ଆଗ୍ରହ ନାହିଁ କାରଣ ବଳଦ ବ୍ୟବହାର ନାହିଁ ହଳ କରିବାକୁ ଶଗଡ଼ ଟାଣିବାକୁ ଆଧୁନିକ ଜନ୍ତ୍ର ପୁରାତନ ବ୍ୟବସ୍ଥାକୁ ଧୀରେ ଧୀରେ ଭୁଲିବାକୁ ବାଧ କରୁଛି।

## ତାଲିମ୍ ଏବଂ କୋଚିଂ ମାଧ୍ୟମରେ ଯୁବକ ଯୁବତୀ ମାନଙ୍କର ଅପସ୍କିଲିଂ

ପୁରୀ, ୨୯/୫ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ର ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମିତ ପ୍ରସ୍ତୁତି ତଥା ସଫଳତା ପାଇଁ ସରକାରୀ ଆଇଟିଆଇ ପୁରୀରେ, ଓ.ଏସ୍. ଏଫ୍. ଡି. ସି ତରଫରୁ ଗଣିତ, ଯୁକ୍ତି, ସାଧାରଣ ଜ୍ଞାନ, ଇଂରାଜୀ, ଏବଂ ବାଣିଜ୍ୟ ତତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅନ୍ତର୍ଭୁକ୍ତ କରି ୩୦ ଦିନିଆ ସ୍ୱତନ୍ତ୍ର କୋଚିଂ କ୍ଲାସ୍ ଯୋଗାଇ ଦିଆଯାଇଥିଲା। ଏହି କ୍ରମରେ ସମ୍ମାନିତ ଅତିଥି ଜିଲ୍ଲା ନିଯୁକ୍ତି ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ଡି.ଟି.ଇ.ଟି ରୁ ମନୋରଂଜନ ସାମଲ, ବିକାଶ କୁମାର ମହନ୍ତ, ଜିଲ୍ଲା କଲ୍ୟାଣ ଅଧିକାରୀ ପୁରୀ, ଅଭିମନ୍ୟୁ ସାହୁ, ଆସିଷ୍ଟାଂଟ ମ୍ୟାନେଜର ଶିଳ୍ପ ବିକାଶ କେନ୍ଦ୍ର ପୁରୀ ଏବଂ ଇଂ ଅରୋବିନ୍ଦ ଘୋଷ, ପ୍ରିନ୍ସିପାଲ୍, ସରକାରୀ ଆଇଟିଆଇ ପୁରୀ ଯୋଗଦେଇଥିଲେ ଓ ଏହି ସ୍ୱତନ୍ତ୍ର କୋଚିଂ କ୍ଲାସ୍ ରେ ଯୋଗଦେଇ କୃତକାର୍ଯ୍ୟ ହୋଇଥିବା ଏସସି ଏବଂ ଏସଟି ଛାତ୍ରଛାତ୍ରୀ ମାନେ ସମ୍ମାନିତ ଅତିଥିଙ୍କ ଉପସ୍ଥିତିରେ ସମାପ୍ତି ପ୍ରମାଣପତ୍ର ଗ୍ରହଣ କରିଥିଲେ । ଅଧିକନ୍ତୁ, ପ୍ରଶିକ୍ଷାର୍ଥୀଙ୍କୁ ଉପକରଣ କିଟ୍ ଏବଂ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଗଲା। ଏହି ପଦକ୍ଷେପ ଦ୍ୱାରା ପ୍ରଶିକ୍ଷାର୍ଥୀମାନେ ପ୍ରକୃତରେ ଉପକୃତ ହୋଇଥିଲେ, ଯାହା ସେମାନଙ୍କର ଭବିଷ୍ୟତର ସୁଯୋଗ ଏବଂ ବୃତି ଉପରେ ଏକ ସକରାତ୍ମକ ପ୍ରଭାବ ପକାଇବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ ।

## ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟ ଅଗ୍ରଗତି ଉପରେ ସମିକ୍ଷା ବୈଠକ

ଜୟପୁର, ୨୯/୫ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ଏମଜିଏନଆରଇଜିଏସ ଯୋଜନା, ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟ ଓ ଅଗ୍ରଗତି ଉପରେ ସମିକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବିଡିଓ ଶକ୍ତି ମହାପାତ୍ର,ଏବିଡିଓ ମନୋଜ ନାୟକ, ସହକାରି ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଏପିଓ ମାନସ କର, ଜିପିଓ ଭାଗିରଥି ନାୟକ ଉପସ୍ଥିତ ଥିଲେ । ସମିକ୍ଷା ବୈଠକରେ ବ୍ଲକ ଅଧିନରେ ଥିବା ୨୨ଟି ପଂଚାୟତର ପିଇଓ, ଜିଆରଏସ, ଏଡିଇଓ, କନିଷ୍ଠ ଯନ୍ତ୍ରୀ, ବିଏଫଟି ମାନେ ଉପସ୍ଥିତ ରହିଥିଲେ । ସମସ୍ତ ପଂଚାୟତରେ ଅସମ୍ପୁର୍ଣ୍ଣ ରହିଥିବା କାର୍ଯ୍ୟ ଯେପରି ଶିଘ୍ର ଶେଷ ହେବ ହିତାଧିକାରିଙ୍କ ସହ ଆଲୋଚନା କରି ଆବାସ ଯୋଜନା ସମ୍ପୁର୍ଣ୍ଣ ହୋଇପାରିବ ସେନେଇ ନିଷ୍ପତି ହୋଇଥିଲା ।

# ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କଲେ ପରମେଶ୍ୱର ଫୁଙ୍କଓ୍ୱାଲ

ଭୁବନେଶ୍ୱର, ୨୯/୫ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଆଇଆରଏସଇ ପରମେଶ୍ୱର ଫୁଙ୍କଓ୍ୱାଲ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଆଇଆଇଟି କାନପୁରର ପୂର୍ବତନ ଛାତ୍ର ଏବଂ ଭାରତୀୟ ରେଳବାଇ ଇଞ୍ଜିନିୟର୍ସ ସେବା (ଆଇଆରଏସଇ) ୧୯୮୮ ବ୍ୟାଚ୍ ଅଧିକାରୀ ଅଟନ୍ତି । ଦୀର୍ଘ ଦଶନ୍ଧିର ଉଲ୍ଲେଖନୀୟ କ୍ୟାରିୟର ସହ ସେ ଡିଆରଏମ/ରାଜକୋଟ, ଏଡିଆରଏମ/ଅହମ୍ମଦାବାଦ, ଅଧକ୍ଷ/ଆରଆରବି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ/ଆରଡିଏସଓ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଇଛନ୍ତି । ପୂର୍ବତଟ ରେଳପଥରେ ନିଯୁକ୍ତି ପାଇବା ପୂର୍ବରୁ ସେ ପଶ୍ଚିମ ରେଳବାଇ, ମୁମ୍ବାଇରେ ପ୍ରିନ୍ସିପାଲ୍ ଚିଫ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ଆରଡିଏସଓରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବେଗ ବୃଦ୍ଧି କରିବା ପାଇଁ ଟ୍ରାକ୍ ଏବଂ ବ୍ରିଜ୍ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରଚଳନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରେଲୱେ ଇଞ୍ଜିନିୟରିଂ ବ୍ୟତୀତ ମାନବ ସମ୍ବଳ କାର୍ଯ୍ୟ, ଗବେଷଣା ଏବଂ ଡିଜାଇନ୍ ଏବଂ ସାଧାରଣ ପ୍ରଶାସନରେ ତାଙ୍କର ବିପୁଳ ଅଭିଜ୍ଞତା ରହିଛି । ଟ୍ରାକ୍, ବ୍ରିଜ୍ ଏବଂ ପରିବେଶ ଇଞ୍ଜିନିୟରିଂ ଉପରେ ସେ ଅନେକ ଗବେଷଣା ପତ୍ର ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ କରିଛନ୍ତି । ବେଜିଂ (ଚାଇନା), କାଲଗରୀ (କାନାଡା) ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ହେଭି ହଲ୍ ଆସୋସିଏସନ୍ (ଆଇଏଚ୍ଏଚ୍ଏ) ସମ୍ମିଳନୀରେ ସେ ରିସର୍ଚ୍ଚ ପେପର ଉପସ୍ଥାପନ କରିଥିଲେ। ସେ ସ୍ୱିଡେନ, ଡେନମାର୍କ, ଫ୍ରାନ୍ସ, ଜର୍ମାନୀ, ଚୀନ, କାନାଡା, ମାଲେସିଆ, ସିଙ୍ଗାପୁର ଏବଂ ଇଟାଲୀ ଗସ୍ତ କରି ବିଭିନ୍ନ ପ୍ରଶିକ୍ଷଣ ଏବଂ ଅଧ୍ୟୟନ କାର୍ଯ୍ୟ କରିଛନ୍ତି। ଶ୍ରୀ ଫୁଙ୍କଓ୍ୱାଲଙ୍କର ସାହିତ୍ୟ ପ୍ରତି ଗଭୀର ଆଗ୍ରହ ରହିଛି ଏବଂ ତାଙ୍କର କିଛି କବିତା ସମକାଳୀନ ହିନ୍ଦୀ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଛି ।

# ତିନି ରଥର ଦୁଇଟି ଲେଖାଏଁ ଚକ ସହ ଅଖ ସଂଯୁକ୍ତ କରାଯାଇ ଡ଼େରାଯିବ

ପୁରୀ, ୨୯/୫ (ନି.ପ୍ର): ଆସନ୍ତାକାଲି ଶ୍ରୀକ୍ଷେତ୍ର ଭଉଁରୀ । ମହାପ୍ରଭୁଙ୍କ ପାରମ୍ପରିକ ଭଉଁରୀ ନୀତି ଅନୁଷ୍ଠିତ ହେବ। ଏଥିସହ ଏହି ବିଶେଷ ଦିନରେ ରଥଖଳାରେ ତିନି ରଥର ଦୁଇଟି ଲେଖାଏଁ ଚକ ସହ ଅଖ ସଂଯୁକ୍ତ କରାଯାଇ ଡ଼େରା ଯିବ । ପାରମ୍ପରିକ ନୀତି ଅନୁଯାୟୀ, ତିନି ଠାକୁରଙ୍କ ତିନି ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥ ଚକରେ ବିଜେ କରାଇବେ । ଏହାପରେ ଚକ ସହ ଅଖ ସଂଯୋଗ କରିବେ ମହାରଣା ସେବାୟତ ଓ ଭୋଇ ସେବାୟତ । ଏହି ତିନି ଯୋଡା ଅଖରେ ସ୍ନାନ ପୂର୍ଣ୍ଣମୀ ଦିନ ନାହାକା ଉଠିବ । ରଥ ଖଳାରେ ପର୍ଯ୍ୟାୟ କ୍ରମେ ଅନ୍ୟ ଅଖ ସହ ଚକ ସଂଯୁକ୍ତ କରାଯାଇ ଡ଼େରାଯିବ । ଚକ ଅଖ କାମ ସରିଲେ ପର୍ଯ୍ୟାୟ କ୍ରମେ ଅନ୍ୟ କାମ କରାଯିବ । ରଥଖଳାରେ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସୋମବାର ସନ୍ଧ୍ୟା ସୁଦ୍ଧା ତିନି ରଥ ପାଇଁ ୧୬ ଚକ ଏବଂ ୩ ଅଖ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥିଲା । ଜୁଲାଇ ୭ ତାରିଖରେ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେବ ।

# ଥାନା ଭିତରେ କନେଷ୍ଟବଲଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

ଜୟପୁର, ୨୯/୫ (ନି.ପ୍ର): କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ଥାନାରେ କାର୍ଯ୍ୟରତ ଜଣେ କନେଷ୍ଟବଲଙ୍କୁ ବନ୍ଧୁକରେ ଆକ୍ରମଣ କରାଯାଇଥିବା ଖବର ମିଳିଛି। ଅଭିଯୁକ୍ତକୁ ଗିରଫ କରାଯାଇଛି। ବିବରଣୀରୁ ପ୍ରକାଶ ଯେ, କିଛିଦିନ ପୂର୍ବେ ଖିଲୁଆ ଗ୍ରାମର ମଦନ ଖେମୁଣ୍ଡଙ୍କ ନାବାଳିକା ଝିଅଙ୍କୁ ନନ୍ଦପୁର ଦଳିତ ସାହିର ଜଣେ ବିବାହିତ ଯୁବକ ଦ୍ୱିତୀୟ ସ୍ତ୍ରୀ ଭାବେ ରଖିବାକୁ ଅପହରଣ କରି ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କର ପିତା ନନ୍ଦପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତି କରି ଅଭିଯୁକ୍ତ ଉମେଶ ଗୁଣ୍ଡାଙ୍କୁ ଥାନାକୁ ଅଣାଯାଇଥିଲା। କିନ୍ତୁ କୌଶଳ କରି ସେ ଥାନାରୁ ଚଂପଟ ମାରିଥିଲା। ତାଙ୍କୁ ଖୋଜି ଆଣିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଅଭିଯୁକ୍ତକୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଅଭିଯୁକ୍ତର ମାମୁଁ ପତ୍ରପଣ୍ଡି ଗାଁର ଏସ କେ ସାଇନ୍ କୁ ଅଧିକ ପଚରା ଉଚରା ପାଇଁ ପୁଲିସ ନନ୍ଦପୁର ଥାନାକୁ ଆଣିଥିଲେ ଏବଂ ଥାନାରେ ଅଟକ ରଖିଥିଲେ। ସେହି ନିର୍ଦ୍ଦିଷ୍ଟ ସମୟରେ ଅନ୍ୟ କର୍ମଚାରୀମାନେ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଏବଂ କିଛି କର୍ମଚାରୀ ବାହାରକୁ ଯାଇଥିବାର ସୁଯୋଗ ନେଇ ଅଭିଯୁକ୍ତର ମାମୁଁ ହଠାତ୍ ଥାନା ପରିସରରେ ଥିବା ଏକ ବନ୍ଧୁକ ଆଣି ବନ୍ଧୁକର ବଟ୍ ସହିତ ବାହାରେ ଜଗିଥିବା କନେଷ୍ଟବଳ ଭୂଷିତ ଟାକ୍ରିଙ୍କୁ ମୁଣ୍ଡରେ ମାଡ଼ ଦେଇଥିଲା ଏବଂ ଥାନା ଭିତରୁ ଧାଇଁ ପଳାଇଥିଲା। ଫେରାର ଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି।

# କାକଟପୁର ଓ ନିମାପଡା ନିର୍ବାଚନ ମଣ୍ଡଳୀରେ ହେବ ୯୮ଟି ଆଦର୍ଶ ମତଦାନ କେନ୍ଦ୍ର

ପୁରୀ, ୨୯/୫ (ନି.ପ୍ର): ଜୁନ ୧ ତାରିଖରେ କାକଟପୁର ଓ ନିମାପଡା ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ ଅନୁଷ୍ଠିତ ହେବ । ସକାଳ ୭ଟା ଠାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟର ମାନେ ସେମାନଙ୍କ ନିର୍ଦ୍ଧାରିତ ବୁଥ ରେ ମତଦାନ କରିପାରିବେ। ଦୁଇଟି ଯାକ ନିର୍ବାଚନ ମଣ୍ଡଳୀ ପାଇଁ ମୋଟ୍ ୫୬୦ଟି ମତଦାନ କେନ୍ଦ୍ରରେ ମତଦାନ କରାଯିବ। ଏଥିରେ କାକଟପୁରର ୨୮୦ଟି ଓ ନିମାପଡାର ୨୮୦ଟି ବୁଥ ରହିଛି। ଏଥି ମଧ୍ୟରୁ ମୋଟ୍ ୯୮ଟି ବୁଥ କୁ ମଡେଲ ବା ଆଦର୍ଶ ବୁଥ୍ କରାଯାଇଛି। ସେଥି ମଧ୍ୟରୁ ୭୬ ବୁଥ ରେ କେବଳ ମହିଳା ମାନଙ୍କ ଦ୍ୱାରା ପରିଚାଳିତ ସଖି ବୁଥ ହୋଇଥିବା ବେଳେ ଭିନ୍ନକ୍ଷମ ପୁଲିଂ ଅଫିସର ମାନଙ୍କ ଦ୍ୱାରା ୪ଟି, ଯୁବ ପୁଲିଂ ଅଫିସର ମାନଙ୍କ ଦ୍ୱାରା ପରିଚାଳିତ ୫ଟି, ପରିବେଶ ଉପଯୋଗୀ ବା ଇକୋ ଫ୍ରେଣ୍ଡଲି ୮ ଓ ଥିମ ବେଶ ୫ଟି ବୁଥ୍ ରହିଛି। କାକଟପୁର ଓ ନିମାପଡାରେ ୩୮ଟି ଲେଖାଏଁ ସଖି ବୁଥ, ୨ଟି ଲେଖାଏଁ ଭିନ୍ନକ୍ଷମ ପୁଲିଂ ଅଫିସର ମାନଙ୍କ ଦ୍ୱାରା ପରିଚାଳିତ ବୁଥ, କାକଟପୁରରେ ୪ଟି ଯୁବ ପୁଲିଂ ପରିଚାଳିତ ବୁଥ, ୨ଟି ଇକୋ ଫ୍ରେଣ୍ଡଲି ବୁଥ ଓ ୩ଟି ଥିମ ବେଶ ବୁଥ ହୋଇଥିବା ବେଳେ ନିମାପଡାରେ ଯୁବ ପୁଲିଂ ଅଫିସର ମାନଙ୍କ ଦ୍ୱାରା ପରିଚାଳିତ ଗୋଟିଏ, ଇକୋ ଫ୍ରେଣ୍ଡଲି ୬ଟି ଓ ଥିମ ବେସ୍ ୨ଟି ବୁଥ୍ ର ବ୍ୟବସ୍ଥା ହୋଇଛି। ପୂର୍ବରୁ ସୁଇପ ବା ସିଷ୍ଟୋମେଟିକ ଭୋଟରସ ଏଡୁକେସନ ଆଣ୍ଡ ଇଲେକ୍ଟରସ ପାର୍ଟିସିପେସନ ପ୍ରୋଗ୍ରାମ ମାଧ୍ୟମରେ ଭୋଟର ମାନଙ୍କୁ ବ୍ୟାପକ ସଚେତନତା କରାଯାଇ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରି ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରାଯାଇଥିଲା। ଜୁନ୍ ୧ ତାରିଖରେ କାକଟପୁର ଓ ନିମାପଡା ନିର୍ବାଚନ ମଣ୍ଡଳୀରେ ମତଦାନ ହେଉଥିବାରୁ ପ୍ରତ୍ୟେକ ଭୋଟର ନିଶ୍ଚିତ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଓ ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତ ଭୋଟର ମାନଙ୍କୁ ଅନୁରୋଧ କରିଛନ୍ତି।

## ଲୁଟ୍ ମାମଲାରେ ଜଣେ ଗିରଫ

ଜୟପୁର, ୨୯/୫ (ନି.ପ୍ର): ଲୁଟ ମାମଲାରେ ଜୟପୁର ସଦର ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ସୌରାସାହି ପାଞ୍ଜିଆ ଲାଇନର ଆଶିଷ ଖରା । ପୋଲିସ ସୂଚନା ଅନୁଯାୟୀ, ମାଲକାନଗିରିର୨ ଜଣ ଯୁବକ ଏକ ବାଇକରେ ଜୟପୁର ଆସି ଫେରୁଥିଲେ । ଜାନୁଆରି ୧୪ ତାରିଖରେ ଫେରୁଥିବା ସମୟରେ ଡଙ୍ଗରଛିଂଚି ନିକଟରେ କେତେ ଜଣ ଦୁର୍ବୃତ ମାରପିଟ୍ କରି ସୁନା ଚେନ, ମୋବାଇଲ, ୪ ହଜାର ଟଙ୍କା ଲୁଟ୍ କରି ନେଇଥିଲେ । ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଗତ ଫେବୃଆରି ୬ ତାରିଖରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ମୋବାଇଲ ଓ ସୁନା ଚେନ କୁ ଜବତ କରିଥିଲା। ଏହି ମାମଲାରେ ଜଡିତ ଫେରାର ଅଭିଯୁକ୍ତ ସୌରାସାହି ପାଞ୍ଜିଆ ଲାଇନର ଅଶିଷ ଖରାକୁ ଆଜି ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଆଇଟିଆଇରେ ଆପ୍ରେଂଟିସିପ୍ ସଚେତନତା ଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ

ପୁରୀ, ୨୯/୫ (ନି.ପ୍ର): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପୁରୀ ଆନୁକୂଲ୍ୟରେ ଆପ୍ରେଂଟିସିପ୍ ସଚେତନତା ଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଦକ୍ଷତାବିକାଶ ଓ କର୍ମନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଆପ୍ରେଂଟିସିପ୍ ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ କଟକରୁ ଡ଼ଃ. ମନୋରଞ୍ଜନ ସାମଲ, ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ଅଭିମନ୍ୟୁ ସାହୁ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ତଥା ଆପ୍ରେଂଟିସିପ୍ ଏବଂ ତତ୍ ପରବର୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଅତିଥି ଭାବେ ବିକାଶ କୁମାର ମହାନ୍ତ, ପୁରୀ ଜିଲ୍ଲା କଲ୍ୟାଣ ଅଧିକାରୀ, ଅରବିନ୍ଦ ଚକ୍ରବର୍ତୀ, ଗୋଲଡେନ ଟ୍ରି, ସନ୍ତୋଷ କୁମାର ନାୟକ, ଅନନ୍ୟା ରିସର୍ଟ, କମଳ କୁମାର, ପେଟାଲସ ଗ୍ରୁପ, ଈଶ୍ୱର ଚନ୍ଦ୍ର ବେହେରା, ହୋଟେଲ ହଲିଡେ ରିସର୍ଟ ରୁ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆପ୍ରେଂଟିସିପ ସମ୍ପର୍କିତ ଆଲୋଚନା ମାଧ୍ୟମରେ ସଚେତନ କରାଇଥିଲେ। ପୁରୀ ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନର ଅଧକ୍ଷ ଇଂ. ଅରବିନ୍ଦ ଘୋଷ ନିଜ ବକ୍ତବ୍ୟରେ ସରକାରୀ ଆଇଟିଆଇରେ ଦିଆଯାଉଥିବା ଆଧୁନିକ ଦକ୍ଷତା ଭିତିକ ଜ୍ଞାନ କୌଶଳ ଓ ନିଯୁକ୍ତି ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ତାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ୍ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆପ୍ରେଂଟିସିପ୍ ଅଧିକାରୀ ତାପସ କୁମାର ଖିଲାର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ସରକାରୀ ନିୟମକୁ ଖୋଲା ଉଲ୍ଲଙ୍ଘନ: ମଣ୍ଡି ବଦଳରେ ଘରୁ, ଖଳାରୁ ହୋଉଛି ସିଧାସଲଖ ମିଲ୍‌କୁ ଚାଲାଣ

ମୁଖୀଗୁଡ଼ା, ୨୯/୫ (ନି.ପ୍ର): ମଣ୍ଡି ବଦଳରେ ସିଧାସଲଖ ମିଲକୁ ଯାଉଛି ଚାଷୀର ଧାନ। ସରକାରୀ ନିୟମର ଉଲ୍ଲଂଘନ କରି ଚାଷୀର ଧାନକୁ ମିଲ୍‌କୁ ସିଧାସଳଖ ନିଆଯାଉଛି ଦଲାଲ ଜରିଆରେ ଯାଉଥିବା ଅଭିଯୋଗ ହେଉଛି। ଧାନ ଦଲାଲ, ମିଲର ଓ ମଣ୍ଡି କର୍ମଚାରୀଙ୍କ ଭିତରେ କେଉଁ ମଧୁଚନ୍ଦ୍ରିକା ରହିଛି, ଯେ ମଣ୍ଡିରେ ଧାନ ଓହ୍ଲାଇବା ବଦଳରେ ବିନା ଓ୍ୱେ ବିଲରେ ମିଲକୁ ଯାଉଛି ଧାନ। ଜୟପାଟଣା ବ୍ଲକରେ କେମିତି ଚାଲିଛି ଧାନ କିଣାତାହାର ଏକ ଅନୁସନ୍ଧାନ କରାଯାଇଥିଲା। ଜୟପାଟଣା ବ୍ଲକରେ ରହିଛି ୮ଟି ରାଇସମିଲ୍। ଏହି ମିଲ ଗୁଡିକୁ ସକାଳୁ ସକାଳୁ ଲାଗୁଛି ଧାନ ଗାଡି ଲାଗୁଛି। ମଣ୍ଡିକୁ ଧାନନ ଯାଇ ମିଲକୁ ବିନା ଟ୍ରାଞ୍ଜିଟପାସରେ ଧାନ ଆସୁଛି। ଚଳିତ ବର୍ଷ ଧାନ ଫସଲ ଅମଳ କମ ହେଉଥିବା ବେଳେ ଦଲାଲ ମାନେ ଘର ଘର ବୁଲି ନିର୍ଦ୍ଧାରିତ ମୂଲ୍ୟ ଠାରୁ ଦୁଇ ତିନି ଶହ କମ ରେ ଧନ କ୍ରୟ କରି ମିଲ କୁ ଚାଲାଣ କରୁଥିବା ଜଣାପଡିଛି। ତେବେ ନିୟମ ଅନୁସାରେ ଚାଷୀ ଧାନ ମଣ୍ଡିରେ ଦେବେ ଓ ପରେ ମଣ୍ଡିରୁ ଧାନ ମିଲକୁ ଯିବ। କିନ୍ତୁ ଏଠାରେ ଏହି ନିୟମର ଖୁଲମଖୁଲ୍ଲା ଉଲ୍ଲଙ୍ଘନ କରାଯାଉଛି। ମିଲର ଘରେ ବସି କମ ମୂଲ୍ୟରେ ଧାନ ପାଇବା ସହ ଟ୍ରାନ୍ସପୋର୍ଟ ଟଙ୍କା ମଧ ବିନା କଷ୍ଟରେ ପାଉଛନ୍ତି। ଜୟପାଟଣା ବ୍ଲକର ବିଭିନ୍ନ ମଣ୍ଡିରେ ଗତ ୨୦ ମେ ତାରିଖରୁ ଧାନ ବସ୍ତା ପଡିରହିଛି ଓ ଏହା କେବେ ଉଠିବ ସେ ଆଶାରେ ଜଗି ବସିଛି ଚାଷୀ। କିନ୍ତୁ ମିଲର୍ସ ଚାଷୀଙ୍କ ଧାନ ବିଭିନ୍ନ ସର୍ତରେ ଉଠାଉଛନ୍ତି। ସର୍ବନିମ୍ନ ୫କେଜି କଟନୀନହେଲେ ଚାଷୀଙ୍କ ଧାନ ଯାଉ ନଥିବା ଅଭିଯୋଗ ହୋଉଛି। ଏବେ ବର୍ଷା ଯୋଗୁଁ ଧାନ ନଷ୍ଟ ହେବା ଭୟରେ ଚାଷୀ କମ ଦାମରେ ମିଲରେ ଧାନ ଦେବାକୁ ବାଧ ହେଉଛି। ଆଉ ଏହାର ଫାଇଦା ଉଠାଇ କିଛି ମଣ୍ଡିର କର୍ମଚାରୀ ଚାଷୀଙ୍କୁ ଧାନକୁ ସିଧାସଲଖ ମିଲକୁ ନେବାକୁ ମଧ ଉସୁକାଉଛନ୍ତି। ମିଲର୍ସ ଏହାର ଫାଇଦା ଉଠାଇ କମ ଦାମରେ ଧାନ କିଣୁଛନ୍ତି। ମଣ୍ଡିରେ କାଗଜପତ୍ର ବାବଦକୁ କ୍ୟୁଣ୍ଟାଲ ପ୍ରତି ୩୦ଟଙ୍କା ନେଉଥିବାବେଳେ କାଗଜପତ୍ରରେ ଫଲସ ଏଂଟ୍ରି କରି କୋଟି କୋଟି ଟଙ୍କା ହଡପ କରୁଥିବା ଅଭିଯୋଗ ହୋଇଛି। ଜୟପାଟଣା ଅଂଚଳରୁ ଦୈନିକ ଶହ ଶହ ବସ୍ତା ଧାନ କ୍ୟୁଂଟାଲ ପ୍ରତି ୧୭୦୦ ଟଙ୍କାରେ ରେ କିଣାହୋଇ କେସିଙ୍ଗା, ଲଡୁଗାଁକୁ ଯାଉଥିବା ଜଣାପଡ଼ିଛି ।ରାସ୍ତା,ମଣ୍ଡି ଓ ମିଲ ଗୁଡିକର ସିସିଟିଭି ଫୋଟେଜ ଯାଂଚ କଲେ ଏହାର ସତ୍ୟତା ଜଣାପଡିବ ବୋଲି ଚାଷୀ ଦାବି କରିଛନ୍ତି। ମଣ୍ଡିରେ ସ୍ୱଚ୍ଛତା ପାଇଁ ସିସିଟିଭି ଲଗାଯାଇଛି କିନ୍ତୁ କେଉଁ ସାହାସରେ ଆଏମ୍ସି ଓ ପେକ୍ସ କର୍ମଚାରୀ ମଣ୍ଡି ବାହାରୁ ଯାଉଥିବା ଧାନକୁ ପରଚେଜ କରୁଛନ୍ତି ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ଦିନ ଧରି ଜୟପାଟଣାର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ବେପାରୀ ବେଆଇନ ଗୋଦାମ କରି ବେଆଇନ ଭାବେ ଧାନ ବେପାର କରି ଚାଲିଛନ୍ତି। ସେମାନେ ବହୁ ଆୟ ବହିର୍ଭୁତ ସମ୍ପତି ମଧ କରିଛନ୍ତି ହେଲେ ପ୍ରସାଶନିକ ଅଧିକାରୀ ସବୁ ଜାଣି ଅଜଣା ରହିଛନ୍ତି । ଚାଷୀ ଅଭାବି ବିକ୍ରିର ଶିକାର ହେଲେ ମଧ ଶୁଣିବାକୁ କେହି ନାହିଁ । କୌଣସି ମଲର୍ସ ଧାନ ସିଧାସଲଖ କିଣିପାରିବନାହିଁ। କିନ୍ତୁ ଜୟପାଟଣା ବ୍ଲକରେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି। ବ୍ଲକର ସବୁ ମିଲରେ ଚାଲିଛି ଏଭଳି ବେଆଇନ କାମ। ଆଉ ଯୋଗାଣ ଅଧିକାରୀ ଚୁପ୍ ହୋଇ ବସିଛନ୍ତି। ପ୍ରଶ୍ନ ଉଠୁଛି, ରାଇସମିଲକୁ ସିଧାସଳଖ ଧାନ ଯାଉଛି କିପରି ? ମଣ୍ଡିରେ ମିଲର୍ସ-ଯୋଗାଣ ଅଧିକାରୀ ମୁଧୁଚନ୍ଦ୍ରିକା ଚାଲିଛି କି ? ପ୍ରଶାସନ ଏ ସବୁ ଜାଣିପାରୁନାହିଁ କେମିତି ବୋଲି ପ୍ରଶ୍ନ ଉଠୁଚି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

## ସିସିଟିଭି ନଜରରେ ଷ୍ଟ୍ରଙ୍ଗରୁମର ଇଭିଏମ୍

ସମ୍ବଲପୁର, ୨୯/୫ (ନି.ପ୍ର): ସମ୍ବଲପୁର ଜିଲ୍ଲରେ ଲୋକ ସଭା ଓ ବିଧାନ ସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ସରିବା ପରେ ଚାରୋଟି ଷ୍ଟ୍ରଙ୍ଗ ରୁମ୍‌ରେ ସିସିଟିଭି ନଜରରେ ଇଭିଏମ ରଖିବାର ବନ୍ଦୋବସ୍ତ କରାଯାଇଛି। ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ, ରେଙ୍ଗାଲି ବିଧାନସଭା ପାଇଁ ସମ୍ବଲପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, କୁଚିଣ୍ଡା ପାଇଁ କୁଚିଣ୍ଡା କଲେଜ, ରେଢାଖୋଲ ପାଇଁ ରେଢାଖୋଲ ଭୀମ ଭୋଇ କଲେଜକୁ ଷ୍ଟ୍ରଙ୍ଗ ରୁମ କରଯାଇଛି। ସେଠାରେ ତ୍ରୀସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ସିସିଟିଭି ନଜରରେ ରହିଛି।

## ଓଡ଼ିଶା ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭାର ନିର୍ବାଚନ: ମନୋଜ ହେଲେ ଅଧକ୍ଷ

ବଲାଙ୍ଗୀର, ୨୯/୫ (ନି.ପ୍ର): ବଲାଙ୍ଗୀର ସହର ସ୍ଥିତ ତେରାପନ୍ଥ ଭବନ ଠାରେ ମଙ୍ଗଳବାର ଓଡିଶା ଜୈନ ଶ୍ୱେତାମ୍ବର ତେରାପନ୍ଥ ସଭାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜୈନ ଧର୍ମର ଶ୍ରମଣୀ ନିର୍ଦ୍ଦେଶିକା ଜିନ ପ୍ରଜ୍ଞାଜୀ ଓ ଶ୍ରବଣୀ କ୍ଷତି ପ୍ରଜ୍ଞାଜୀଙ୍କ ଦ୍ୱାରା ନମସ୍କାର ମହାମନ୍ତ୍ର ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଶ୍ୱେତାମ୍ବର ତେରାପନ୍ଥ ସଭାର ଅଧକ୍ଷ ମୁକେଶ କୁମାର ଜୈନଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ଅନୁପ ଜୈନ ଓ କୋଷାଧକ୍ଷ ସୁଦର୍ଶନ ଜୈନ ୨ ବର୍ଷର ଆୟବ୍ୟୟର ହିସାବ ଦେଇଥିଲେ। ଅଧକ୍ଷ ପଦବୀ ପାଇଁ ଦୁଇ ଜଣ ପ୍ରାର୍ଥୀ ଥିବାରୁ ନିର୍ବାଚନ ଅଧିକାରୀ ନରେନ୍ଦ୍ର ଜୈନଙ୍କ (ସିଏ) ଉପସ୍ଥିତରେ ମତଦାନ ଆରମ୍ଭ ହୋଇଥିଲା। ମୋଟ ୩୭୧ଜଣ ଭୋଟର ରହିଥିବା ବେଳେ ୧୫୩ ଜଣ ମତଦାନ କରିଥିଲେ। ମନୋଜ କୁମାର ଜୈନଙ୍କୁ ୯୧ ଖଣ୍ଡ ଭୋଟ ମିଳିଥିବା ବେଳେ ଗୋବିନ୍ଦ ଜୈନଙ୍କୁ ୬୦ ଖଣ୍ଡ ଭୋଟ ମିଳିଥିଲା। ୨ଟି ଭୋଟ ନାକଚ ହୋଇ ଥିବା ବେଳେ ମନୋଜଙ୍କୁ ଅଧକ୍ଷ ଭାବେ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ଆଗାମୀ ଦିନରେ ଜୈନ ଧର୍ମ ଓ ସଂଘ ପାଇଁ ସବୁ ପ୍ରକାରର କାର୍ଯ୍ୟ କରିବି ବୋଲି ନୂତନ ଭାବେ ନିର୍ବାଚିତ ଅଧକ୍ଷ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 May 2024
Vol.No. 35 ■ No.144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓଡ଼ିଶାର ରାଜନୀତିରେ ଏଥର ନୂଆ ଦେଖିବାକୁ ମିଳିବ: ପ୍ରଧାନମନ୍ତ୍ରୀ



କେନ୍ଦ୍ରାପଡ଼ା/ବାଲେଶ୍ୱର/ ବାରିପଦା , ୨୯/୫ (ନି.ପ୍ର): ଓଡ଼ିଶାରେ ପ୍ରଚୁର ପରିମାଣରେ ପାଣି ଅଛି। କିନ୍ତୁ ଚାଷୀଙ୍କ ଜମିକୁ ଏହି ପାଣି ପହଞ୍ଚିପାରୁ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନିର୍ବାଚନ ପ୍ରଚାର ବେଳେ ବୁଧବାର ଦିନ ଏହା କହିଛନ୍ତି। କେନ୍ଦ୍ରାପଡ଼ାରେ ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ଆୟୋଜିତ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି ମୋଦୀ କହିଛନ୍ତି ଏଥର ନିର୍ବାଚନରେ ଏହି ପରିସ୍ଥିତିରୁ ବର୍ତ୍ତିବା ପାଇଁ ଓଡ଼ିଶାର ଜନତା ମତଦାନ କରିଛନ୍ତି। ସେ ଆହୁରି କହିଛନ୍ତି ଓଡ଼ିଶାର ସବୁ ଲୋକଙ୍କୁ ଟ୍ୟାପ୍ ?ରୁ ପାଣି ମିଳୁନାହିଁ। ତେଣୁ ଓଡ଼ିଶାର ଜନତା ଏଥର ନିଷ୍ପତ୍ତି ନେଇଛନ୍ତି, ଗୋଟିଏ ପଦ୍ମ ଦିଲ୍ଲୀ ପାଇଁ ଓ ଆଉ ଗୋଟିଏ ଭୁବନେଶ୍ୱର। ଓଡ଼ିଶାରେ ଦୁଇଥର ପଦ୍ମ, ଦୁଇଗୁଣା ବିକାଶ। ମୋତେ ଯାହା କରିବାର ଅଛି, ଆପଣଙ୍କର ପାଇଁ। ଆପଣ ଯେତିକି ବିଧାୟକଙ୍କୁ ଜିତାଇବେ, ସେତିକି ବଳ ମୋଦୀଙ୍କୁ ଦେବେ। ପ୍ରଧାନମନ୍ତ୍ରୀ ଦୃଢ଼ତାର ସହିତ କହିଛନ୍ତି, ଓଡ଼ିଶାର ରାଜନୀତିରେ ମଧ ଏଥର ନୂଆ ଦେଖିବାକୁ ମିଳିବ। ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାର ମତଦାତା ପ୍ରତ୍ୟେକ ପର୍ଯ୍ୟାୟରେ ବିଜେପି ସାଂସଦ ଓ ବିଧାୟକଙ୍କ ପ୍ରାର୍ଥୀଙ୍କୁ ମତଦାନ କରିଛନ୍ତି। ଦାଦନ ଶାସନ ହଟାଇବା ପାଇଁ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଲୋକେ ମତଦାନ କରିଛନ୍ତି। ଭ୍ରଷ୍ଟାଚାର ହଟାଇବା ପାଇଁ, ରତ୍ନଭଣ୍ଡାରକୁ ନେଇ ଯେଉଁ ଆଶଙ୍କା ରହିଛି, ତାକୁ ହଟାଇବା ପାଇଁ ମତଦାନ କରିଛନ୍ତି। ବିଜେପି ଆସିବ ଓ ମହାପ୍ରଭୁଙ୍କ ୪ଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯିବ। ଓଡ଼ିଶାର ବିକାଶ ମୋର ଗ୍ୟାରେଣ୍ଟି। ଆପଣଙ୍କର ଆଶା ପୂରା ହେଉ, ଏହା ମୋଦୀଙ୍କ ସଂକଳ୍ପ। ମୋତେ ଖୁସି ଲାଗୁଛି ଓଡ଼ିଶା ବିଜେପି ନୂଆ ଇତିହାସ ରଚିବାକୁ ଯାଉଛି। ବିଜେପି ଚାଷୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା କରିବାକୁ ନିଷ୍ପତ୍ତି ନେଇଛି। ଜନସଭାକୁ ସମ୍ବୋଧିକ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ, କଳା ପ୍ରତି ମୋର ସମ୍ମାନ ରହିଛି। ନୂଆପିଢ଼ିର ଏହି କଳା ପାଇଁ ମୁଁ ଉତ୍ସାହିତ। ଆପଣମାନେ କଳା ଭାବନା ନେଇ ଆଗକୁ ବଢ଼ନ୍ତୁ। ଅପାଣମାନେ ଦେଇଥିବା ଉପହାର ଏହା ମୋ ପାଇଁ ଛୋଟ ନୁହେଁ। ମୁଁ ଯେତେବେଳେ ରାତିରେ ଯିବି, ଗୋଟିଗୋଟି କରି ଦେଖିବି। ଭଲପାଇବା ମୋର ଜୀବନରେ ବହୁତ ମୂଲ୍ୟବାନ। ଏହାକୁ ମୁଁ କେବେ ଭୁଲିପାରିବି ନାହିଁ। ୨୦୨୪ ନିର୍ବାଚନର ପ୍ରଚାର ପାଇଁ ଆସନ୍ତାକାଲି ଶେଷ ଦିନ। ଜୁନ ୪ ପରେ ଓଡ଼ିଶା ବିକାଶ ଦିଗରେ ଅଗ୍ରସର ହେବ। ଆପଣଙ୍କ ଠାରୁ ଆଶୀର୍ବାଦ ନେବା ପାଇଁ ଆସିଛି। ଜୁନ୍ ୧୦ର ▶▶ପୃଷ୍ଠା ୭

## ଶତ୍ରୁର ରାଡାରକୁ ଉଡ଼ାଇବ 'ରୁଦ୍ରମ୍-୨'




ବାଲେଶ୍ୱର, ୨୯/୫ (ନି.ପ୍ର): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆଉ ଏକ ବଳ। ଓଡ଼ିଶା ତଟରେ ସଫଳ ହେଲା ଆଣ୍ଟି-ରେଡିଏସନ୍ ମିଜାଇଲ୍ ରୁଦ୍ର ମାର୍କ-ଟୁ ବା ରୁଦ୍ରମ୍-ଟୁର ପରୀକ୍ଷଣ। ଡିଆରଡିଓ ଦ୍ୱାରା ପ୍ରସ୍ତୁତ ଏହି ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ରକୁ, ବାୟୁସେନାର ଲଢୁଆ ବିମାନ ସୁଖୋଇ-୩୦ ଏମକେଆଇରୁ ପରୀକ୍ଷଣ କରାଯାଇଛି। ଚାନ୍ଦିପୁର ଓଞ୍ଜ ରୁ ଏହାର ପ୍ରପଲ୍ସନ ସିଷ୍ଟମ, କଣ୍ଟ୍ରୋଲ ଓ ଗାଇଡାନ୍ସ ଆଲଗରିଦିମ୍ ଆଦି ପରୀକ୍ଷା କରାଯାଇଛି। ଆଣ୍ଟି ରେଡିଏସନ ମିଜାଇଲ୍ ଶତ୍ରୁପକ୍ଷର ରାଡାର୍, ଜାମର୍ ଓ ରେଡିଓ ସିଷ୍ଟମ ଆଦିକୁ ଚିହ୍ନଟ କରି ଧ୍ୱଂସ କରିଥାଏ ଓ ଯୋଗାଯୋଗ କ୍ଷମତାକୁ ନଷ୍ଟ କରିଥାଏ। ଭାରତର ପ୍ରଥମ ସ୍ୱଦେଶୀ ଆଣ୍ଟି ରେଡିଏସନ୍ ମିଜାଇଲ୍ ରୁଦ୍ରମ୍-ୱାନ୍ ୨୦୨୦ରେ ପରୀକ୍ଷଣ ହୋଇଥିବା ବେଳେ, ୪ ବର୍ଷ ପରେ ଏହାର ଉନ୍ନତ ଭର୍ସନ ରୁଦ୍ରମ୍-ଟୁ ପରୀକ୍ଷଣ ହୋଇଛି। ଏବେ ଭାରତୀୟ ସେନା ବ୍ୟବହାର କରୁଥିବା ରୁଷର ଆଣ୍ଟି ରେଡିଏସନ୍ ମିଜାଇଲ୍ କେଏଚ୍-୩୧ର ସ୍ଥାନ ନେବ ରୁଦ୍ରମ୍-ଟୁ।

## ହାଇୱା-ବସ୍ ଧକ୍କା: ଡ୍ରାଇଭର ମୃତ

ଭୁବନେଶ୍ୱର/ଯାଜପୁର, ୨୯/୫ (ନି.ପ୍ର): ହାଇୱାକୁ ପଛପଟୁ ପିଟିଲା ବସ । ଯାଜପୁର ବଡ଼ଚଣା ଥାନା କଢ଼େଇ ଓ ବନ୍ଧାଲୋ ଛକ ମଝିରେ ଗତକାଲି ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ବସର ଡ୍ରାଇଭର ମୃତ୍ୟୁବରଣ କରିଥିବା ବେଳେ ଯାତ୍ରୀ ସମେତ ୯ ଜଣ ଆହତ ହୋଇଛନ୍ତି । ଆହାତ ମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ବଡ଼ଚଣା ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ଜଳୁଛି ପଶ୍ଚିମ ଓଡ଼ିଶା: ବଲାଙ୍ଗୀରରେ ତାପମାତ୍ରା ୪୬.୩ ଡିଗ୍ରି ରେକର୍ଡ



ଭୁବନେଶ୍ୱର, ୨୯/୫ (ନି.ପ୍ର): ପ୍ରବଳ ଖରାରେ ପଶ୍ଚିମ ଓଡ଼ିଶା ଜଳୁଛି। ବିନା ଚପଲରେ ମାଟି ଉପରେ ପାଦ ରଖି ହେଉନାହିଁ। ପୋଖରୀର ପାଣି ଫୁଟୁଛି। ଆଜି ପଶ୍ଚିମ ଓଡ଼ିଶାର ୭ଟି ସହରର ତାପମାତ୍ରା ୪୫ ଡିଗ୍ରି ଉପରେ ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଚଳିତ ବର୍ଷ ବଲାଙ୍ଗୀର ତାପମାତ୍ରା ରେକର୍ଡ କରିଛି। ଏଠାରେ ୪୬.୩ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ସୋନପୁରରେ ୪୬.୨, ଟିଟିଲାଗଡ଼-ଝାରସୁଗୁଡ଼ାରେ ୪୬, ସମ୍ବଲପୁରରେ ୪୫.୬, ବୌଦ୍ଧରେ ୪୫.୩ ଓ ହୀରାକୁଦରେ ୪୫. ୧ ଡିଗ୍ରି ପାରଦ ଚଢ଼ିଛି। ପ୍ରବଳ ଖରା ଯୋଗୁଁ ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ପଶ୍ଚିମରେ ଅସହ୍ୟ ତାତିକୁ ଉପକୂଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ତାତି ସହ ପ୍ରବଳରୁ ଅତି ପ୍ରବଳ ଗ୍ରୀଷ୍ମ ପ୍ରବାହ ରହିବା ବୋଲି ପାଣିପାଗ ବିଭାଗ ଆକଳନ କରିଛି। ବଲାଙ୍ଗୀର, ସୋନପୁର, ଝାରସୁଗୁଡା, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଅନୁଗୁଳ, କେନ୍ଦୁଝର, ନୂଆପଡ଼ା, ସୁନ୍ଦରଗଡ଼ରେ ଗ୍ରୀଷ୍ମ ପ୍ରବାହ ରହିବ। ଏହାସହ ଉଷ୍ମ ରାତ୍ରିର ଅନୁଭୂତି ହେବାର ସମ୍ଭାବନା ରହିଛି।

## ଯଦି ମୋ ଦେହ ଖରାପ ଥାନ୍ତା ତେବେ ମୁଁ ଏତେ ଖରାରେ କେମିତି ପ୍ରଚାର କରନ୍ତି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୯/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜବାବ୍ ରଖିଛନ୍ତି। ସେ କହିଲେ, ଏତେ ଖରାରେ ମୁଁ ରାଜ୍ୟ ସାରା ବୁଲିବୁଲି ପ୍ରଚାର କରୁଛି, ଯଦି ମୋ ଦେହ ଖରାପ ଥାନ୍ତା ତେବେ ମୁଁ ପ୍ରଚାର କେମିତି କରନ୍ତି ? ଆପଣଙ୍କର ମୋ ସ୍ୱାସ୍ଥ୍ୟାବସ୍ଥା ନେଇ ଯଦି ଏତେ ଚିନ୍ତା ତେବେ ମୋତେ ଥରେ ଫୋନ କରିପାରିଥାନ୍ତେ । ଅଯଥା ଗୁଜବକୁ ବିଶ୍ୱାସ କରି ମୋ ସ୍ୱାସ୍ଥ୍ୟାବସ୍ଥା ପାଇଁ ଟିମ୍ ଗଠନ କରିବାକୁ ଜନସଭାରେ କହିନଥାନ୍ତେ। ଆପଣଙ୍କୁ ମୋ ସ୍ୱାସ୍ଥ୍ୟ ଚିନ୍ତା ନୁହେଁ ବରଂ ଭୋଟ୍ ଚିନ୍ତା। ମୋ ସ୍ୱାସ୍ଥ୍ୟକୁ ନେଇ ଗୁଜବ ପ୍ରଚାର କରାଯାଉଛି, ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଯେଉଁମାନେ ଗୁଜବ କରୁଛନ୍ତି ସେମାନଙ୍କ ପାଇଁ ଟିମ୍ ଗଠନ କରି ଯାଞ୍ଚ କରନ୍ତୁ ବୋଲି କହିଛନ୍ତି ନବୀନ। ଲୋକମାନେ ମୋ କଥା ଶୁଣିବାକୁ ଜନସଭାକୁ ଆସୁଛନ୍ତି, ମୋ ସ୍ୱାସ୍ଥ୍ୟାବସ୍ଥା କଥା ନୁହେଁ । ଆଜି ବାରିପଦା ସମାବେଶରେ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥାନେଇ ପ୍ରଶ୍ନ କରିଥିଲେ ମୋଦୀ। ସେ କହିଥିଲେ, ବର୍ଷେ ହେବ ନବୀନ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା ଏତେ ଖରାପ କେମିତି ହେଲା ? ନବୀନଙ୍କ ସହ ଅତି ଘନିଷ୍ଠ ଥିବା ଲୋକ କହୁଛନ୍ତି, ନବୀନ ଏବେ ନିଜେ କିଛି କରିପାରୁନାହାନ୍ତି। ନବୀନ ବାବୁଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ପଛରେ କିଛି ଷଡଯନ୍ତ୍ର ହୋଇଥାଇପାରେ ବୋଲି ତାଙ୍କ ଘନିଷ୍ଠ କହୁଛନ୍ତି। ▶▶ପୃଷ୍ଠା ୭

## ଘରେ ନିଆଁ ଲାଗି ଫାଟିଲା ଗ୍ୟାସ୍ ଟାଙ୍କି

ବାଲେଶ୍ୱର, ୨୯/୫ (ନି.ପ୍ର): ନିଆଁ ଲାଗି ସମ୍ପୂର୍ଣ୍ଣ ଭାବେ ପୋଡ଼ିଗଲା ଘର। ଏଭଳି ଅଗ୍ନିକାଣ୍ଡ ଘଟିଛି ବାଲେଶ୍ୱର ସହଦେବ ଖୁଣ୍ଟା ଥାନା ଅନ୍ତର୍ଗତ ଝଡ଼େଶ୍ୱର ମନ୍ଦିର ନିକଟରେ ଥିବା ଗୋଟିଏ ଘରେ। ଆଜି ସେଇ ଘରେ ପରିବାର ଲୋକେ ଥିବା ବେଳେ ରୋଷେଇ ଘରେ ହଠାତ୍ ନିଆଁ ଲାଗିଥିଲା। ଏହା ଦେଖି ସମସ୍ତେ ଭୟରେ ଘରୁ ବାହାରି ଯାଇଥିଲେ। ନିଆଁ ତୀବ୍ର ହେବାରୁ ନିଆଁକୁ ଆୟତ କରିହୋଇନଥିଲା। ଫଳରେ ଘରେ ଥିବା ଗ୍ୟାସ୍ ଟାଙ୍କୀ ଫାଟିଥିଲା। ତେବେ ଅଳ୍ପକେ ବର୍ତ୍ତିଯାଇଥିଲା ଗୋଟିଏ ପରିବାର ଜୀବନ।

## ଭୟଙ୍କର ହେଉଛି ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧ

ନୂଆଦିଲ୍ଲୀ, ୨୯/୫ : ଥମୁନି ଇସ୍ରାଏଲ-ପାଲେଷ୍ଟାଇନ କଳି । ହମାସକୁ ପାନେ ଚଖେଇବାକୁ ଇସ୍ରାଏଲର ଘନ ଘନ ଏୟାରଷ୍ଟ୍ରାଇତ୍ ଜାରି । ଫଳରେ ୪୫ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ସେପଟେ ଅସ୍ତ୍ରବିରତି ପ୍ରୟାସ ବିଫଳ ପାଇଁ ଇସ୍ରାଏଲକୁ ବିଶ୍ୱ ସମୁଦାୟର ନିନ୍ଦା । ସୋସିଆଲ ମିଡିଆରେ ଭାଇରାଲ ହେଲା ଅଲ ଆଇଜ୍ ଅନ ରାଫା ପୋଷ୍ଟ୍ । ଥମୁନି ଇସ୍ରାଏଲ-ପାଲେଷ୍ଟାଇନ କଳି । ହମାସକୁ ପାନେ ଚଖେଇବାକୁ ଇସ୍ରାଏଲର ଘନ ଘନ ଏୟାରଷ୍ଟ୍ରାଇକ ଜାରି ରଖିଛି । ଆକ୍ରମଣରେ ୪୫ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ହମାସର ଆକ୍ରମଣ ପରେ ଦକ୍ଷିଣ ଗାଜାର ରାଫା ସହର ଉପରେ ଲଗାତାର ରକେଟ୍ ମାଡ କରିଛି ଇସ୍ରାଏଲ୍ । ସେପଟେ ଉଭୟ ଦେଶ ମଧ୍ୟରେ ଅସ୍ତ୍ରବିରତି ପାଇଁ ଆଇସିଜେ ଓ ଜାତିସଂଘ ଅଦାଲତର ଉଦ୍ୟମ ବିଫଳ ହେଉଥିବା ଜଣାପଡିଛି । ରାଫା ଉପରେ ଇସ୍ରାଏଲର ଏହି ଆକ୍ରମଣକୁ ବିଶ୍ୱର ବିଭିନ୍ନ ରାଷ୍ଟ୍ର ନିନ୍ଦା କରିଛନ୍ତି । ସୋସିଆଲ ମିଡିଆରେ ବି ରାଫା ଆକ୍ରମଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅଲ ଆଇଜ୍ ଅନ ରାଫା ନାଁ ଥିବା ଏକ ପୋଷ୍ଟକୁ ଲକ୍ଷ ଲକ୍ଷ ଥର ସେୟାର କରାଯାଇଛି । ତେବେ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଗତ ବର୍ଷ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଏହି ଭୟାବହ ଯୁଦ୍ଧରେ ଏଯାଏଁ ୪୦ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି ।

## ସୀମାନ୍ତରେ ନକ୍ସଲ ପୁଲିସ ଗୁଳି ବିନିମୟ: ୨ ନକ୍ସଲ ନିହତ, ମାଓ ସାମଗ୍ରୀ ଜବତ



ମାଲକାନଗିରି, ୨୯/୫ (ନି.ପ୍ର): ସୀମାନ୍ତରେ ନକ୍ସଲ ଓ ପୁଲିସ ମଧ୍ୟରେ ପୁଣି ଗୁଳିବିନିମୟ ଘଟିଛି। ବିଜାପୁର ଜିଲ୍ଲାର ମେଧାଡ ଅଂଚଳରେ ନକ୍ସଲ ଓ ପୁଲିସ ମଧ୍ୟରେ ଗୁଳିବିନିମୟରେ ୨ ଜଣ ନକ୍ସଲ ପୋଷାକଧାରୀ ନକ୍ସଲଙ୍କର ମୃତ୍ୟୁ ହୋଇଛି। ବିଜାପୁର ଏସପି ଯିତେନ୍ଦ୍ର ଯାଦବ ଗଣମାଧମକୁ ସୂଚନା ଦେଇଛନ୍ତି ଯେ ଦୁଇ ଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ନାମରେ ୫ ଲକ୍ଷ ଟଂକାର ପୁରସ୍କାର ରାଶି ସରକାର ଘୋଷଣା କରିଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରିବା ପରେ ମାଓବାଦୀଙ୍କ ବିପୁଳ ପରିମାଣରେ ବିସ୍ଫୋରକ, ଦୈନନ୍ଦିନ ସାମଗ୍ରୀ ସହ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ବିଜାପୁରର ମେଧାଡ ଅଂଚଳରେ ଯବାନଙ୍କର ଘନ ଘନ ଚଢାଉରେ ନକ୍ସଲ ଏକ ପ୍ରକାର ବେକଫୁଟରେ ଚାଲିଯାଇଥିଲେ। ଏହି ଅଂଚଳ ସଂପୂର୍ଣ୍ଣ ନକ୍ସଲ ମୁକ୍ତ ଥିଲା।କିନ୍ତୁ ନକ୍ସଲ ପୁଣି ମେଧାଡ ଅଂଚଳକୁ ନିଜ ଅକ୍ତିଆରରେ ଆଣିବା ପାଇଁ ପହଞ୍ଚିଥିଲେ।

## ୨ରେ ଜେଲ୍ ଯିବେ କେଜ୍ରିୱାଲ: ଜାମିନ ଅବଧି ବୃଦ୍ଧି ଆବେଦନ ଖାରଜ



ନୂଆଦିଲ୍ଲୀ, ୨୯/୫ : ହେବନି ଜାମିନ ଅବଧି ବୃଦ୍ଧି। ଜୁନ୍ ୨ ତାରିଖରେ ହିଁ ଜେଲ୍ ଯିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ୨ ଜୁନରେ କୋର୍ଟରେ ସରେଣ୍ଡର କରିବେ କେଜ୍ରିୱାଲ। ସୁପ୍ରିମକୋର୍ଟଙ୍କ ଏହି ରାୟ ଆସିବା ପରେ କେଜ୍ରିୱାଲଙ୍କୁ ବଡ଼ ଝଟ୍କା ଲାଗିଛି। ପ୍ରକୃତରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ମଧ୍ୟବର୍ତ୍ତିକାଳୀନ ଜାମିନ ଅବଧିକୁ ଆଉ ୭ ଦିନ ପାଇଁ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏଥିସହ ଏହି ଆବେଦନର ତୁରନ୍ତ ଶୁଣାଣି କରିବାକୁ ସେ କୋର୍ଟକୁ ଗୁହାରି କରିଥିଲେ। ତେବେ ତାଙ୍କର ଏହି ଆବେଦନକୁ ସୁପ୍ରିମକୋର୍ଟ ତତ୍କାଳ ଶୁଣାଣି କରିବାକୁ ମନା କରିବା ସହ ଖାରଜ କରିଦେଇଛନ୍ତି। କେବଳ ଏତିକି ନୁହେଁ, ଆବେଦନ ବିଳମ୍ବରେ ଦାଖଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି କୋର୍ଟ। ଦିଲ୍ଲୀ ସିଏମ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରି ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ରେଜିଷ୍ଟ୍ରି କହିଛି, 'ସୁପ୍ରିମକୋର୍ଟ ସିଏମଙ୍କୁ ଟ୍ରାଏଲ କୋର୍ଟରେ ଜାମିନ ଆବେଦନ କରିବାକୁ ସ୍ୱାଧୀନତା ଦେଇଛନ୍ତି। ମାମଲାର ଶୁଣାଣି ଅନ୍ୟ ଏକ ବେଞ୍ଚ ନିକଟରେ ସଂରକ୍ଷିତ ରହିଛି। ଏହାଛଡା ଶୁଣାଣି ପାଇଁ ଏହି ଆବେଦନକୁ ସୁପ୍ରିମକୋର୍ଟ୍ ମୁଖ୍ୟ ବିଚାରପତି ଡିୱାଇ ଚନ୍ଦ୍ରଚୁଡଙ୍କ ନିକଟକୁ ପଠାଇ ଦିଆଯାଇଛି।' ସୁପ୍ରିମକୋର୍ଟଙ୍କ ଏଭଳି ନିଷ୍ପତ୍ତି ପରେ କେଜ୍ରିୱାଲ ଆସନ୍ତା ଜୁନ୍ ୨ରେ ସରେଣ୍ଡର କରିବା ସ୍ପଷ୍ଟ ହୋଇଛି। ଆମ୍ ଆଦମୀ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ମେ' ୧୦ରେ ଜଷ୍ଟିସ ସଞ୍ଜୀବ ▶▶ପୃଷ୍ଠା ୭

## ନିର୍ବାଚନ ପରେ ବିଜେପି-ବିଜେଡି ପୁଣି ଏକାଠି ହୋଇଯିବେ: ଖଡ଼୍ଗେ



ବାଲେଶ୍ୱର, ୨୯/୫ (ନି.ପ୍ର): ବାଲେଶ୍ୱରରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ପ୍ରଚାର କରିଛନ୍ତି। ଏହାସହ ବାଲେଶ୍ୱର ମାଟିରୁ ବିଜେପିକୁ ଟାର୍ଗେଟ କରିଛନ୍ତି ଖଡଗେ। ସେ କହିଛନ୍ତି, ଲୋକ ପଚାରୁଛନ୍ତି ବିଜେପିକୁ ଆମେ ହରାଇପାରିବା ତ ? ବିଜେପିକୁ ଯଦି ନ ହଟାଇବା ତେବେ ସମ୍ବିଧାନ ବିପଦରେ, ଲୋକକନ୍ତ୍ର ବି ବିପଦରେ ରହିବ। ଯଦି ଲୋକତନ୍ତ୍ର ଓ ସମ୍ବିଧାନ ବିପଦରେ ରହିବ ତେବେ ଆମ ଭବିଷ୍ୟତ ବି ବିପଦରେ ରହିବ। ସେମାନଙ୍କୁ ହଟାଇବା ଜରୁରୀ। ଦେଶରେ ଗରିବ ଏତେ ମାତ୍ରାରେ ବଢୁଛି ଯେ ଲୋକ ଚିନ୍ତାରେ ଅଛନ୍ତି। ସେପଟେ ଯୁବକଙ୍କୁ ଚାକିରି ନାହିଁ, ସେମାନେ ବି ଚିନ୍ତାରେ। ମୋଦୀ ଜୀଙ୍କୁ ଏହାର ଚିନ୍ତା ନାହିଁ। ଦେଶକୁ ବଞ୍ଚାଇବା ଆମର ଏକମାତ୍ର ଚିନ୍ତା। ଗରିବଙ୍କୁ ଯେଉଁ ▶▶ପୃଷ୍ଠା ୭

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୩୦ ମଇ ୨୦୨୪, ଗୁରୁବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆରମ୍ଭରୁ ଶେଷ...

ଲଗାତର ଦୁଇ ଦୁଇଟି ଅଗ୍ନିକାଣ୍ଡ, ଦେଶର ଦୁଇଗୋଟି ଭାଗରେ- ୪୦ ଜଣଙ୍କ ଜୀବନ ହାନି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନବଜାତ ଶିଶୁ ଓ ଛୋଟ ପିଲା । ଅନ୍ୟ ସବୁ ଦୁର୍ଘଟଣା ଭଳି ଏହାକୁ ହୁଏତ ଦୁର୍ଘଟଣା ଭାବରେ ଗଣନା କରାଯାଇ ପାରିଥାନ୍ତା ଏବଂ ଚିରାଚରିତ ଢଙ୍ଗରେ କିଛି ଦିନ ପରେ ଲୋକମାନେ ଏହାକୁ ଭୁଲି ମଧ୍ୟ ଯିବେ। କିନ୍ତୁ ସେଗୁଡ଼ିକ ଉପରେ ଏକ ବିହଙ୍ଗାବଲୋକନ ମଧ ସେଗୁଡ଼ିକରେ ଏକ ନିର୍ଦ୍ଦିଷ୍ଟ ଧରଣର ଶୈଳୀ ଦେଶରେ କାମ କରୁଥିବାକୁ ସାମ୍ନାକୁ ଆଣିବ: ଆଇନକୁ ଆଖ୍ୟାର ମାରି, ଆଇନତଃ ବାଧ୍ୟତାମୂଳକ ହୋଇଥିବା ଅଗ୍ନିଶମ ବ୍ୟବସ୍ଥାର ବନ୍ଦୋବସ୍ତ ନ କରି ବ୍ୟବସାୟ ଚଳାଉ ଥିବା ଲୋଭୀ ବ୍ୟବସାୟୀମାନଙ୍କର ତଥା ମାନବ ଜୀବନ ଓ ସମ୍ପତ୍ତିର ସୁରକ୍ଷା ନିମିତ୍ତ ହୋଇଥିବା ଆଇନକୁ କାର୍ଯ୍ୟରେ ଲଗାଇବା ପାଇଁ ଉଦ୍ଦିଷ୍ଟ ସମ୍ପୃକ୍ତ ସରକାରୀ ସଂସ୍ଥାମାନଙ୍କର ଉଦାସୀନତା ପ୍ରଦର୍ଶନ କରୁଥିବାର ଏକ ଶୈଳୀ । ତେବେ ଏଇ ପରିପ୍ରେକ୍ଷୀରେ ନେତାମାନେ ଡିଣ୍ଡିମ ପିଟୁଥିବା ଭାରତର ଶିଶୁ ମୃତ୍ୟୁହାରର ଏକ ନିଛକ ଚିତ୍ରକୁ ଅବଲୋକନ କରିବା- ଯାହାକୁ ଅଣଦେଖା କରିବା କଦାଚିତ୍ ସମ୍ଭବପର- କିପରି ଆମ ଦେଶରେ ଜୀବନ ଆରମ୍ଭ ହେଉ ହେଉ ତା'ର ନାଟକରେ ଯବନିକା ପଡ଼ି ଯାଇଥାଏ। ୨୦୨୦ରେ ନମୁନା ପଞ୍ଜିକରଣ ବ୍ୟବସ୍ଥାରେ ଥିବା ପରିସଂଖ୍ୟାନଗତ ରିପୋର୍ଟରେ ମୁଖ୍ୟଶ ଭାବରେ ଦର୍ଶା ଯାଇଥିବା ୨୦୧୪ଠାରୁ ଭାରତର ଶିଶୁ ମୃତ୍ୟୁହାରରେ ପ୍ରଗତିମୂଳକ ହ୍ରାସକୁ ଏକ ଯୁଗାନ୍ତକାରୀ ସଫଳତା ଭାବରେ ପରିଗଣନା କରାଯାଇ ଆସିଛି । ପରନ୍ତୁ, ଏହାର ପରବର୍ତ୍ତୀ ସ୍ୱାସ୍ଥ୍ୟ ସର୍ବେକ୍ଷଣଗୁଡ଼ିକ ଦର୍ଶାଇ ଥାଏ ଯେ ଏହି ପ୍ରଗତି ଦେଶର ସବୁ ଭାଗରେ ସମାନ ନୁହେଁ ବା ଅତି କଦର୍ଯ୍ୟ; ବିପରୀତାତ୍ମକ। ଜାମା ନେକ୍ ଓପନ୍‌ରେ ପ୍ରକାଶିତ ଅଦ୍ୟତମ ତଥ୍ୟ ଦର୍ଶାଇ ଥାଏ ଯେ ନବଜାତକମାନଙ୍କ ମୃତ୍ୟୁହାର ସ୍ଥିର ହୋଇ ରହିଛି ; ଅନେକଗୁଡ଼ିଏ ରାଜ୍ୟରେ ବୃଦ୍ଧି ମଧ୍ୟ ପାଇଛି । ଗବେଷଣା ଅନୁସାରେ, ଯାହା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏସ୍ଏସ୍ଏସ୍ଏସ୍), ପ୍ରାକ୍-ଏନ୍ଏମ୍ଆର୍, ଯାହା ଜନ୍ମର ପ୍ରଥମ ସାତ ଦିନ ମଧ୍ୟରେ ମୃତ୍ୟୁକୁ ଅନ୍ତର୍ଭୁକ୍ତ କରିଥାଏ, ତା'ର ତିନି ଦଶନ୍ଧିର ତଥ୍ୟାବଳୀଗୁଡ଼ିକର ମେଳକ ଦର୍ଶାଇଛି ଯେ ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ମୃତ୍ୟୁ ହାରାହାରି ୫୦ ପ୍ରତିଶତ। ସମଗ୍ର ଦେଶରେ ସାମଗ୍ରିକ ଭାବରେ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମୃତ୍ୟୁହାରରେ ଅବନତି- ୨୦୧୫-୧୬ରେ ୧ ହଜାର ଜୀବନ୍ତ ଜନ୍ମିତ ଶିଶୁରେ ୫୦ରୁ ୨୦୧୯-୨୧ରେ ୪୨- ଘଟିଥିବା ବେଳେ ପ୍ରାକ୍- ନବଜାତକ ମୃତ୍ୟୁହାର ନଅଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବୃଦ୍ଧି ପାଇଛି। ବିଳମ୍ବିତ ନବଜାତକ ମୃତ୍ୟୁ, ଯାହା ଜନ୍ମର ୮ ଦିନ ପରେ ଏବଂ ୨୮ ଦିନ ମଧ୍ୟରେ ହୋଇଥାଏ, ତାହା ୧୩ ଗୋଟି ରାଜ୍ୟରେ ବୃଦ୍ଧି ପାଇଛି ନଚେତ୍ ସ୍ଥିର ରହିଛି, ଯେତେବେଳେ କି ଉତ୍ତର-ନବଜାତ ମୃତ୍ୟୁହାର, ଯାହା ଏକ ମାସ ଓ ଗୋଟିଏ ବର୍ଷ ମଧ୍ୟରେ ଘଟିଥାଏ, ତାହା ୧୨ଟି ରାଜ୍ୟରେ ବୃଦ୍ଧି ପାଇଛି । ମଜାର କଥା ହେଉଛି, ଏହି ସଂଖ୍ୟାଗୁଡ଼ିକ ସରକାରଙ୍କ- ଭାରତ ନବଜାତ ଶିଶୁଙ୍କ ମୃତ୍ୟୁହାର କ୍ଷେତ୍ରରେ ୨୦୩୦ ସୁଦ୍ଧା ପରିପୋଷଣୀୟ ବିକାଶ ଲକ୍ଷ୍ୟ, ଅର୍ଥାତ୍ ୧୦୦୦ ଜୀବନ୍ତ ପ୍ରସବରେ ୧୨ ମୃତ୍ୟୁକୁ ହାସଲ କରିବା ନିମନ୍ତେ ପ୍ରଗତି ପଥରେ ଆଗେଇ ଚାଲିଛି ବୋଲି କୁହାଯାଉଥିବା କାହାଣୀରେ ଛିଦ୍ର ରହିଥିବାକୁ ଦର୍ଶାଇଛି । ସାଧାରଣତଃ ଶିଶୁ ମୃତ୍ୟୁହାର ଏବଂ ଆନୁଷ୍ଠାନିକ ପ୍ରସବ ମଧ୍ୟରେ ଏକ ବିପରୀତାତ୍ମକ ସମ୍ବନ୍ଧ ରହିଥିବା ଦେଖା ଯାଇଥାଏ । କିନ୍ତୁ ଏହି ନୂତନ ତଥ୍ୟଗୁଡ଼ିକ ଏକ ଚିନ୍ତା କରିବା ଭଳି ଅସଙ୍ଗତି ସମ୍ପର୍କରେ ଉଲ୍ଲେଖ କରିଛି । ୨୦୦୫ରୁ ୨୦୧୯ ମଧ୍ୟରେ ଆନୁଷ୍ଠାନିକ ପ୍ରସବର ଶତକଡ଼ା ହାରରେ ଦୁଇ ଗୁଣ ବୃଦ୍ଧି ପାଇଥିବା ସତ୍ତ୍ୱେ ଶିଶୁ ମୃତ୍ୟୁହାର ବୃଦ୍ଧି ପାଇ ଚାଲିଛି। ୨୦୦୫ରୁ ଜନନୀ ସୁରକ୍ଷା ଯୋଜନା ଭଳି କାର୍ଯ୍ୟକ୍ରମ ଜରିଆରେ ଆନୁଷ୍ଠାନିକ ପ୍ରସବଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଇ ଆସୁଥିବା ବେଳେ ୨୦୨୦ରେ ଏହି କାର୍ଯ୍ୟକ୍ରମ ଅଧୀନରେ ହାରାହାରି ୧୦ ମିଲିଅନ୍ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଥିବାର ବିବରଣୀ ମିଳିଥାଏ । ଏ କ୍ଷେତ୍ରରେ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ମେରୁଦଣ୍ଡ ଭାବରେ ବିବେଚିତ ହେଉଥିବା ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ ଏବଂ ଧାଇମା'ମାନେ ଅତ୍ୟଧିକ ପରିମାଣରେ ଭାରାକ୍ରାନ୍ତ ହେଉଥିବା ବେଳେ ସେମାନେ ସେମାନଙ୍କ ପରିଶ୍ରମ ତୁଳନାରେ ସ୍ୱଳ୍ପ ବେତନ ପ୍ରାପ୍ତ ହୋଇଥାନ୍ତି । ପୁନଶ୍ଚ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ବାଧ୍ୟତାମୂଳକ ଭାବରେ ଅନେକ ସ୍ଥାନରେ ପ୍ରତିଷ୍ଠିତ ନବଜାତକ ଯତ୍ନ କେନ୍ଦ୍ରଗୁଡ଼ିକରେ ମଧ ଆବଶ୍ୟକତା ମୁତାବକ କର୍ମଚାରୀଙ୍କ ଅଭାବ ସହିତ ଦୃଢ଼ୀକରଣ ୟୁନିଟ୍‌ଗୁଡ଼ିକର ଅଭାବ ଦେଖା ଯାଇଥାଏ। ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ କ୍ଷେତ୍ରରେ ଘଟୁଥିବା ପ୍ରାଣହାନିରୁ ପ୍ରାୟ ଅର୍ଦ୍ଧେକ ପ୍ରତିରୋଧ କରାଯାଇ ପାରନ୍ତା। ପରନ୍ତୁ, ତାହା ହୋଇପାରୁ ନାହିଁ । କହିବା ବାହୁଲ୍ୟ, ନବଜାତକମାନଙ୍କୁ ବଞ୍ଚାଇବା ସରକାରଙ୍କ କର୍ତ୍ତବ୍ୟ । ପରିଶେଷରେ, ବର୍ତ୍ତମାନ ବିଶ୍ୱର ପଞ୍ଚମ ହୋଇଥିବା ସଙ୍ଗେ ସଙ୍ଗେ ତୃତୀୟ ବୃହତ୍ତମ ଅର୍ଥନୀତି ଭାବରେ ପରିଗଣିତ ହେବା ପଥରେ ପଥୁକ ହୋଇଥିବା ଭାରତ ବୈଶ୍ୱିକ ମାନର ନିରାପତ୍ତା ବ୍ୟବସ୍ଥାକୁ ଆପଣାଇବା ସହିତ ଏହାର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିବା ଉଚିତ। ଜରୁରୀ କାଳୀନ ପରିସ୍ଥିତିଗୁଡ଼ିକର ମୁକାବିଲା କରିବା ପାଇଁ ଏହା ନିକଟରେ ଅଦ୍ୟତନ ସାଧନ ଓ ପ୍ରଯୁକ୍ତି ସହିତ ଉପଯୁକ୍ତ ଭାବରେ ପ୍ରଶିକ୍ଷିତ ମାନବ ସମ୍ବଳ ରହିବା ବିଧେୟ ।

# ସାଇକେଲର ମହତ୍ତ୍ୱ

### ବୈଷ୍ଣବ ମେହେର

ଦିନ ଥିଲା ପ୍ରାୟ ସମସ୍ତଙ୍କ ଘରେ ଯେ ନିହାତି ସାଇକେଲଟିଏ ଥିଲା ଏକଥା ନୁହେଁ ବରଂ ଆଖପାଖ କେଉଁଠି ଯିବାକୁ ହେଲେ ସାଇକେଲ ହିଁ ମୁଖ୍ୟ ମାଧ୍ୟମ ଥିଲା । ବାହାଘର ବେଳେ ଝିଅବାପା ବରକୁ ସାଇକେଲ ଉପହାର ଦେବା ହେଉ କି ସ୍କୁଲ ପାଠ ସାରି କଲେଜରେ ପାଦ ଦେଉଥିବା ପୁଅଝିଅକୁ ଘରେ ନୂଆଁ ସାଇକେଲ ଉପହାର ଦେବା ସାଧାରଣ କଥା ଥିଲା । ଏବେ ବାହାଘରରେ ସାଇକେଲ ଉପହାର ସଂପୂର୍ଣ୍ଣ ଲୋପ ପାଇ ଯାଇଥିବା ବେଳେ ସ୍କୁଲ ସମୟରୁ ପିଲାମାନେ ବାଇକ୍ ଧରିଲେଣି । ଗାଁ ହେଉ କି ସହର ପାଖ ଛକ କିମ୍ବା ବଜାର ଯାଏଁ ଯିବାକୁ ଗାଡ଼ିମଟର ନ ହେଲେ କେହି ଘରୁ ବାହାରୁ ନାହାନ୍ତି। ସଂପ୍ରତି ସାଇକେଲ ଏକ ରାଜନୈତିକ ଉପାଦାନ ବୋଲି କହିଲେ ବି ଚଳିବ। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ନେତା ମଂତ୍ରିମାନେ ଦିନେ ଦୁଇଦିନ ସାଇକେଲ ଧରି ଅଫିସକୁ ଆସିବା ଏକପ୍ରକାର ସୌଖୀନ ପାଲଟି ଗଲାଣି।

ସାଇକେଲ ହିଁ ଅତି ସହଜ, ସରଳ ଓ ସୁବିଧାଜନକ ବାହନ ଯାହା ମଣିଷକୁ ବିନା ଖର୍ଚ୍ଚରେ ଅନ୍ୟତ୍ର ଯିବାରେ ସହଯୋଗ ଦେଇ ଆସିଛି । ଆମ ଦେଶର ପ୍ରଧାନମଂତ୍ରି ନିଜ 'ମନ କି ବାତ୍'ରେ ମଧ୍ୟ ଏକାଧିକ ଥର ସାଇକେଲକୁ ବେଶ୍ ଗୁରୁତ୍ୱ ଦେବା ସହ ସପ୍ତାହକୁ ଦିନଟିଏ ସାଇକେଲ ଚଲାଇବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଅର୍ନ୍ତଜାତୀୟ ବଜାରରେ ହୁ ହୁ ହୋଇ ବଢ଼ୁଥିବା ପେଟ୍ରୋଲ ଦର ଏବଂ ଆମ ଦେଶ ଖଣିଜ ତୈଳ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଥିବାରୁ ପ୍ରଧାନମଂତ୍ରିଙ୍କ ପରାମର୍ଶ ଅନୁସାରେ ଆମେ ଯଥାସମ୍ଭବ କମ ଖଣିଜ ତୈଳ ବ୍ୟବହାର କରିବା ଆବଶ୍ୟକ। ତେବେ ସପ୍ତାହକ ଗୋଟିଏ ଦିନ ବଦଳରେ ପ୍ରତିଦିନ କାହିଁକି ସାଇକଲ ବ୍ୟବହାର ନ କରିବା। ଘର ପାଖ ଛକ, ଦୋକାନ ବଜାର, କାର୍ଯ୍ୟାଳୟ,ସ୍କୁଲ କଲେଜ ଆଦିକୁ ଗଲା ବେଳେ ସାଇକଲରେ ତ ଯାଇପାରିବା । ମହାମାରୀ କୋଭିଡ଼ର ଲକଡ଼ାଉନ୍ ସମୟରେ ରାଜ୍ୟ ବାହାରକୁ ପେଟପାଟଣା ପାଇଁ ଯାଇଥିବା ଶହଶହ ପ୍ରବାସୀ ହଜାର ହଜାର କିଲୋମିଟର ଦୂରରୁ ସାଇକେଲରେ ନିଜନିଜ ଗାଁକୁ ଫେରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଘରେ ଥିବା ଲୋକ ମଧ୍ୟ ଲକଡ଼ାଉନ ସମୟରେ ଜରୁରି ବେଳେ ବାହାରକୁ ଯିବା ପାଇଁ ସାଇକେଲକୁ ହିଁ ବ୍ୟବହାର କରୁଥିଲେ । ଏସବୁ ଦେଖିଲା ପରେ ସାଇକେଲର ପୂର୍ବ ଆକର୍ଷଣ ଫେରି ଆସିବ ବୋଲି ଅନେକଙ୍କ ମନରେ ଆଶା ଟିଏ ସଂଚରିତ ହୋଇଥିଲା। କିନ୍ତୁ ଏହି ଆଶା ବେଶୀ ଦିନ ରହିଲା ନାହିଁ । କୋଭିଡ଼ ସଂକ୍ରମଣ ସାମାନ୍ୟ କମିଲା କି ନାହିଁ, ସାଇକେଲ ଛାଡ଼ି ପୁଣି ଲୋକେ ହଜିଗଲେ ଗାଡ଼ିମଟରର ଭିଡ଼ ଭିତରେ ।

ସାଇକେଲ ଚଲାଇବା ଦ୍ୱାରା ଆମେ ପେଟ୍ରୋଲ, ଡିଜେଲ ଖର୍ଚ୍ଚକୁ ଯେ ବଂଚେଇ ପାରିବା, ତାହା ନୁହେଁ । ଅଧିକନ୍ତୁ ସାଇକେଲ ଚଲାଇବା ଦ୍ୱାରା ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଆମ ଜୀବନକୁ ପ୍ରଭାବିତ କରିବ । ପ୍ରଥମ କଥା ତ ପ୍ରତ୍ୟହ ସାଇକେଲ ଚାଳନା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ଭାବରେ ଆମେ ସୁସ୍ଥ ରହିପାରିବା । ବ୍ରିଟିଶ ମେଡ଼ିକାଲ ଆସୋସିଏସନ୍ କହିବା ଅନୁଯାୟୀ ନିୟମିତ ସାଇକେଲ ଚଳାଇବା ଦ୍ୱାରା ୫୦ ପ୍ରତିଶତ ହୃଦରୋଗ ଆଶଙ୍କା କମିଯାଇଥାଏ । ମାଂସପେଶୀର ଶକ୍ତି ବୃଦ୍ଧି ଘଟିବା ସହ ଓଜନ କମାଇବାରେ ମଧ୍ୟ ସହାୟକ ହୁଏ । ସପ୍ତାହରେ ଅନ୍ତତଃ ଚାରିଦିନ ଦିନକୁ ଅଧଘଣ୍ଟା ଲେଖାଏଁ ସାଇକେଲ ଚଲାଇଲେ ପିଠି ଯଂତ୍ରଣା ଦୂର ହେବା ସହ ଏହା ମଧୁମେହ ରୋଗୀଙ୍କ ପାଇଁ ବ୍ୟାୟାମର ବିକଳ୍ପ ଭଳି କାର୍ଯ୍ୟ କରେ । ପୁନଶ୍ଚ ସାଇକ୍ଲିଂ ଦ୍ୱାରା ଶରୀରର ସମସ୍ତ ଅଙ୍ଗର ବ୍ୟାୟାମ ହେଉଥିବାରୁ ବ୍ୟକ୍ତିର ମାନସିକ ଚାପକୁ କମାଇବା ସହ ଶରୀରରେ ହାପି ହରମୋନର କ୍ଷରଣକୁ ପ୍ରେରିତ କରି ଏହା ବ୍ୟକ୍ତିକୁ ଖୁସି ରଖେ ବୋଲି ବିଶେଷଜ୍ଞ ମତ ଦିଅନ୍ତି । ଦ୍ୱିତୀୟରେ ସାଇକଲ ଚଲାଇବା ଦ୍ୱାରା ପରିବେଶକୁ ଅନେକାଂଶରେ ପ୍ରଦୁଷଣ ମୁକ୍ତ ରଖିପାରିବା । ଗାଡ଼ିମଟରରୁ ନିର୍ଗତ ବିଷାକ୍ତ ଧୂଆଁଧୂଳି ଏବଂ ବିକଟାଳ ଶବ୍ଦ ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷଣ ହେଉଛି । ଉକ୍ତ ପ୍ରଦୂଷିତ ବାୟୁକୁ ନିଶ୍ୱାସରେ ଗ୍ରହଣ କରି ଆମେ ଅନେକ ସାଂଘାତିକ ରୋଗର ଶୀକାର ହେଉଛୁ । ପୁଣି ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁଁ ତାପମାତ୍ରା ବଢ଼ିବାରେ ଲାଗିଛି । ତେଣୁ ସାଇକଲ ବ୍ୟବହାର କଲେ ଅନେକାଂଶରେ ପରିବେଶ ସୁରକ୍ଷିତ ରହିବ ଯାହା ଆମେ ଗତବର୍ଷ ଲକଡ଼ାଉନ୍ ସମୟରେ ଉପଲବଧ କରିଛୁ । ସାଇକେଲ ଚଲାଇବାର ତୃତୀୟ ଲାଭ ହେଉଛି ପ୍ରତିଦିନ ରାସ୍ତାରେ ସମସ୍ୟା ସୃଷ୍ଟି କରୁଥିବା ଟ୍ରାଫିକରୁ ନିସ୍ତାର ମିଳିବ । ଗାଡ଼ିମଟର ଯୋଗୁଁ ଦୁର୍ଘଟଣା ଘଟି ଯେଉଁ ମାତ୍ରାରେ ଧନଜୀବନର ହାନି ଘଟୁଛି, ଏହା ମଧ୍ୟ ନିୟଂତ୍ରଣ ହୋଇପାରିବ ।

ଭାରତୀୟଙ୍କ ଅପେକ୍ଷା ବିଦେଶୀ ମାନେ ଏବେ ସାଇକଲ ପ୍ରତି ବେଶୀ ଆକୃଷ୍ଟ ଥିବା ଜଣାପଡ଼େ । ଡେନମାର୍କରେ ପ୍ରାୟ ୫୨% ଲୋକ ନିୟମିତ ସାଇକଲ ଚଳାଇଥାନ୍ତି । ବେଲଜିୟମରେ ୪୮% ଲୋକ, ଜାପାନରେ ୫୮%, ଫିନଲାଣ୍ଡରେ ୭୮% ଲୋକ ସାଇକେଲ ଚଳାଉଥିବା ବେଳେ ଆମ ଦେଶରେ ମାତ୍ର ୧୦% ଲୋକ ସାଇକେଲର ଉପଯୋଗ କରିବା ଏହି ସରଳ ଓ ଉପାଦେୟ ଯାନ ପ୍ରତି ଆମର ଆନଗ୍ରହକୁ ସୂଚାଉଛି । ଅବଶ୍ୟ ଅନ୍ୟ ଦେଶ ମାନଙ୍କରେ ସାଇକେଲ ଚାଳନାକୁ ସେଠାକାର ସରକାର ସ୍ୱତଂତ୍ର ଧ୍ୟାନ ଦେଉଛନ୍ତି । ସାଇକେଲ ଚଲାଇବା ପାଇଁ ସ୍ୱତଂତ୍ର ମାର୍ଗ ତିଆରି କରାଯାଇଛି । ଲୋକଙ୍କୁ ରିହାତି ଦରରେ ସାଇକେଲ ଯୋଗାଇ ଦିଆଯାଉଛି । ନେଦରଲାଣ୍ଡରେ ତ ସାଇକେଲ ଚାଳକଙ୍କୁ ସେଠାକାର ସରକାର ସ୍ୱତଂତ୍ର ଉତ୍ସାହ ପ୍ରଦାନ କରିବାକୁ ଯାଇ ସାଇକେଲରେ ଅଫିସ ଯାଉଥିବା କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି । ସାଇକେଲରେ ଅଫିସ ଆସୁଥିବା କର୍ମଚାରୀଙ୍କୁ କିଲୋମିଟର ପ୍ରତି ୦.୨୨ ଡଲାର ଅର୍ଥାତ୍ ୧୬ ଟଙ୍କା ଦିଆଯାଉଛି । ଫଳରେ କର୍ମଚାରୀଙ୍କ ସାଇକେଲ ପ୍ରେମ ବଢ଼ିଛି । ନେଦରଲାଣ୍ଡର ବର୍ଲିନ ସହରରେ ୭୮% ସାଇକେଲ ଯାତାୟାତ କରିବା ଉଲ୍ଲେଖନୀୟ । ସେହିଭଳି ୟୁରୋପର କେତେକ ଦେଶରେ 'ସାଇକେଲ ଟୁ ଓ୍ୱାର୍କ ସ୍କିମ୍' ଲାଗୁକରାଯାଇ ସେଠାରେ ମଧ୍ୟ ସାଇକେଲ ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଛି । ଭାରତ ଭଳି ଜନବହୁଳ ଦେଶରେ ସାଇକେଲ ଚାଳନା ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି କରାଯାଇ ପାରିଲେ ଏହା ଦେଶ ପାଇଁ

# ତାତୁଛି ସହର, କଂକ୍ରିଟ ଆଳରେ ନଷ୍ଟ କରିଦେଲେ ସବୁଜିମା



### ନାରାୟଣ ଚନ୍ଦ୍ର ବିଶ୍ୱାଳ

ନିର୍ବାଚନର ତାତି ଥଣ୍ଡା ପଡିଗଲାଣି। କାଳ ବୈଶାଖୀ ଜନିତ ଥଣ୍ଡାଳିଆ ପାଗ କିଛି ସମୟ ପାଇଁ କଟକ ସହରକୁ ସାମୟିକ ଶାନ୍ତି ଦେଇପାରେ। କିନ୍ତୁ ନିର୍ବାଚନର ଘୋ ଘା ଭିତରେ ସହରର ତାପମାତ୍ରା ଖବର ଗଣମାଧ୍ୟମର ଉହାଡ଼ରେ ରହିଯାଉଛି। ହଜାର ବର୍ଷର କଟକ ସହରରେ ଦୁଇପଟରେ କାଠଯୋଡ଼ି ଓ ମହାନଦୀ ଥିବାରୁ ଏହା ଏକ ଥଣ୍ଡା ଜନିତ ପରିବେଶ ସୃଷ୍ଟି କରିବାକୁ ସମର୍ଥ ବୋଲି ଅନେକଙ୍କ ଭିତରେ ଧାରଣା ରହିବା ସ୍ୱାଭାବିକ। ତେବେ ଏସବୁ ଭାବନା ସତ୍ତ୍ୱେ ଆଶ୍ଚର୍ଯ୍ୟକର କଥା କଟକ ସହରର ତାପମାତ୍ରା ଆଜି ସବୁ ରେକର୍ଡ଼ ଭାଙ୍ଗିଛି। ଗତ ଦୁଇ ତିନି ଦିନ ହେବ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଥିଲାବେଳେ ଆଜି ତାପମାତ୍ରା ୪୩ ଡିଗ୍ରୀ ଟପିଛି। ଚଳିତବର୍ଷର ସର୍ବୋଚ୍ଚ ତାପମାତ୍ରାରେ କଟକ ସହରର ଜନଜୀବନ ଆଜି କଲବଲ ହୋଇଛି। ମହାନଦୀ ଓ କାଠଯୋଡ଼ି ନଦୀ ଘେର ଭିତରେ ଥିବା କଟକ ସହରରେ ସନ୍ଧ୍ୟା ହେଲେ ଆଉ ସେ ସୁଲୁସୁଲିଆ ପବନ ବହୁନି କି ମହାନଦୀ, କାଠଯୋଡ଼ି ରିଂ ବନ୍ଧରେ ଥଣ୍ଡା ପବନ ପାଇଁ ଲୋକଙ୍କ ଖଟି ଜମୁନି। କେବଳ ନିର୍ବାଚନ ସମୟ ବୋଲି ଯାହା ଭିଡ଼ ଟିକେ ଦେଖାଦେଉଛି। ଦୁଇ ନଦୀରେ ଜଳାଭାବ, ସହରୀକରଣ ନାମରେ କଂକ୍ରିଟ ଜଙ୍ଗଲ, ସିଡିଏର ତ୍ରୁଟିପୂର୍ଣ୍ଣ ଟାଉନପ୍ଲାନିଂ ଯୋଗୁଁ ଏବେ ସହଜରେ ଲୋକଙ୍କୁ ଏ ଦଶା ଭୋଗିବାକୁ ପଡୁଛି। କଟକ ସହରରେ ମୋଟ ଜନସଂଖ୍ୟା ତୁଳନାରେ ସବୁଜିମାରେ ଅଭାବ ରହିଛି। ଏଠାରେ ଘର ଓ ଲୋକସଂଖ୍ୟା ଯେଉଁ ହାରରେ ବଢ଼ିଛି ସେହି ହାରରେ ବୃକ୍ଷ ରୋପଣ କରାଯାଉନାହିଁ। ମହାନଦୀ ପଠାରେ ଆଉ ଜଙ୍ଗଲ ନାହିଁ। ତ୍ରୁଟିପୂର୍ଣ୍ଣ ଟାଉନପ୍ଲାନିଂ ଓ ବୃକ୍ଷରୋପଣ ଅଭାବରୁ ଏଭଳି ସ୍ଥିତି ଉପୁଜିଥିବା ପରିବେଶବିତମାନେ ଉଦବେଗ ପ୍ରକାଶ କରିଛନ୍ତି। ଅନ୍ୟପଟେ ମନଇଚ୍ଛା ଜଳାଶୟକୁ ପୋତି ଦିଆଯାଇଛି। ସହରର ୪୦୦ ଜଳାଶୟରୁ ଏବେ ଥିବା ମାତ୍ର ୩୩ ଜଳାଶୟରେ ବି ପାଣି ନାହିଁ। ଜଳାଶୟ ପୋତିବାକୁ ନେଇ ମାନ୍ୟବର ଓଡ଼ିଶା ହାଇକୋର୍ଟ ଅନେକ ଥର ପ୍ରଶାସନକୁ କଠୋର ଚେତାବନୀ ମଧ ଦେଇଛି। କ୍ରମବର୍ଦ୍ଧିଷ୍ଣୁଭାବେ ସହର ଭିତରେ ଥିବା ବିଭିନ୍ନ ଜଳାଶୟ ଓ ପୋଖରୀ ଗୁଡ଼ିକ ପୋତି ଦିଆଯାଉଥିବାରୁ ବିଶେଷ କରି ବର୍ଷାର ଦିନେ ଉଦବୃତ୍ତ ବର୍ଷା, ଡ୍ରେନ ପାଣି ବାହାରକୁ ନିଷ୍କାସନ ନ ହୋଇପାରି ସହର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି କରିବା ସହ ଅନେକ ତଳି ଅଞ୍ଚଳର ସାହି ଗୁଡ଼ିକ ଦିନ ଦିନ ଧରି ବର୍ଷା ପାଣିରେ ବୁଡ଼ି ରହେ। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳ ଏକ ପ୍ରକାର ଜଳବନ୍ଦୀ ହୋଇ କିଛି ଦିନ ପାଇଁ ଦ୍ୱୀପରେ ପରିଣତ ହୋଇଯାଏ। ଓଡ଼ିଶାର ଜୀବନରେଖା ମହାନଦୀ ଅବବାହିକାରେ ବିଗୁଡ଼ିଥିବା ପରିବେଶ ସନ୍ତୁଳନର ମୁକାବିଲା ପାଇଁ ରାଜ୍ୟ ସରକାର ୨୦୧୮ରେ ହାତକୁ ନେଇଥିବା ଗ୍ରୀନ ମହାନଦୀ ମିସନ ଦିଗହରା ହୋଇପଡ଼ିଛି। ଗୋଟିଏ ପଟେ ଓଡ଼ିଶା ଦେଶରେ ଜଙ୍ଗଲୀକରଣ ପାଇଁ ପ୍ରଶଂସିତ ହେଉଥିବାବେଳେ ଓଡ଼ିଶାର ପ୍ରମୁଖ ସହରରେ ଜଳବାୟୁ ବିଗିଡ଼ି ଚାଲିଛି।

ତଥ୍ୟ ମୁତାବକ ଏବେ ରାଜ୍ୟରେ ଜଙ୍ଗଲୀକରଣ ବଢ଼ିଛି। ଓଡ଼ିଶା ବିଗତ ବର୍ଷରେ ଦେଶରେ ଜଙ୍ଗଲୀକରଣରେ ଆନ୍ଧ୍ର ଓ ତେଲେଙ୍ଗାନା ପରେ ତୃତୀୟ ସ୍ଥାନରେ ରହିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପ୍ରଶଂସା ବି ପାଇଛି। ରାଜ୍ୟରେ ୫୩୭.୪୪ ବର୍ଗ କିଲୋମିଟର ସବୁଜିମା ରହିଛି। ରାଜ୍ୟରେ ବିଗତବର୍ଷ ତୁଳନାରେ ଏହା ୨୪୦ରୁ ଅଧିକ ବର୍ଗକିଲୋମିଟର ବଢ଼ିଥିବା ତଥ୍ୟ କହୁଥିବା ବେଳେ ରାଜ୍ୟର ବିଭିନ୍ନ ସହରର ବାୟୁର ମାନ କମିଛି। ଏବେ ତାପମାତ୍ରା ବି ବଢ଼ି ବଢ଼ି ଚାଲିଛି। ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ତଥ୍ୟ ଗୋଟିଏ କଥା କହୁଥିବା ବେଳେ ଓଡ଼ିଶାରେ ଦୁଇ ପ୍ରମୁଖ ସହର କଟକ ଭୁବନେଶ୍ୱରର ଉତ୍ତାପ ବୃଦ୍ଧି ଓ ବାୟୁର ମାନ ହ୍ରାସ ପାଇବା ଚିନ୍ତାଜନକ ରହିଛି। କଟକ ସହର ଖରାପ ବାୟୁ ସୂଚକାଙ୍କରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବୃକ୍ଷରୋପଣ ନାମରେ ଶହ ଶହ କୋଟି ଟଙ୍କା ଚଳୁ କରି ଦିଆଯାଉଛି। ରାଜ୍ୟ ସରକାର ଗତ ୨୦୧୮ରେ ହାତକୁ ନେଇଥିବା ଗ୍ରୀନ ମହାନଦୀ ମିସନ ବିଫଳ ହୋଇଛି। ହୀରାକୁଦରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲାଗିବାକୁ ଥିବା ୫ କୋଟି ଗଛରରୁ ୫ ଲକ୍ଷ ବି ଲାଗି ନାହିଁ। ଯୋଜନା ଥିଲା ମହାନଦୀର ପାରାଦ୍ୱୀପ ପର୍ଯ୍ୟନ୍ତ ନଦୀର ଦୁଇ ପାର୍ଶ୍ୱ ଓ ନଦୀରୁ ୧କିମି ପର୍ଯ୍ୟନ୍ତ ପ୍ରାୟ ୫ ହଜାର କିମି ଅଞ୍ଚଳରେ ବୃକ୍ଷରୋପଣ କରାଯିବ। ଏଥିପାଇଁ ରାଜ୍ୟ ସରକାର ୫ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଘୋଷଣା କରିଥିଲେ। ମହାନଦୀର ଉଭୟ ପାର୍ଶ୍ୱରେ ୫ କୋଟି ଗଛ ଲଗାଯିବା ସହିତ ଅଧିକ ସାପଲିଙ୍ଗ ମୃତ୍ତିକା କ୍ଷୟକୁ ରୋକୁଥିବା ଛୋଟ ଗଛ ଲଗାଯିବାକୁ ଥିଲା। ଯୋଜନାରେ ୭୫ ହଜାର ୭୬୦ ହେକ୍ଟର ସରକାରୀ ଜମି ଓ ୪୭ ହଜାର ୪୭୦ ହେକ୍ଟର ଘରୋଇ ଜମିରେ ବୃକ୍ଷରୋପଣ କରାଯିବାକୁ ଥିଲା। ଏ ସବୁ ବି କାର୍ଯ୍ୟକାରୀ ହୋଇପାରିନାହିଁ। ସାଧାରଣ ଓ ବିଧାନସଭା ନିର୍ବାଚନ ଦୁଇଟି ଅତିକ୍ରାନ୍ତ ହେବାକୁ ବସିଲାଣି, ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ରାଜନୈତିକ ଦଳ ଏହି ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରି ସେମାନଙ୍କ ଦଳୀୟ ଇସ୍ତାହାର ବା ସଂକଳ୍ପ ପତ୍ରରେ ମଧ ଘୋଷଣା କଲେନାହିଁ। ସେହିଭଳି କଟକ ନଗର ଉନ୍ନୟନ କର୍ତ୍ତୃପକ୍ଷ ଲୋକଙ୍କୁ କେବଳ ଘର ନିର୍ମାଣ ପାଇଁ ଅନୁମତି ଦେଇ ରାଜସ୍ୱ ବଢ଼ାଉଥିବା ବେଳେ ଟାଉନପ୍ଲାନିଂରେ ବିଫଳ ହୋଇଛି। ରାସ୍ତା ଓ ଘର ପାଇଁ ମନଇଛା ଗଛ କଟା ଯାଉଥିଲେ ବି ବଦଳରେ ବୃକ୍ଷରୋପଣ କରାଯାଇନାହିଁ। ସହରବାସୀଙ୍କୁ ବର୍ଷ ତମାମ ପ୍ରାକୃତିକ ଶୀତଳ ଥଣ୍ଡା ପ୍ରଦାନ ସହ ଦୁଇଟି ନଦୀର ରିଂ ବନ୍ଧକୁ ମୃତ୍ତିକା କ୍ଷେତ୍ରରେ ମଜଭୁତ କରୁଥିବା ଅନେକ ପୁରାତନ ଗଛ ଗୁଡ଼ିକୁ ରାସ୍ତା ପ୍ରସସ୍ତି କରଣନାମରେ ଅବିଚାରିତ ଭାବରେ କାଟି ଦିଆଯାଉଛି। ସେହି ଉଚ୍ଚତର, ବୟସର ଗୋଟିଏ ଗଛ ଉଠିବା ପାଇଁ କେତେ ବର୍ଷ ଲାଗିଥାଏ ତାହା ଆମ ସମସ୍ତଙ୍କୁ ବେଶ ଭଲ ଭାବେ ଜଣା। ରେଡ଼ଜୋନରେ ଶହ ଶହ ଘର ନିର୍ମାଣ କରି ପ୍ରାକୃତିକ ଜଳାଧାରକୁ ଅବରୋଧ କରାଯାଉଛି। ଏହା ବନ୍ୟା ସମସ୍ୟା ସୃଷ୍ଟି କରିବା ସହ ଓଲଟା ଉଚ୍ଚ ସ୍ତରରେ ଥିବା ମହାନଦୀ ଓ କାଠଯୋଡ଼ିର ବନ୍ୟା ବା ବଡ଼ ବର୍ଷା ସମୟର ବଢ଼ିଲା ପାଣି ସହର ଭିତରକୁ ପଶି ଆସିବାର ସମସ୍ୟା ସୃଷ୍ଟି କରିଥାଏ। ପୂର୍ବରୁ ଅନେକ ଥର ଏପରି ଘଟଣା ଘଟିଛି ଯାହାକି କଟକିଆ ମାନଙ୍କ ଭିତରେ ଛୋଟ ମୋଟର ବନ୍ୟା ନେଇ ବିପଦ ମଧ୍ୟ ସୃଷ୍ଟି କରିବାର ଅନୁଭୂତି ଆମ ସମସ୍ତଙ୍କର ରହିଛି। କଟକ ପୌର ନଗମ ଓ ସିଡ଼ିଏ କର୍ତ୍ତୃପକ୍ଷ ଜଳାଶୟ ପୁନରୁଦ୍ଧାର ଓ ବୃକ୍ଷରୋପଣ ଦିଗରେ ଧ୍ୟାନ ନ ଦେଲେ ଆଗାମୀ ଦିନରେ ଭୟଙ୍କର ସ୍ଥିତି ଉପୁଜିବ ବୋଲି ପରିବେଶବିତମାନେ ଆଶଙ୍କା ପ୍ରକାଶ କରିଛନ୍ତି।


ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼୍,
ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦





## ଭେଟି

### କୀର୍ତ୍ତନ ସାହୁ

ଅନେକ କଥା ତ
କହିବାର ଥିଲା
ତମେ ଅଧାରୁ
ହାତ ଛାଡି ଦେଲ

ମୁଁ ଏକ ମୁହାଁ
ଅକେଲା ଚାଲିଛି
ତମେ ଦେଖେଇ ଥିବା
ବାଟରେ
ତମେ ଦେଇ ଥିବା
ପ୍ରେମ ସନ୍ତକକୁ
ଗଣ୍ଠିଲି କରି

ଏବେ ତମେ
ଏତେ ଦୂରରେ ଯେ
ହାତ ବଢ଼େଇଲେ
ପାଉନି

ମୁଁ ସେ ସନ୍ତକକୁ
ଖୁବ୍ ଯତ୍ନରେ
ସାଇତି ରଖିଛି
ପୁଣି ଭେଟରେ
ଭେଟି ଦେବାକୁ
ମର୍ତ୍ତ୍ୟର
କଣ୍ଟା ବଣରେ
ଅବା ସ୍ୱର୍ଗର
ନନ୍ଦନ କାନନରେ ।


ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ପ୍ରେମିକ

### ରମାକାନ୍ତ ଦାସ

ବେଳେ ବେଳେ
ତୁମ ପ୍ରେମିକ ହେବାକୁ ଭାରି
ଇଚ୍ଛାହୁଏ
ତୁମ ଆଖିରେ ଆଖି ମିଶେଇ
ସ୍ୱପ୍ନ ଦେଖିବାକୁ ମୋ ମନ କହୁଥାଏ
ହଁ ବେଳେ ବେଳେ ଇଚ୍ଛାହୁଏ
ସାଜିବାକୁ ତୁମ ନିରୋଳା ପ୍ରେମିକ
ତୁମପାଇଁ ଅକ୍ତାମକ୍ତା
ମୋର ଭାବନା ସବୁ
ତୁମପାଇଁ ଅଥୟ ଅଧିର
ମୋ ସ୍ୱପ୍ନ ସବୁ
ତୁମ ଭାବନାରେ ବୁଡିରୁହେ
ପ୍ରତିକ୍ଷଣ, ପ୍ରତି ମୁହୂର୍ତ୍ତରେ
ନା ତୁମକୁ ଦେଖିଛି
ନା ତୁମକୁ ଛୁଇଁଛି
ତଥାପି, ତୁମ ପ୍ରେମ ଗଳିରେ
ମୁଁ ନିରୋଳା ପ୍ରେମିକ ସାଜିଛି
ତୁମ ନଥିବାର ଅସହାୟତା ବି
ମୋ ପାଇଁ ପ୍ରେମ
ତୁମକୁ ନଛୁଇଁ ପାଇବାର ଅଭିମାନ ବି
ମୋ ପାଇଁ ପ୍ରେମ
ତୁମ ପାଇଁ ମୋ ସ୍ୱପ୍ନ ସବୁକୁ
ସଜେଇବା ବି
ମୋ ପାଇଁ ପ୍ରେମ
ତୁମକୁ ପ୍ରତି ସ୍ପନ୍ଦନରେ
ଅନୁଭବ କରିବାର ମାନେ ବି
ମୋ ପାଇଁ ପ୍ରେମ
ଜାଣେନା ତୁମର ନାଁ
ଜାଣେନା ତୁମର ପରିଚୟ
ଜାଣେନା ମୁଁ କିଏ ତୁମର
ବାସ୍ ଏତିକି ଜାଣେ
ମୁଁ ତୁମର ନିରୋଳା ପ୍ରେମିକ
ତୁମେ ମୋ ଅଭିମାନୀ ପ୍ରେମିକା
ମୁଁ ତୁମ ପାଇଁ ଅପରିଚିତ ନାୟକ
ତୁମ ମୋ ପରିଚିତା ନାୟିକା ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


## ମାଟି ପାଇଁ ଜୀବନ

### ସନ୍ତୋଷ କୁମାର ମହାନ୍ତି

ମାଟି ପାଇଁ ମୁକତି
ମାଟି ଦିଏ ଶକତି
ମାଟି ପାଇଁ ପ୍ରାଣରେ
ଥାଏ ଭରି ଭକତି ।

ଜଗତକୁ ଜାବୁଡି
ଗଛଲତା, ଫୁଲଫଳ
ହସିହସି ମାଟି ଏଠି
ଦିଏ ସବୁ ଅଜାଡି ।

ମାଟି କୋଳେ କୁଆଁକୁଆଁ
ପୁଣି ପିଣ୍ଡ ମିଶେ ମାଟିରେ
ମାଟି ପାଇଁ ପ୍ରାଣ କାନ୍ଦେ
ପରଦେଶ ମାଟିରେ ।

ମାଟି ପାଇଁ ହସୁଥାଏ
କୋଟି ମନପ୍ରାଣ
ତାହାର ସେବା ବିନା
ନଥାଏ ପରିତ୍ରାଣ ।

ମାଟିପ୍ରାଣ ମଣିଷର
କେତେ ଯେ ବେଦନା
ମାଟି ପାଇଁ ଲଢୁଥାଏ
ସହି ସବୁ ଯାତନା ।


ନବଜୀବନ ସମାଜ, ସଫା,
କଟକ – ୭୫୪୦୨୨
ମୋ: ୯୭୭୭୭୬୬୩୪୬


## ବିରହ ବେଦନା

### ସନ୍ତୋଷ କୁମାର ଅଦାବର

ସମ୍ପର୍କ ଗଢ଼ିବା କେତେ ଯେ କଠିନ
ତମକୁ ଅଜଣା ନାହିଁ
ପିଲା ଖେଳ ଭଳି ଧୂଳିଘର ଭାବି
ଭାଙ୍ଗିଦେଲ କାହିଁ ପାଇଁ ।

ଅସୁମାରୀ ଆଶା କୋଟିଏ ଭରସା
ହେଲା ବ୍ୟର୍ଥ ଧୂଆଁ ଭଳି
ମନରୁ ବିଶ୍ୱାସ ତୁଟେଇ ଦେଇଛ
ସନ୍ଦେହର ନିଆଁ ଜାଳି ।

ତୃଷାତୁର ହୋଇ ଖୋଜୁଥିଲ ରାହା
ଜୀବନ ମରୁଭୂମିରେ
ବଞ୍ଚିବାର ତାଜ୍ ମହଲ୍ ଗଢ଼େ ଯିଏ
ସେ କି ଧୋକା ଦେଇପାରେ ?

ଛଳନା, ବାହାନା, ପ୍ରତାରଣା ଅବା
ମିଥ୍ୟା, ମାୟା, ପ୍ରବଞ୍ଚନା
ଏ ସବୁ ସାଉଁଟି ଦେଲ ତୁମେ ଭେଟି
ସେ ତ ବିରହ ବେଦନା ।

ସ୍ମୃତିଟିଏ କରି ପୋଛି ଦେଲ ମନୁ
ହୋଇଗଲ ସ୍ୱାର୍ଥପର
ବିରହ ବେଦନା ତୁମେ କି ଜାଣନା
ହୃଦୟ କଲ ପଥର ।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

ଧାରାବାହିକ ଉପନ୍ୟାସ



# ଦୁରନ୍ତ ଶିଖା

ଭାଗ-୧୯



ଡ.ସିନ୍ଧୁ ସେନ୍

ଜ୍ୟୋତିଷ କୁମାରଙ୍କ ମତରେ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ତିନୋଟି ମଧ୍ୟରେ ରହିଛି ପରସ୍ପର ନିବିଡ଼ ସମ୍ପର୍କ । ଅତୀତ, ବର୍ତ୍ତମାନରେ ପ୍ରତିଫଳିତ, ଆଉ ବର୍ତ୍ତମାନ ହିଁ ଆଲୋକିତ କରେ ଭବିଷ୍ୟତକୁ । ଅତୀତକୁ ଶିକ୍ଷାକରି ମଣିଷ ଭବିଷ୍ୟତ ଗଢ଼େ । ସବୁ ଜାଣି ବି ପ୍ରତିଟି ମଣିଷ ଭବିଷ୍ୟତ ପାଇଁ ପାଗଳ ହୋଇଉଠେ । ଅସହାୟ ହୋଇ ଜ୍ୟୋତିଷଙ୍କ ଆଶ୍ରୟ ନେଇଥାଏ । ବାସ୍ତବରେ ଆଶ୍ଚର୍ଯ୍ୟ ଲାଗେ ମଣିଷର ଏଭଳି ଅସହାୟତା ପାଇଁ । କର୍ମ, କର୍ତ୍ତବ୍ୟକୁ ଦ୍ୱାହି ଦେଇ ସେ କେବଳ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶାୟୀ ହୋଇଉଠେ । ନିଜେ ଠିକ୍ ଭାବେ କର୍ମ କରିଛି କି ନାହିଁ ସେ ବିଷୟ ଚିନ୍ତା ନକରି ଅତ୍ୟଧିକ ଫଳପ୍ରାପ୍ତିର ଆଶା ହିଁ ତାର ଦୁଃଖର କାରଣ ପାଲଟି ଯାଏ । ମୁଁ ମଧ୍ୟ ସେଦିନ ମାତାମହଙ୍କ ସହ ଜ୍ୟୋତିଷ କୁମାରଙ୍କ ଆଲୋଚନା ଶୁଣି ମୋ ଭବିଷ୍ୟତ ଜାଣିବା ପାଇଁ ଆଗ୍ରହାନ୍ୱିତ ହୋଇ ପଡ଼ିଥିଲି। ମୁଁ ମୋର ଲକ୍ଷ୍ୟ ପୂରଣ କରିପାରିବି ତ ? ମାତାମହଙ୍କ ଅଧୁରା ସ୍ୱପ୍ନକୁ ସାକାର କରିପାରିବି ତ ? ଏମିତି ଅନେକ ପ୍ରଶ୍ନବାଚୀ ମୋ ମନରେ ଆଲୋଡ଼ନ ସୃଷ୍ଟି କରୁଥିଲା । ମୋ ମନରେ ଉଙ୍କି ମାରୁଥିବା ଦ୍ୱନ୍ଦ୍ୱର ଉତ୍ତର ପାଇଗଲି, ଯେବେ ଜ୍ୟୋତିଷ କୁମାର ମାତାମହଙ୍କୁ କହୁଥିଲେ ମହାରାଜ, ଆପଣଙ୍କ ପୌତ୍ରଙ୍କ ହାତପାପୁଲିରେ ଭରିରହିଛି ପଦ୍ମଗନ୍ଧ । ଏଥିରୁ ସେ ଯେ ବଡ଼ ଭାଗ୍ୟବାନ୍, ଏହା ସ୍ପଷ୍ଟ ହୋଇଯାଉଛି । କେବଳ ସେତିକି ନୁହେଁ ମହାରାଜ ଆଗାମୀ ଭବିଷ୍ୟତରେ ରାବଣ ହେବେ ଜଣେ ମହାବୀର । ସାଧାରଣ ରାଜା ହେବେ ନି ହେବେ ଜଣେ ରାଜଚକ୍ରବର୍ତ୍ତୀ । ପ୍ରବଳ ପରାକ୍ରମୀ, ବିଶ୍ୱବିଜୟୀ । ତ୍ରିଭୁବନ ବିଜେତା । ରାବଣଙ୍କ ପାଖରେ ଅନେକ ରାଜା, ମହାରାଜା ହେବେ ପଦାନତ । ବାସ୍ତବରେ ଆପଣଙ୍କ ବଂଶର ସେ ହେବେ ଜଣେ ଉଜ୍ଜ୍ୱଳ ପ୍ରଦୀପ । ଆନନ୍ଦରେ ମୁଁ କୁରୁଳି ଉଠୁଥିଲି । ମୁଁ ତେବେ ଲଙ୍କାର ରାଜସିଂହାସନକୁ ଫେରାଇ ଆଣି ପାରିବି । ମାତାମହଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ପାରିବି । ମୋ ତପସ୍ୟାର ମହାର୍ଘ ଫଳ ନିଶ୍ଚୟ ପାଇବି ।

ମନେମନେ ମୁଁ ଯେତେ ଖୁସି ହେଉଥିଲେ ମଧ୍ୟ ପରକ୍ଷଣରେ ମୁଁ ନିଜକୁ ନିଜେ ମଧ୍ୟ ବିଶ୍ୱାସ କରିପାରୁ ନଥିଲି । ଜ୍ୟୋତିଷକୁମାର ଏଭଳି କ'ଣ କହୁଛନ୍ତି, ମେ ହାତ ପାପୁଲିରେ ଯେ ପଦ୍ମଗନ୍ଧ ଭରି ରହିଛି ତା ତ ମୁଁ ଆଗରୁ କେବେ ଜାଣି ନଥିଲି । ନିଜ ଦୁଇପାପୁଲିକୁ ଘଷିଘଷି ଆଘ୍ରାଣ କରିବାରେ ଲାଗିଲି । ଆଶ୍ଚର୍ଯ୍ୟ ପାପୁଲିରୁ କେବଳ ପଦ୍ମରାଗର ଗନ୍ଧ । କାହିଁ ଆଗରୁ ତ ମୁଁ ଏ ବିଷୟରେ ଅଜ୍ଞ ଥିଲି । ସତରେ କଣ ମୋ ପାପୁଲିରୁ ଏଇମାତ୍ର ପଦ୍ମଗନ୍ଧ ବାହରୁଛି ନା ପୂର୍ବରୁ ଥିଲା । ଯଦି ପୂର୍ବରୁ ଥିଲା ତେବେ ମୋ ଦୃଷ୍ଟିକୁ କାହିଁକି ଆସୁନଥିଲା । ବିଶ୍ୱାସ, ଅବିଶ୍ୱାସର ଦ୍ୱନ୍ଦ୍ୱ ମଧ୍ୟରେ ମୁଁ ନିଜେ ବି ଭାବିପାରୁ ନଥିଲି, ଏ ଗନ୍ଧ ମୋ ନିକଟକୁ ଆସିଲା କେମିତି ? କେବେଠୁ ଆସିଲା ? କାହିଁକି ଆସିଲା ? ଏମିତି ଅନେକ ପ୍ରଶ୍ନବାଣ ମଧ୍ୟରେ ମୁଁ ଛଟପଟ ହେଉଥିଲି । ଜ୍ୟୋତିଷ କୁମାର ଯାହା ସବୁ କହିଗଲେ ସବୁ କ'ଣ ସତ ? ସହଜେ ତ ମୋର ରାକ୍ଷସ କୁଳରେ ଜନ୍ମ, ମୋ ଧମନୀରେ ରାକ୍ଷସ ରକ୍ତ ପ୍ରବାହିତ । ସେଥିରେ ପୁଣି ହାତପାପୁଲିରେ ଏମିତି ପଦ୍ମପାଖୁଡ଼ାର ମହକ, କି ଆଶ୍ଚର୍ଯ୍ୟ । ସତରେ କ'ଣ ଏହା ବ୍ରହ୍ମଦେବଙ୍କ ଆଶୀର୍ବାଦ, ନା ଏହା ମୋର ଜନ୍ମଗତ । ଜ୍ୟୋତିଷକୁମାର ମୋର ଭବିଷ୍ୟତ ଗଣନା କରି କହିଥିଲେ । ଏ ପଦ୍ମଗନ୍ଧ ମୋ ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳ କରିବ । ମୋତେ ରାଜଚକ୍ରବର୍ତ୍ତୀ ଆସନରେ ଆସୀନ କରିବ । କେବଳ ସେତିକି ନୁହେଁ, ମୁଁ ଯେ ଆଗାମୀ ଦିନରେ ତ୍ରିଭୁବନ ବିଜୟୀ ହୋଇ ସମଗ୍ର ଜଗତରେ ନିଜର ଆଧିପତ୍ୟ ବିସ୍ତାର କରିବି, ଏହା ନିଃସନ୍ଦେହ ।

ଅବଶ୍ୟ ରାଜ ଜ୍ୟୋତିଷଙ୍କ ଭବିଷ୍ୟତ ବାଣୀ ସତ୍ୟରେ ପରିଣତ ହୋଇଥିଲା । ମୁଁ ରାଜା ହୋଇଥିଲି । ଏକଛତ୍ରବାଦୀ ଶାସନ ଚଳାଇ ତ୍ରିଭୁବନ ବିଜୟୀ ଲଙ୍କେଶ୍ୱର ପଦ ମଣ୍ଡନ କରିଥିଲି । ଆଶାଠାରୁ ଅଧିକ ଅନେକ କିଛି ପାଇଥିଲି । ଏତେବର୍ଷ ପରେ ବି ମୋର ସ୍ପଷ୍ଟ ମନେ ପଡ଼ିଯାଉଛି ଜ୍ୟୋତିଷ କୁମାରଙ୍କ କଥା । ଏବେ ପୁଣି ଜୀବନର ଅନ୍ତିମ ଲଗ୍ନରେ ରାଜପଦ ହରାଇ ବସିଛି । ଧୂଳି ଧୂସରିତ ହୋଇଯାଇଛି ମୋର ରାଜମୁକୁଟ । ଆଜି ମୋ ପାଖରେ ରାଜ୍ୟ ନାହିଁ, ରାଜଗାଦି ନାହିଁ, ରଥ ନାହିଁ କି ରଥୀ ନାହିଁ । ଅନ୍ୟକିଛି ଯାନବାହନ ନାହିଁ । ମୋ ଚଉପଟେ ଖାଲି ବିରାଟ ଶୂନ୍ୟତା। ଅଧିକାଂଶ ଅଂଶ ମୋର କ୍ଷତବିକ୍ଷତ । ଏବେ ହାତପାପୁଲିକୁ ଯେତେ ଆଘ୍ରାଣ କଲେ ବି ସେଥିରୁ ଆଉ ପଦ୍ମରାଗର ଗନ୍ଧ ଆସୁନି । ବରଂ ବାହାରୁଛି ଏକ ଉତ୍କଟ ଗନ୍ଧ । ମୁଁ ନିଜେ ବି ବିଶ୍ୱାସ କରିପାରୁନି । କୁଆଡ଼େ ଗଲା ପାପୁଲିର ପଦ୍ମଗନ୍ଧ । ଏ ଗନ୍ଧ ତ ରକ୍ତର । ହଁ ଏଇ ହାତ ଅନେକଙ୍କୁ ରକ୍ତାକ୍ତ କରିଛି ରକ୍ତନଦୀରେ ବୁଡ଼ାଇ ରଖିଥିଲି ଏଇ ହାତକୁ । ଆଉ ଏତେପରେ ବି କେମିତି ଭାବିବି ଏଇ ରକ୍ତମଖା ହାତରୁ ପଦ୍ମଗନ୍ଧ ନିର୍ଗତ ହେବ ବୋଲି। ମନ୍ତ୍ରଦ୍ରଷ୍ଟା ଋଷିଙ୍କ ଭବିଷ୍ୟତ ବାଣୀ ଅନୁସାରେ ଅନେକ କିଛି ଉପଭୋଗ କଲି । ବହୁତ ଭୋଗବିଳାସରେ ମାତିଲି । ଏବେ ତ ମୋର ସମୟ ସରିସରି ଆସିଲାଣି । ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମଶର ମୋତେ ଭୂପତିତ କରି ସାରିଲାଣି । ଏବେ ଆଉ ସେ ଅତୀତକୁ ସ୍ମରଣ କରି ଲାଭ କ'ଣ ? ବରଂ କ୍ଷଣିକ ମୁହୂର୍ତ୍ତ ହେଲେ ମଧ୍ୟ ପ୍ରଭୁଙ୍କ ପାଦପଦ୍ମରେ ଲୟ ରଖିପାରିଲେ ମୋତେ ମୋକ୍ଷତ୍ୱ ମିଳିପାରେ । ଏବେ ମୋର ଦିଗ୍‌ବିଜୟୀ କି ପରାକ୍ରମ ବିଷୟରେ ଭାବିବାର ବେଳ ନୁହେଁ । ହଜି ଯାଇଥିବା ପଦ୍ମଗନ୍ଧର ବାସ୍ନା ପାଇଁ ଅବସୋସ କରିବାର ବେଳ ନୁହେଁ। ବରଂ ପ୍ରଭୁ ଶ୍ରୀରାମଙ୍କ ପାଖରେ ଏତିକି ପ୍ରାର୍ଥନା କରିବି, ହେ ପ୍ରଭୁ ମୋ ପାଇଁ ତୁମକୁ ବହୁତ କଷ୍ଟ କରିବାକୁ ପଡ଼ିଲା। ମୋ ସହ ଯୁଦ୍ଧ କରିକରି ତୁମେ ମଧ୍ୟ କ୍ଳାନ୍ତ । ତେବେ ଅନ୍ତତଃ ଏ ଅନ୍ତିମ ମୁହୂର୍ତ୍ତରେ ମୋତେ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦିଅ । ମୋ ଅର୍ନ୍ତଚେତନାକୁ ଜାଗ୍ରତ କରି ମୋ ଭିତରେ ଥିବା ପ୍ରଜ୍ଞାର ଶିଖାକୁ ପ୍ରଜ୍ୱଳିତ କର। ଏ ଧରାପୃଷ୍ଠରୁ ରାବଣ ହୁଏତ ଚାଲିଯାଇପାରେ । ନିଃଶେଷ ହୋଇଯାଇପାରେ ତାର ରକ୍ତ, ମାଂସର ଶରୀର । କିନ୍ତୁ ତା ଭିତରେ ଥିବା ଆତ୍ମଜ୍ୟୋତି ଆଗାମୀ ବଂଶଧର ମାନଙ୍କ ପାଖରେ ଏକ ଦୁରନ୍ତ ଶିଖା ହୋଇ ଜ୍ୟୋତି ବିକିରଣ କରି ପାରିଲେ ତାର ଆତ୍ମା ପାଇବ ଚରମ ଶାନ୍ତି, ପରମ ତୃପ୍ତି।

॥ ଦଶ ॥

ହେମନ୍ତ ଋତୁର ସକାଳ । ହେମାଳିଆ ପବନରେ ଥରି ଉଠୁଥିଲା ଦେହ ହାତ । ବାହାରେ ଅଳ୍ପଅଳ୍ପ ଖରା ବିଛୁଡ଼ି ପଡ଼ିଥିଲା। ଘର ସାମନା ବଗିଚାରେ ମୁଁ ଠିଆ ହୋଇଥିଲି । ଏକ ଝଙ୍କାଳିଆ ଅଶୋକ ଗଛର ଛାରେ ଠିଆ ହୋଇ ଉର୍ଦ୍ଧ୍ୱକୁ ଅନାଇ ରହିଥିଲି । ଅନାବନା ଭାବନାରେ ମୁଁ ଅନ୍ୟମନସ୍କ ହୋଇ ପଡ଼ିଥିଲି । ମୋ ଭିତରେ ଜମାଟ ବାନ୍ଧିଥିବା ଭାବନାରାଜି ମୋତେ ଆନମନା କରି ଦୋଳୁଥିଲା । ସତରେ ମୁଁ କ'ଣ ଲଙ୍କାର ରାଜା ହୋଇଯିବି ? ରାଜଚକ୍ରବର୍ତ୍ତୀ ପଦମଣ୍ଡନ କରିବି ? ବିଶ୍ୱବିଜୟୀ ହୋଇ ସାରା ବିଶ୍ୱକୁ ନିଜ ଆୟତ୍ତରେ ରଖିବି । ମୁଁ କ'ଣ ଏତେ ଶକ୍ତିଶାଳୀ ହୋଇଯିବି ଯେ, ପର୍ବତ ମୋ ପାଦତଳେ ମୁଣ୍ଡ ନୁଆଁଇ ଦେବ ? ସମୁଦ୍ର ବି ମୋ ରାସ୍ତା ନ ଅଟକାଇ ବାଟ ଛାଡ଼ିଦେବ ? ମୁଁ ନିଜେ ମଧ୍ୟ ଭାବିପାରୁ ନଥିଲି, ମୋ ନିଜକୁ ନିଜେ ନିୟନ୍ତ୍ରଣ କରିପାରୁ ନଥିଲି । ସତରେ କ'ଣ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ଅଧିପତି ହୋଇଯିବି । ମୋ ହାତପାପୁଲିରୁ ନିର୍ଗତ ହେଉଥିବା ପଦ୍ମରାଗର ଗନ୍ଧ, ମୋତେ ଏମିତି କିଛି କରିବାପାଇଁ ସହାୟକ ହେବ । ହଁ ମୁଁ ପାରିବି ନିଶ୍ଚୟ ପାରିବି । ମୁଁ ଯେ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର, ଭିନ୍ନ । ନହେଲେ କାହିଁ, ଅନ୍ୟମାନଙ୍କ ହାତପାପୁଲିରୁ ପଦ୍ମଗନ୍ଧ ବାହାରୁ ନାହିଁ କାହିଁକି ?

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର

(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୪୭ ॥

ଏତେ ରୂପ, ଏତେ ଐଶ୍ୱର୍ଯ୍ୟ, ଏତେ ତେଜ !! ବ୍ରହ୍ମକୁମରମାନେ ପିତା ପ୍ରଜାପତିଙ୍କର ବିଶୁଦ୍ଧ ଚିତ୍ତରୁ ମାନସ ପୁତ୍ର ରୂପେ ଜନ୍ମ ଗ୍ରହଣ କରିଛନ୍ତି । ତେଣୁ ସେମାନେ ଉର୍ଦ୍ଧ୍ୱରେ ତା , ସେମାନେ ଶୁଦ୍ଧଚେତା, ସେମାନେ ବେଦସ୍ରଷ୍ଟା । ସେମାନେ ପରମହଂସ,ସେମାନେ ବ୍ରହ୍ମଜ ବ୍ରାହ୍ମଣ। ସେମାନେ ସତ୍ୟବାକ। ଏବେ ସେମାନେ କ୍ରୋଧିତ ହୋଇ ପ୍ରଚଣ୍ଡ ତେଜରେ ଅଭିଶାପ ଦେଉଛନ୍ତି। ତାହା କେବେ ବ୍ୟର୍ଥହେବ ନାହିଁ। କାରଣ, ବ୍ରାହ୍ମଣ, ପିତା, ମାତା, ଗୁରୁ: ଏମାନଙ୍କର ଅଭିଶାପ କେବେ ମଧ୍ୟ ବ୍ୟର୍ଥ ହୁଏନାହିଁ। କାହିଁକିନାଁ କଷ୍ଟ ସେତିକି ମର୍ମଭେଦୀ ନହେଲେ ଏମାନେ ସହଜରେ କେବେ ଅଭିଶାପ ଦେଇପାରନ୍ତି ନାହିଁ ! ଅଥଚ ସ୍ୱଐଶ୍ୱର୍ଯ୍ୟମୟ ବିଷ୍ଣୁଙ୍କ ଦର୍ଶନରେ ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଗଲାଣି। କ୍ରୋଧ ଶାନ୍ତ ହୋଇ ଗଲାଣି। ଯୋଡ଼ ହସ୍ତରେ ଶ୍ରୀ ବିଷ୍ଣୁଙ୍କର ସ୍ତୁତିଗାନରେ ଏବେ ସେମାନେ ହାସ୍ୟମୁଖ। ଜୟ, ବିଜୟଙ୍କ ପ୍ରତି କ୍ଷମାଭରା ଦୃଷ୍ଟିପାତ କରି ସଦୟ ଚିତ୍ତରେ ଆଶିର୍ବାଦ କଲେ', ତିନି ଜନ୍ମ ପରେ କିନ୍ତୁ ତୁମକୁ ନିଶ୍ଚିତ ମୁକ୍ତି ମିଳିବ।' 'ଏହା କିପରି ନ୍ୟାୟ ପ୍ରଭୁ ? ଆମେ ମାନେ ଏହି ଅଚ୍ୟୁତ ବୈକୁଣ୍ଠର ଦ୍ୱାରପାଳ। ଆଗନ୍ତୁକମାନଙ୍କୁ ମନୋନୟନ କରି ଅନ୍ତଃପୁରକୁ ପଠାଇବା ଆମର କାର୍ଯ୍ୟ। ଏହି ଅଚ୍ୟୁତ ବୈକୁଣ୍ଠ ଭୁବନ ମାତା ଶ୍ରୀ'ଙ୍କ ଦୟାରେ ବୈଭବ, ଐଶ୍ୱର୍ଯ୍ୟ ଓ ଆନନ୍ଦରେ ପରିପୂର୍ଣ୍ଣ। ଏଠାକୁ ଭଦ୍ର, ସଭ୍ୟ, ଶାଳୀନ ଏବଂ ଜ୍ଞାନୀ ମାନେ ଯାତାୟାତ କରିଥାନ୍ତି। କିନ୍ତୁ, ଜମ୍ବୁ, ପ୍ଲକ୍ଷ, କୁଶ ଓ କ୍ରୌଞ୍ଚ ଦ୍ୱୀପର ଅନ୍ୟ ଋଷି, ତପସ୍ୱୀମାନେ ଏକାଧିକ ଧର୍ମପତ୍ନୀ, ପୁତ୍ର, କନ୍ୟା ଘେନି ସଂସାର କରିଥିବାବେଳେ ଏମାନେ ଗୃହ ଛାଡି, ଲକ୍ଷ୍ମୀ ଛଡା ହୋଇ ସୁବର୍ଣ୍ଣ ଗିରିର ପାଦଦେଶ( ହିମାଳୟ)ରେ ବର୍ଷ, ବର୍ଷ ଧରି ନଗ୍ନ ଦେହରେ ବସି ରହିଥାନ୍ତି। ଏହିଭଳି ଅସଭ୍ୟମାନେ ଆମକୁ ଅଭିଶାପ ଦେବାକୁ କିଏ ? ଆପଣ ନିଜ ଶକ୍ତି ଦେଖାଇ ଏମାନଙ୍କର ଅଭିଶାପକୁ ଖଣ୍ଡନ କରିବା ସହ ଏହି ଧୃଷ୍ଟତା ପାଇଁ ଏମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବା ଉଚିତ୍ ହେବ।,'ଜୟ ଓ ବିଜୟ କ୍ରୋଧ, ଅଭିମାନ ଓ ଦୁଃଖରେ ଅଭିଯୋଗ କରି ବ୍ରହ୍ମାଙ୍କ ପୁତ୍ରମାନଙ୍କ ଉପରେ କଟାକ୍ଷପାତ କଲେ।

ନିଜ ଦ୍ୱାରପାଳମାନଙ୍କ ଉପରେ ଶ୍ରୀ ବିଷ୍ଣୁଙ୍କର ଦୟାହେଲା ! କିନ୍ତୁ ସେ ନିରୂପାୟ। 'ଜୟ , ବିଜୟ ! ମୋର ପ୍ରିୟ ଦ୍ୱାରପାଳ'.... ବୈକୁଣ୍ଠଇଶ ସେମାନଙ୍କ ମସ୍ତକରେ ଧୀରେ ଧୀରେ ହସ୍ତ ସଂଚାଳନ କରୁଥିଲେ। ଚକ୍ଷୁରୁ ତାଙ୍କର ଝରିପଡୁଥିଲା ଅଶ୍ରୁଧାର। 'ତୁମେ ଯେଉଁ ଅପରାଧ କରିଛ, ତାର ଦଣ୍ଡ ସ୍ୱରୂପ ତୁମକୁ ଏହାଙ୍କ ଅଭିଶାପରେ ଅଭିଶପ୍ତ ହେବାକୁ ହେବ। ମୋର ଦ୍ୱାରପାଳ ହୋଇ ତୁମେ ଏଭଳି ବାହ୍ୟ ଦୃଷ୍ଟିରେ ପରୀକ୍ଷା ନିରୀକ୍ଷା କରି ସିଦ୍ଧାନ୍ତ ନେବାର ନଥିଲା।'

' ଜୟ, ବିଜୟ, ତୁମେ ଜାଣ, ଏହି ଚାରି ଜଣ ଏହି ପୃଥିବୀରେ ପ୍ରଥମେ ଯୋଗ ବଳରେ ସତ୍ୟର ସନ୍ଧାନ କରିଥିଲେ। ହିମାଳୟର ପାଦ ଦେଶରେ ଯୋଗ ରତ ହୋଇ ଏମାନଙ୍କ ସ୍ୱରୂପ ଯେପରି ଶିଶୁ ସଦୃଶ ସରଳ, ସେମାନଙ୍କ ହୃଦୟ ମଧ୍ୟ ସେହିପରି ଶିଶୁ ସୁଲଭ ଅନାବିଳ ପ୍ରେମରେ ମଗ୍ନ। ଯିଏ ସମଗ୍ର ନାରୀ ମାନଙ୍କୁ ମାତୃ ଭାବରେ ଅନୁଭବ କରିଥାଏ, ସେ କେବଳ ଏହିପରି ନିର୍ବିକାର ଭାବରେ ନଗ୍ନ ହୋଇପାରେ। (ଏହି କାରଣରୁ କାମ ବିକାର ଗ୍ରସ୍ତ ବୃଦ୍ଧ ବ୍ୟାସ ଦେବଙ୍କୁ ଦେଖି ସ୍ନାନରତ ଯେଉଁ ନାରୀ ମାନେ ଆତ୍ମ ଗୋପନ କରିଥିଲେ, ତାଙ୍କ ପୁତ୍ର ଯୁବକ ଶୁକ ଦେବଙ୍କ ସାମ୍ନାରେସେମାନେ ନିର୍ବିକାର ଥିଲେ। ଏହି ସନତ ବ୍ରହ୍ମା ହିଁ ପ୍ରଥମେ ପୃଥିବୀକୁ ପ୍ରଳୟରୁ ଉଦ୍ଧାର କରିବା ପାଇଁ ମୀନ ଶରୀରରେ ବିଷ୍ଣୁଙ୍କୁ ଅବତରଣ କରାଇଥିଲେ। ସୃଷ୍ଟି ତତ୍ତ୍ୱ ଜାଣିବା ପାଇଁ ବରାହ ଅବତାରଙ୍କ ସମୟରେ ସୃଷ୍ଟିର ଆରମ୍ଭ ପର୍ଯ୍ୟନ୍ତ ଗତି କରିଥିଲେ, ଏହି ବରାହଙ୍କ ଠାରୁ ହିଁ ମାନବ ମାନଙ୍କର ସୃଷ୍ଟି ହୋଇଥିଲା, ତେଣୁ ଶ୍ରୀମଭାଗବତରେ ପ୍ରଥମେ ବରାହ ଅବତାରଙ୍କ ବର୍ଣ୍ଣନା କରାଯାଇଅଛି।)

ଜୟ, ବିଜୟ, ତୁମେ ଜାଣ ଯେ, ଏମାନେ ଜଗତର ମଙ୍ଗଳ ପାଇଁ ଅଙ୍ଗଜ ସୃଷ୍ଟି କରି ଉତ୍ତମ ମାନବ ମାନଙ୍କୁ ପୃଥିବୀରେ ସୃଷ୍ଟି କରିଥିଲେ। ବିନା ଦୈହିକ ମିଳନରେ ସେମାନେ ସୃଷ୍ଟି କରିଥିବାରୁ ଏବଂ ବିଦେହରେ ବୈକୁଣ୍ଠ ଓ ବ୍ରହ୍ମ ଲୋକ ପର୍ଯ୍ୟନ୍ତ ଯୋଗ ବଳରେ ଗତି କରିଥିବାରୁ, ଏମାନଙ୍କ ଯୋଗ ସ୍ଥାନ ଭବିଷ୍ୟତରେ ବିଦେହ ନାମରେ ଖ୍ୟାତ ହେବ ଏବଂ ଅବତାର ଶ୍ରୀରାମଙ୍କ ପତ୍ନୀ ମହାସତୀ ବୈଦେହୀ ଏହି ସ୍ଥାନରେ ବିନା ଦେହଜା ବିନା ଜନ୍ମରେ ଜନକଙ୍କୁ ପ୍ରାପ୍ତ ହେବେ। ପୃଥିବୀର ଅଧିବାସୀ ମାନେ ପାର୍ଥିବ ମାୟା ମଧ୍ୟରେ ଜ୍ଞାନ, ଭୋଗ, ସ୍ତ୍ରୀ, ପୁତ୍ର, ଯଶ, ସମ୍ପଦ ନେଇ ମଗ୍ନ ହୋଇଥାନ୍ତି, କିନ୍ତୁ ଏହି ଦେହ ଓ ପୃଥିବୀ ଅସ୍ଥାୟୀ ଅଟେ। ଜଣେ ମାନବ ଏଠି ତାର ପୂର୍ବ ଓ ପର ଜନ୍ମକୁ ମଧ୍ୟ ଭୁଲି ଯାଇଥାଏ। ତେଣୁ ଏହା ମିଥ୍ୟା ଅଟେ। ଏହି ଆତ୍ମଜ୍ଞାନ ଥିବାରୁ ଏମାନେ ସମସ୍ତ ପାର୍ଥିବ ଲୋଭ, ମୋହ, ମାୟା, ଐଶ୍ୱର୍ଯ୍ୟ,କାମନା ସୁଖ, ହିଂସା, ଈର୍ଷାକୁ ତ୍ୟାଗ କରି ଜଗତର ମଙ୍ଗଳ ପାଇଁ ସାଧନା କରି ଛନ୍ତି। ମୋତେ ଉପଲବ୍ଧି କରି ମୋର ପ୍ରେମରେ ମଗ୍ନ ରହି ନିଜକୁ ବିସ୍ମୃତ ହୋଇ ଛନ୍ତି। ତେଣୁ ଏହି ଅନନ୍ତ ସମୟ ପାଇଁ ସ୍ଥାୟୀ ଐଶ୍ୱର୍ଯ୍ୟ, ଆନନ୍ଦ, ବୈଭବ,ବିଳାସରେ ପୂର୍ଣ୍ଣ ବୈକୁଣ୍ଠ ଲୋକ କେବଳ ଏହି ମାନଙ୍କ ପରି ଆଦର୍ଶ ତ୍ୟାଗୀମାନଙ୍କ ପାଇଁ ନିର୍ମିତ ହୋଇଅଛି ଜୟ, ବିଜୟ। ଭୋଗୀମାନଙ୍କ ପାଇଁ ଏହାର ଦ୍ୱାର ଉନ୍ମୁକ୍ତ ନଥାଏ। ହଁ, ମୁଁ ତୁମ୍ଭମାନଙ୍କୁ କ୍ଷମା କରିଦେଇପାରେ, କିନ୍ତୁ ଏହି ବ୍ରାହ୍ମଣ ମାନଙ୍କ ସିଦ୍ଧାନ୍ତରୁ ଭିନ୍ନ ହୋଇ ପାରିବିନାହିଁ। କାରଣ ବ୍ରାହ୍ମଣ ମୋର ଅତୀବ ପ୍ରିୟ ଅଟନ୍ତି। ବ୍ରାହ୍ମଣଙ୍କ ଶରୀର ହିଁ ମୋର ବାସସ୍ଥାନ ଅଟେ। ବ୍ରାହ୍ମଣ ଯାହା ଭକ୍ଷଣ କରନ୍ତି ମୁଁ ତାହାହିଁ ଭକ୍ଷଣ କରେ। ବ୍ରାହ୍ମଣ ମାନଙ୍କ ପଦ ରଜ ହିଁ ମୋର ଶକ୍ତି। ତେଣୁ ବାସ୍ତବ ବ୍ରହ୍ମ ଦର୍ଶନ କରିଥିବା ବ୍ରାହ୍ମଣ ମାନଙ୍କ ପ୍ରତି ଅପରାଧ କଲେ, ସଂସାରରେ ନିସ୍ତାର ମିଳେନାହିଁ ।' । 'ବ୍ରାହ୍ମଣ ଏବଂ ଦୁଗ୍ଧବତୀ ଗାଭୀ, ରକ୍ଷକ ହୀନ ପ୍ରାଣୀ ମୋର ଶରୀର ସଦୃଶ ଅଟନ୍ତି। ଏହାଙ୍କ ପ୍ରତି ଲୋଭଦୃଷ୍ଟି ପକାଇଲେ ଯମର ଗୃଧ୍ର ଦୂତମାନେ ଚଞ୍ଚୁରେ ତାର ଦୃଷ୍ଟି ନାଶକରି ଅନ୍ଧ କରିଦିଅନ୍ତି। ଅର୍ଥାତ୍ ସେମାନେ ଅଜ୍ଞାନ ରେ ଗଣା ହୁଅନ୍ତି। ତେଣୁ ତୁମକୁ ଏହି ପୃଥିବୀରେ ତିନି ଜନ୍ମ ପର୍ଯ୍ୟନ୍ତ ଅସୁର ଜନ୍ମ ଭୋଗ କରିବାକୁ ପଡିବ। ଏହି ତିନି ଜନ୍ମରେ ମୁଁଦେବତା ମାନଙ୍କର ପ୍ରତିଭୂ ହୋଇ ଜନ୍ମ ନେବି ଓ ତୁମେମାନେ ମୋର ପ୍ରତିଦ୍ୱନ୍ଦୀ ହେବ। ମୋହ ଦ୍ୱାରା ତୁମ୍ଭ ମାନଙ୍କର ପରାଜୟ ଓ ବିନାଶ ହେବ ଏବଂ ଐଶୀ ଦେବ ଶକ୍ତିର ପ୍ରତିଷ୍ଠା ହେବ। ପୁଣି ତିନି ଜନ୍ମପରେ ଏହି ବିପ୍ରମାନଙ୍କର ସନ୍ତୋଷରୁ ମୁଁ ତୁମକୁ ମୁକ୍ତି ଦେବି।' ଏହାପରେ ବ୍ରହ୍ମାଙ୍କର ଚାରିପୁତ୍ର ଓ ଶ୍ରୀ ବିଷ୍ଣୁ ବି ଭିନ୍ନଭିନ୍ନ ଦିଗରେ ପ୍ରସ୍ଥାନ କଲେ। କିନ୍ତୁ ସେହି ଦ୍ୱାରପାଳ ଦ୍ୱୟଙ୍କର କଣ ହେଲା ? ସଙ୍ଗେ ସଙ୍ଗେ ସେମାନଙ୍କ ଶରୀରରୁ ବିଷ୍ଣୁ ତେଜ ଚାଲିଗଲା। ସେମାନେ ଶୁଷ୍କଅଧର, ହତ ଗର୍ବ, ମଳିନ ତଥା ଅଧୋ ବଦନରେ ସେହି ଐଶ୍ୱର୍ଯ୍ୟମୟୀ ବୈକୁଣ୍ଠ ଭୁବନରୁ ପୃଥିବୀ ଅଭିମୁଖେ ପତିତ ହେଲେ। ସେମାନେ ପୃଥିବୀର କେଉଁ ସ୍ଥାନରେ ଅଭିଶପ୍ତ ଦାନବ ଜନ୍ମଗ୍ରହଣ କରିଥିଲେ ? ସେମାନଙ୍କର ନାମ କଣ ଥିଲା ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ମୋ ବଗିଚାର ପକ୍ଷୀ

ସ୍ନିଗ୍ଧା ପଣ୍ଡା



ମୋ ବଗିଚାର ପକ୍ଷୀ
ଦେଖାଯାଏନି କିନ୍ତୁ ଥାଏ
ଅଛି ବୋଲି ଜଣେଇବାକୁ
ଶୁଣଉଥାଏ ତା'ର ସ୍ୱର
କେବେ ରହି ରହି
କେବେ ଅବିଛିନ୍ନ ଅନେକ ସମୟ ଧରି
ତାକୁ ଜଣାଥାଏ
ସେ ସ୍ୱର କାହାକୁ ମୋହାଛନ୍ନ କରାଏନା
କାହାଠାରେ ପ୍ରାଣ ଭରେନା
କାହାକୁ ବଦଳାଏନା
କାହାର ଓଠ ପୋଛେନା
କି କାହାର ଲୁହ ପୋଛିପାରେନା
ପକ୍ଷୀ ଦେଖେ
କେମିତି ଭାତ ବାଢି ଦେଇ
ସାମ୍ନାରୁ ଉଠେଇ ନିଆ ହୁଏ ଥାଳି
ବନ୍ଧନୀରେ ରଖି
ଛୁଟୁଥାଏ ମଦ ବାସ୍ନାର ଗାଳି
ଯୋଉ ହାତ ଆଣିଥାଏ ଶାଢୀ
ସେଇ ହାତ ଉତୁରେଇ ଥାଏ
ପ୍ରେମଚିଠି ଆଣିଥିବା ଡାକବାଲା
ଭୁଲିବାର ପ୍ରତିଜ୍ଞା ବି
ଦୁଆର ମୁହଁରେ ଛାଡିଦେଇଯାଏ
କ୍ଷେତରେ ମାଟି ସବୁବେଳେ କମ୍ ଥାଏ
ବୋଲି
କେହି ତ ମାଟି କରୁଥାଏ ନିଜକୁ
ପାଣି ନ ଥାଏ ବୋଲି
ଢାଳୁଥାଏ ରକ୍ତକୁ
କ୍ଷେତ କି ମାଟି ଦେଖି ନ ଥିବା
ମାର୍ବଲ ମୂର୍ତ୍ତି କେଇଟି
ସ୍ଥିର କରନ୍ତି ନିମ୍ନତମ ମୂଲ୍ୟ
ଘୋରି ହେଇ ସରୁଥିବା ଜୀବନର
ସେତେବେଳେ ବି ପକ୍ଷୀ ଶୁଣଉଥାଏ
ଗୁମୁରି ଗୁମୁରି ଆପତ୍ତି ଧାଡ଼ିଏ
ଯାହା କାହାକୁ ଛୁଉଁ ନ ଥାଏ
କେବେ କେବେ ଯୁଦ୍ଧ ଲାଗେ
ବଗିଚାର ଫୁଲମାନଙ୍କ ଭିତରେ
ଚିରି ହୋଇଯାଏ ସମୟ
ଘାସ ସବୁ ପୋଡ଼ିଯାଏ ବିଷର ବର୍ଷାରେ
ମୃତ ଫୁଲମାନଙ୍କୁ ଧଳା କନା ଗୁଡ଼ାଇବାକୁ
ଯେତେବେଳେ କେହି ନ ଥାନ୍ତି
ଖୁବ୍ ଚିତ୍କାର କରେ ପକ୍ଷୀ
ଯୋଉଥିରେ ଆକାଶ ଖସି ପଡେନା
ମାଟି ଫାଟି ଯାଏନା ଯୁଦ୍ଧ ସରି ପାରେନା
ସବୁ କିଛି ସେଇଠି ସେମିତି ଥାଏ
ସେଇ ବାରମାସୀ ସ୍ୱର
ଭୋକରେ, ଶୋକରେ, ଅନ୍ଧାରରେ
ସାଙ୍ଗରେ ଥାଏ
ନିଜକୁ ବୁଝାଉଥାଏ ସିନା
ଭୋକ ମାରି ପାରେନା
ଶୋକ ଲିଭେଇ ପାରେନା
ଆଲୁଅ ଜାଳି ପାରେନା
ଖାଲି ଥାଏ
ଏବଂ ଅଛି ବୋଲି ଜଣେଇବାକୁ
ଶୁଣଉଥାଏ ତା'ର ସ୍ୱର
କେବେ ରହି ରହି
କେବେ ଅବିଛିନ୍ନ ଅନେକ ସମୟ ଧରି।

+ମୋ-୯୮୬୧୩୨୩୬୫୦

## ସଂଗ୍ରାମଶୀଳ ଜୀବନ

ସୁନୀତା ସାହୁ



ସଂଗ୍ରାମଶୀଳ ମଣିଷର ଆଜି
କେଉଁଠି ତ ନାହିଁ ଶାନ୍ତି
ପଇସା ପଛରେ ଖାଲି ଧାଇଁ ଚାଲେ
ବୁଝେନି ଜୀବନ ନୀତି।

ଧନ ରତ୍ନ ତାର ସବୁ କିଛି ଭାବି
ଗର୍ବ ଅହଙ୍କାରେ ବୁଡେ
ଗର୍ବ ଅହଙ୍କାର ଚୁନା ହେବ ଦିନେ
ଧନ ରତ୍ନ ନରହିବ କିଛି କ୍ଷଣେ।

ଅବାଟରେ ଯାଇ ପିଲାଗୁଡ଼ା ପରା
ଭବିଷ୍ୟତ କରନ୍ତି ନଷ୍ଟ
ଏଥି ପାଇଁ ଦାୟୀ ପିତାମାତା ଆଜି
କରି ତାଙ୍କ ବୁଦ୍ଧି ଭ୍ରଷ୍ଟ।

ବ୍ୟସ୍ତ ଜଞ୍ଜାଳରେ ବୁଡ଼ିରହି ଆଜି
ପିଲାଙ୍କୁ ବିପଦେ ଠେଲେ
ଟଙ୍କା ଖର୍ଚ୍ଚ କଲେ ସବୁ ମିଳେ ଭାବି
ପିଲାଙ୍କ ପଛରେ ସାରେ।

ଟଙ୍କା ଖର୍ଚ୍ଚ କରି ଚାକିରି ତ କିଣେ
ହେଲେ ସଂସ୍କାର ତ ଦେଇ ପାରେନା
ପିଲାର ଉଣା ମୁଁ କିଛିତ କରିନି
ଏହା ତା ମନର ଭାବନା।

ବିଦେଶରେ ପୁଅ ଆନନ୍ଦରେ ରୁହେ
ମାଆ ବାପା ସ୍ନେହ ଭୁଲି
ମାଆ ବାପା ଆଜି ବୁଢ଼ା ବୁଢ଼ୀ ହେଲେ
ମାଆ ବୁଢ଼ୀ ବେଳେ ଖାଏ ରାନ୍ଧି।

ବାପା ବିଚରାଟା କଣ କରିବ
ଅସଲ ଭୁଲ୍‌ଟା ତାର
ସଂସ୍କାର ଟିକକ ଦେଇ ପାରିଲାନି
ଏବେ ଚାରିଦିଗ ଦିଶେ ଅନ୍ଧାର।

+ଧୂସର ବାହାଲ୍
ବରଗଡ଼

## ବାଟ

ସୁନନ୍ଦା ମହାନ୍ତି



ଫୁଲକୁ ମାଗିଲି ରଙ୍ଗ ଟିକେ ଦେ
ପକ୍ଷୀକୁ ମାଗିଲି ଡେଣା
ରଙ୍ଗ ନାହିଁ ଜାଣି ଫଗୁଣ ଫେରିଲା
ତୁଚ୍ଛଟାରେ ବାଟବଣା

ନଈକୁ ମାଗିଲି ପାଣି ଟୋପେ ଦେବୁ
ସାଗରକୁ ଗୋଟେ ଢେଉ
ନଈଟା ଶୁଖିଲା ସୂର୍ଯ୍ୟଙ୍କୁ ଦୋଷ ଦେଲା
ସମୁଦ୍ର କହେ ଅନ୍ଧାରକଣା

ଅନ୍ଧାରର ରଙ୍ଗ ଅଛି ଚମତ୍କାର
କହିଲା ନିହାରକନ୍ୟା
ଜୀବନ ଯାଉଛି ଭାସି, ରୁଷି ରାଗି ହସି
ମିଛରେ ମନ ଅରଣା

ପ୍ରଜାପତିମାନେ ଡେଣାକୁ ହଲେଇ
ବୁଲି ବୁଲି ଏଘର ସେଘର ଅଗଣା
କ୍ଳାନ୍ତ ପଥିକ ଭାବେ ରଙ୍ଗ ସଙ୍ଗେ ସାଙ୍ଗ
ହୋଇ ପାଇବ କରୁଣା

ଫୁଲ ନାହିଁ କଳା ଅନ୍ଧାରେ ଆଲୁଅ ଦିଶିଲା
ଆଲୁଅ ମାଗେ ପାଉଣା
ଦିଘଡି ଜୀବନେ ଶାନ୍ତି ପ୍ରୀତି ମୈତ୍ରୀ ଖୋଜି
ମନ ଅଗଣା ହୁଏ ଅରଣା

ଜୀବନଘାଟରେ ରଙ୍ଗତୁଠରେ
ଅନ୍ଧାରି ମଠରେ
ଜୀବନଟା ଏଯାବତ ନିଉଛୁଣା
ଜହ୍ନ ଆଖିମାରେ ତାରା ଫୁଲ ଝରେ

ସୂର୍ଯ୍ୟଙ୍କ ଖରା ଗହଣା
ରୂପେଲି ରୂପେଲି ସୁନେଲି ସୁନେଲି
ମହୁଲି ଲାଗେ ଅଗଣା
କିଏ ଆଖି ଥାଇ ଅନ୍ଧ,

ଖୋଜେ କାଳେ ରନ୍ଧ୍ର
ବାଜୁଛି ସମୟ ବାଜଣା

ଚକାଆଖି ପରି ଗୋଲ ଗୋଲ ସବୁ ଏଠି
ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କ ଠିକଣା।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଆବୁଝମାଡ ଜଂଗଲ ମଝିରେ ମାଓ ଟ୍ରେନିଂ କ୍ୟାମ୍ପ ଠାବ କଲା ପୁଲିସ

## ଗ୍ରାମବାସୀଙ୍କ ଯୁକ୍ତି ଏହା ଟ୍ରେନିଂ କ୍ୟାମ୍ପ ନୁହେଁ, ଆଶ୍ରମ ବିଦ୍ୟାଳୟ

ମାଲକାନଗିରି, ୨୯/୫ (ନି.ପ୍ର): ସୀମାନ୍ତ ଛତିଶଗଡ଼ରେ ଯବାନ ନକ୍ସଲ ଦମନ ନେଇ ଲଗାତାର ସଫଳତା ପାଇବା ସହ ତାଂକର ସମସ୍ତ ଠିକଣା ଉପରେ ଏବେ ଚଢ଼ାଉ ଜାରି ରଖିଛି। ହଜାର ହଜାର ଯବାନ ଜଂଗଲରେ ପଶି ନକ୍ସଲଙ୍କୁ ବେକଫୁଟ ଯିବାକୁ ବାଧ କରିଛନ୍ତି। ବସ୍ତର ରେଞ୍ଜର ଆବୁଝମାଡ ଜଂଗଲ ସବୁଠାରୁ ବଡ ଜଂଗଲ। ଏହା ସୁକମା, ଦନ୍ତେୱାଡା, ବିଜାପୁର, ନାରାୟଣପୁର ଜିଲ୍ଲାକୁ ଲାଗି ରହିଛି। ଏହି ଜଂଗଲରେ ହିଁ କୋଟି କୋଟି ଟଂକାର ଘୋଷିତ ନକ୍ସଲ ଲୁଚି ରହିଛନ୍ତି। ତେଣୁ ଯବାନ ଏବେ ଆବୁଝମାଡ ଜଂଗଲକୁ ତନ୍ନ ତନ୍ନ କରି ସର୍ଚ୍ଚ କରୁଛନ୍ତି।

ଗତ ୨୩ ତାରିଖରେ ଆବୁଝମାଡର ରେକାବାୟା ଅଂଚଳରେ ଯବାନ ଚଢ଼ାଉ କରିଥିଲେ। ଏଠାରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ୭୨ ଘଣ୍ଟା ଧରି ଗୁଳିବିନିମୟ ଘଟିଥିଲା ଏବଂ ୮ ଜଣ ନକ୍ସଲ ନିହତ ହୋଇଥିଲେ ବୋଲି ପୁଲିସ କହିଥିଲା। ଏଥିସହ ପୁଲିସ ଏକ ଭିଡିଓ ଜାରି କରି କହିଥିଲା ଯେ ଜଂଗଲରେ ନକ୍ସଲଙ୍କ ଟ୍ରେନିଂ କ୍ୟାମ୍ପକୁ ଠାବ କରାଯାଇଛି। ତେବେ ଗ୍ରାଉଣ୍ଡ ଜିରୋରେ ଯେତେବେଳେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ସେତେବେଳେ ଜଣାପଡିଥିଲା ଯେ ଏହା କୌଣସି ନକ୍ସଲଙ୍କର ଟ୍ରେନିଂ କ୍ୟାମ୍ପ ନୁହଁ, ବରଂ ଆଶ୍ରମ ବିଦ୍ୟାଳୟ। ସ୍ଥାନୀୟ ଜଣେ ଶିକ୍ଷକ ପ୍ରବୀଣ ଏହାର ଖୁଲାସା କରିଥିଲେ। ଜଂଗଲ ମଝିରେ ଦୁଇ ତିନୋଟି କୁଡିଆ ଘର ରହିଛି। ଏହାକୁ ଯିଏ ବି ଦେଖିଲେ ନକ୍ସଲଙ୍କ ଟ୍ରେନିଂ କ୍ୟାମ୍ପ ଭାବିବ। କିନ୍ତୁ ଶିକ୍ଷକ ଜଣକ କହିଥିଲେ ଯେ ଏହା ୧୧ଟି ପଞ୍ଚାୟତର ପିଲାମାନେ ଆସି ଅଧ୍ୟୟନ କରୁଛନ୍ତି। ସ୍ଥାନୀୟ ୫ ଜଣ ଯୁବକ ଏମାନଙ୍କୁ ପାଠ ପଢାଉଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଛୁଟି ହୋଇଥିବାରୁ ଏହା ବନ୍ଦ ରହିଛି। ସମସ୍ତ ଶିକ୍ଷକ



୮ମରୁ ୧୦ମ ପର୍ଯ୍ୟନ୍ତ ପଢିଛନ୍ତି। ସମସ୍ତଙ୍କୁ ଗ୍ରାମବାସୀ ୪ ହଜାର ଟଂକା ଲେଖାଏଁ ଦରମା ଦିଅନ୍ତି ବୋଲି ଶିକ୍ଷକ ପ୍ରବୀଣ ପ୍ରକାଶ କରିଥିଲେ।

ତେବେ ନକ୍ସଲ ଏହି ବିଦ୍ୟାଳୟରେ କିଛି ସହଯୋଗ କରୁଛନ୍ତି କି ବୋଲି ପ୍ରଶ୍ନ ଉତ୍ତରରେ ଶିକ୍ଷକ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ଏହା ସଂପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ହେଉଛି। ପାଖ ଗାଁରେ ସ୍କୁଲ ରହିଛି, ସେଠାକୁ ପିଲା କାହିଁକି ଯାଉ ନାହାନ୍ତି ବୋଲି ପ୍ରଶ୍ନ କରାଯିବାରୁ ସେଠାରେ ଶିକ୍ଷକ ନିୟମିତ ନଆସିବାରୁ ଏଠାରେ ସ୍କୁଲ ନିର୍ମାଣ କରାଗଲା ବୋଲି କହିଥିଲେ। ଏତେ ଜଂଗଲ ଭିତରେ ପିଲା କିପରି ରହୁଛନ୍ତି ବୋଲି ପଚରାଯିବାରୁ, ଶିକ୍ଷକ ଜଣକ କହିଲେ ଯେ ଆଖପାଖରେ ଗାଁ ରହିଛି, କୌଣସି ଭୟ ନାହିଁ। ଏଠାରେ ପିଲା ସମସ୍ତ ଜ୍ଞାନକୌଶଳ ଶିକ୍ଷା ଗ୍ରହଣ କରୁଛନ୍ତି। ଯବାନ ଏଠାକୁ ଆସି ଆମର ଖାତାପତ୍ର ଏବଂ ଘରକୁ ଭଙ୍ଗାରୁଜା କରୁଛନ୍ତି ବୋଲି କହିଥିଲେ।

ତେବେ ପୁଲିସ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଚାଲିଥିବା ଯୁକ୍ତିରେ କିଏ ଠିକ କଥା କହୁଛି ଜଣାପଡନଥିଲା। ନକ୍ସଲ ଓ ପୁଲିସ ମଧ୍ୟରେ ଚାଲିଥିବା ଛାୟାଯୁଦ୍ଧରେ କେବଳ ନିରୀହ ଜନସାଧାରଣ ବଳି ପଡୁଛନ୍ତି। ଏହି ଅଂଚଳର ପିଲାମାନେ ସ୍କୁଲ ନଯାଇ ଜଂଗଲରେ ଶିକ୍ଷା ଗ୍ରହଣ କରୁଥିବାରୁ ଏବଂ ଜଂଗଲ ମଧ୍ୟରେ ନକ୍ସଲଙ୍କ ଟ୍ରେନିଂ କ୍ୟାମ୍ପ ଭଳି ସମସ୍ତ ବ୍ୟବସ୍ଥା ଥିବାରୁ ପୁଲିସ ଏହାକୁ ନକ୍ସଲଙ୍କ କ୍ୟାମ୍ପ କହୁଛି।

# ରବି ଧାନ ମଣ୍ଡି ପାଇଁ ସରିଲା ସର୍ଭେ: ଜୁନ୍ ୩ ତାରିଖରେ ମଣ୍ଡି ଆରମ୍ଭ

ଜୟପୁର, ୨୯/୫ (ନି.ପ୍ର): ରବି ମଣ୍ଡି ଶନିବାର ଠାରୁ ଆରମ୍ଭ ହେବାର ଥିଲେ ହେଁ କମ୍ ପରିମାଣର ଧାନ କଟା ଏବଂ କାଳବୈଶାଖୀ ଲାଗି ରହିଛି। ଏହାକୁ ନେଇ ଚିନ୍ତା କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଜୁନ୍ ୩ ତାରିଖ ଦିନ ମଣ୍ଡି ଆରମ୍ଭ କରିବାକୁ ଧାର୍ଯ୍ୟ କରାଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୂଚନା ମିଳିଛି। ଥରେ ମଣ୍ଡି ଆରମ୍ଭ କରିବାର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରିଲେ ତୁରନ୍ତ ଟୋକୋନ୍ ଆସିଯିବ। ଏବଂ ମଣ୍ଡି ସ୍ୱାଭାବିକ ହୋଇ ଠିକରେ ଚାଲିବା ସମୟ ମଧ୍ୟରେ ଟୋକୋନରେ ଥିବା ଧାର୍ଯ୍ୟ ସମୟ ସରିଯିବାର ସମ୍ଭାବନାକୁ ଏଡାଇ ହେବ ନାହିଁ। ତେଣୁ ସବୁ ରକମର ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣ୍ଡି ଆସନ୍ତା ୩ ତାରିଖରେ କରାଯିବ ବୋଲି ପ୍ରଶାସନ ଘୋଷଣା କରିଛି। ଅପରପକ୍ଷରେ ୧୨ଟି ଲ୍ୟାମ୍ପ, ୧୯ଟି ମହିଳା ସ୍ୱୟଂ ସହାୟକ ଦଳ ଓ ୩ଟି ପାଣିପଂଚାୟତ ମାଧ୍ୟମରେ ୩୪ଟି କ୍ରୟକାରୀ ସଂସ୍ଥା ମାଧ୍ୟମରେ ପଂଜିକରଣ କରିଥିବା ୧୫ ହଜାର ୯୧୯ ଜଣ ଚାଷୀଙ୍କ ମଧ୍ୟରୁ ୨୪୧ ଜଣ ପ୍ରାଥମିକ ଯାଂଚ ଡିଆରସିଏସଙ୍କ ପକ୍ଷରୁ କରାଯିବା ବେଳେ ବାଦ୍ ପଡ଼ିଛନ୍ତି। ସେହିପରି ସନ୍ଦେହରେ ଥିବା ୮ ହଜାର ୬୮୫ଟି ପ୍ଲଟ ସାଟେଲାଇଟ୍ ଚିହ୍ନଟ କରିଥିଲା। ଏଥିରୁ ଆଜି ଯାଏଁ ୭୦୦୨ଟି ପ୍ଲଟର ସର୍ଭେ ସରିଛି। ଏଥିରୁ ୧୨୩୮ଟି ପ୍ଲଟରେ ଧାନ ଚାଷ ହୋଇଛି। ବଳକା ୫୭୬୪ଟି ପ୍ଲଟରେ ରବି ପାଇଁ ଧାନ ଚାଷ ହୋଇନାହିଁ। ବଳକା ୧୬୮୩ଟି ପ୍ଲଟର ସର୍ଭେ ଜାରୀ ରହିଥିବା ଡିଆରସିଏସଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଅପରପକ୍ଷରେ ଗତ କିଛି ଦିନ ହେବ ହେଉଥିବା କାଳବୈଶାଖୀର ବର୍ଷା ଓ ପବନରେ ପାଚି ଯାଇଥିବା ଜମିର ଧାନ କେଣ୍ଡା ଗୁଡିକ ଅଧାରୁ ଭାଙ୍ଗି ଶୋଇ ପଡ଼ିଛି। କାଳବୈଶାଖୀକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଧାନର ଏନ୍ତୁଡ଼ିଶାଳ ଜୟପୁର ଉପଖଣ୍ଡର ଜୟପୁର, ବୋରିଗୁମ୍ମା, କୁନ୍ଦ୍ରା ଓ କୋଟପାଡ଼ ବ୍ଲକରେ ରବି ସହ ଖରିଫ ଧାନ ଚାଷ କରାଯାଉଛି। ତେଣୁ ରବିର ଧାନ ତୁରନ୍ତ କାଟିଲେ ଖରିଫ ପାଇଁ ଜମି ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଚାଷୀ ମାନେ କହିଛନ୍ତି। କୋରାପୁଟ ଜିଲ୍ଲାର ମିଲର୍ସ ମାନେ ପୂର୍ବରୁ ଚୁକ୍ତି କରିଥିବାରୁ କେବଳ ସହମତିପତ୍ର ଦେବେ। ସହମତିପତ୍ର ଦେବା ପରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମାସ୍ ଓ ମାସ୍ ଆଦି କ୍ରୟକାରୀ ସଂସ୍ଥା ଓ ଧାନ ଉଠାଇବାକୁ ଥିବା ମିଲର୍ସ ଆଦିଙ୍କୁ ଦେବା ପ୍ରକ୍ରିୟା ବି କରାଯିବ। ପ୍ରତିବର୍ଷ ଏଭଳି ଭୂତ ପ୍ଲଟ୍ ବା ସଂଦେହାସ୍ପଦ ପ୍ଲଟ୍ ଚିହ୍ନଟ ହେଉଛି। ତେବେ ପ୍ରତିବର୍ଷ ଚାଷୀ ମାନେ ଏଭଳି କାହିଁକି କରୁଛନ୍ତି। ଏଭଳି ଭୂତପ୍ଲଟ୍ ପଂଜୀକରଣ କିଏ କରାଉଛି ତାହା ତଦନ୍ତ ସାପେକ୍ଷ। ଚାଷୀ ନା ଆଉ କିଏ। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ଏହି ରାକେଟ୍ ଅନ୍ତତଃ ବନ୍ଦ ହୋଇଥାନ୍ତା ବୋଲି ମତ ପ୍ରକାଶ ପାଇଛି।

# ବେଆଇନ ଗୁଟଖା କାରବାର ଉପରେ ପୌରପାଳିକାର ଚଢ଼ଉ

ଜୟପୁର, ୨୯/୫ (ନି.ପ୍ର): ଗୁଟୁଖା ଗୋଦାମ ଉପରେ ଜୟପୁର ପୌର ପାଳିକାର ଚଢ଼ଉ । ବେଆଇନ ଭାବେ ଗୁଟଖା କାରବାର ଚାଲୁଥିବା ସୂଚନା ପାଇ ଜୟପୁର ପୌରପାଳିକା ତରଫରୁ ଚଢଉ କରାଯାଇଛି । ଜୟପୁର ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା । ସହରର କାପୁସାହିରେ ଥିବା ଜଗତ ଜନନୀ ଡିଷ୍ଟ୍ରିବୁଟର ଓ ଭଦ୍ରାୟାସାହିରେ ଥିବା ଅମନ ଏଜେନ୍ସି ଦୁଇଟି ଗୋଦାମ ଉପରେ ଚଢଉ କରାଯାଇଥିଲା । ଜୟପୁର ଟାଉନ ପୋଲିସ ସହୟତାରେ ଏହି ଚଢଉ କରାଯାଇଥିଲା । ଚଢଉକୁ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ତଦାରଖ କରିଥିଲେ । ଅମନ ଏଜେନ୍ସିରେ ଚଢଉ କରି ୪୧୬ ପ୍ୟାକେଟ ଗୁଟୁଖା, ୧୧ ପ୍ୟାକେଟ ଜର୍ଦା ଜବତ କରିଛି । ଏହା ସହ ୨ଟି ଷ୍ଟଲରେ ୪୦ ପ୍ୟାକେଟରୁ ଉର୍ଦ୍ଧ୍ୱ ଗୁଟୁଖା ମହଜୁତ ହୋଇ ରହିଛି । ସେହି ଦୁଇଟି ଷ୍ଟଲକୁ ସିଲ କରିଛି ପୌରପାଳିକା । ପ୍ୟାକେଟରେ ୮୫ ପ୍ରତିଶତ ୱାରନିଙ୍ଗ ଲେବଲ ନଥବାରୁ ସମସ୍ତ ଗୁଟଖା ଓ ଜର୍ଦାକୁ ଜବତ କରିଛି । ଅମନ ଏଜେନ୍ସି ମାଲିକକୁ ୫୦ ହଜାର ଟଙ୍କା ଆର୍ଥିକ ଜୋରିମାନା ସହ ଷ୍ଟଲ ସିଲ କରାଯାଇଛି । ଅମନ ଏଜେନ୍ସି ର ଟ୍ରେଡ ଲାଇସେନ୍ସ ମଧ୍ୟ ନଥିବା ପୌର ପାଳିକା ଜାଣିବାକୁ ପାଇଛି । ସେହିପରି କାପୁ ସାହିରେ ଥିବା ଜଗତ ଜନନୀ ଡିଷ୍ଟ୍ରିବୁଟର ଉପରେ ଚଢଉ କରି ୩୮ ପ୍ୟାକେଟ ଗୁଟଖା ସହ ୩୧୦ କେଜି ପଲିଥିନ, ଡିସ୍ପୋଜଲ ଗ୍ଲାସ ଜବତ କରିଛି । ଜଗତ ଜନନୀ ଡିଷ୍ଟ୍ରିବୁଟରକୁ ୨୦ ହଜାର ଟଙ୍କା ଆର୍ଥିକ ଜୋରିମାନା କରାଯାଇଛି । ଜଗତ ଜନନୀ ଡିଷ୍ଟ୍ରିବୁଟର ମଧ୍ୟ ଟ୍ରେଡ ଲାଇସେନ୍ସ ମଧ୍ୟ ନଥିବା ପୌରପାଳିକା ଜାଣିବାକୁ ପାଇଛି ।

# ପ୍ରକଳ୍ପ ପାଇଁ ବଞ୍ଚିବ ତ ବାଲି ?: ନିୟମିତ ହେଲାଣି ବାଲି ଚୋରାଚାଲାଣ

ରାଉରକେଲା, ୨୯/୫ (ନି.ପ୍ର): ଆଗାମୀ ୫ ବର୍ଷ ଭିତରେ ରାଉରକେଲା ଗ୍ରାମ୍ୟ ନିର୍ବାଣ ବିଭାଜନ(ଆରଡବ୍ଲ୍ୟୁ ଡିଭିଜନ) ପକ୍ଷରୁ ଏକାଧିକ ରାସ୍ତା ନିର୍ମାଣ କରାଯିବ। ଏହି ଡିଭିଜନ ଅନ୍ତର୍ଗତ କୁଆରମୁଣ୍ଡା, ବିଶ୍ରା, ନୂଆଗାଁ, ଲାଠିକଟା, ଗୁରୁଣ୍ଡିଆ, କୋଇଡ଼ା, ବଣାଇ, ଲଡୁଣୀପଡ଼ା ଆଦି ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆଦି ଭିନ୍ନ ଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ ହେବ। ଏହି ପ୍ରସ୍ତାବିତ ରାସ୍ତା ନିର୍ମାଣ ପାଇଁ ୭ ଲକ୍ଷ ୫୭ ହଜାର ୭୨ କ୍ୟୁବିକ ମିଟର ବାଲିର ଆବଶ୍ୟକତା ରହିଛି। ତେବେ ସଂପ୍ରତି ଯେଉଁଭଳି ଭାବେ ବାଲି ଚୋରାଚାଲାଣ ହେଉଛି, ସେଥିରେ ଅଙ୍କୁଶ ନ ଲାଗିଲେ ଆଗାମୀ ଦିନରେ ବାଲି ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ଆଗାମୀ ପାଞ୍ଚ ବର୍ଷ, ଅର୍ଥାତ୍ ୨୦୨୪-୨୫ରୁ ୨୦୨୮-୨୯ ମଧ୍ୟରେ କେବଳ ରାସ୍ତା ପ୍ରକଳ୍ପ ପାଇଁ ୭,୫୭,୦୭୨ କ୍ୟୁବିକ ମିଟର ବାଲି ଆବଶ୍ୟକ ହେବ। ଚଳିତ ଆର୍ଥିକ ବର୍ଷ, ଅର୍ଥାତ ୨୦୨୪-୨୫ରେ ୧,୦୨,୦୨୮ କ୍ୟୁବିକ



ମିଟର ବାଲି ବ୍ୟବହୃତ ହେବାକୁ ଥିବାବେଳେ ୨୦୨୫-୨୬ରେ ୯୧,୮୨୫ କ୍ୟୁବିକ ମିଟର, ୨୦୨୬-୨୭ରେ ୯୩,୬୬୨ କ୍ୟୁବିକ ମିଟର, ୨୦୨୭-୨୮ରେ ୯୫,୫୩୫ କ୍ୟୁବିକ ମିଟର ଓ ୨୦୨୮-୨୯ରେ ୯୭,୪୪୬ କ୍ୟୁବିକ ମିଟର ବାଲି ବ୍ୟବହାର କରାଯିବ। ଏତଦ୍‌ବ୍ୟତୀତ ଅଞ୍ଚଳରେ ସେତୁ, ବିଲ୍ଡିଂ ଆଦି ଅନ୍ୟାନ୍ୟ ପ୍ରକଳ୍ପ ନିର୍ମାଣ କରାଯିବାର ଯୋଜନା ରହିଛି। ଏସବୁ ପ୍ରକଳ୍ପରେ ବହୁ ପରିମାଣର ବାଲି ବ୍ୟବହାର ହେବ। ଏବେ କିନ୍ତୁ ନିୟମିତ ବାଲି ଚୋରାଚାଲାଣ ବିଭାଗର ଚିନ୍ତା ବଢ଼ାଇଦେଇଛି। ବାଲୁଘାଟ ପୂର୍ବରୁ ତହସିଲ ବିଭାଗ ଅଧୀନରେ ଥିବାବେଳେ ବାଲି ମାଫିଆ ତହସିଲ କାର୍ଯ୍ୟାଳୟର ଅଧିକାରୀଙ୍କ ସହିତ ଭିତିରିଆ ଲେଣଦେଣକରି ମନଇଚ୍ଛା ବାଲି ଚୋରି କରୁଥିଲେ। ତହସିଲ ବିଭାଗର ଶୂନ କାର୍ଯ୍ୟାନୁଷ୍ଠାନ, ଅନୈତିକ ସନ୍ଧି ଉପରେ ଆନୁଷ୍ଠାନିକ ମୋହର ମାରିଥିଲା। ବାଲି ମାଫିଆମାନେ ରାଉରକେଲା ଆଖପାଖରେ ଥିବା ବାଲୁଘାଟକୁ ଏକପ୍ରକାର ଖାଲି କରିସାରିଲେଣି। ଉଠାଣ ପାଇଁ ଅନୁମତି ମିଳିନଥିବା ବାଲୁଘାଟରୁ ନିୟମିତ ବାଲି ଉଠାଯାଉଛି। ଏମିତିକି ଅନୈତିକଭାବେ ପୂର୍ବରୁ ବାଲି ଉଠାଇ ବିଭିନ୍ନ ଅଞ୍ଚଳରେ ଗଚ୍ଛିତ କରି ରଖାଯାଉଛି। ଉଦାହରଣସ୍ୱରୂପ, ଲୁଆକେରା ବାଲୁଘାଟରୁ ଡଙ୍ଗାଘାଟ(ସେକ୍ଟର-୧୬) ପର୍ଯ୍ୟନ୍ତ ଏକ ଭିତିରିଆ ରାସ୍ତା ରହିଛି। ଉକ୍ତ ରାସ୍ତାରେ ବାଲି ପରିବହନ କରାଯାଇଥାଏ। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିପୁଳ ପରିମାଣର ବାଲି ଗଦା କରାଯାଇଛି। ତେବେ ଉକ୍ତ ବାଲିର ଖଜଣା କଟାଯାଇଛି ନା ନାହିଁ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭାଲୁଡୁଙ୍ଗରୀ ଗ୍ରାମରେ ପାନୀୟ ଜଳ ସମସ୍ୟା

ନୂଆପଡ଼ା, ୨୯/୫ (ନି.ପ୍ର): ପାଣି ମୁନ୍ଦାଏ ପାଇଁ ନାହିଁ ନଥିବା ଅବସ୍ଥା।ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଖଡ଼ିଆଳ ବ୍ଲକ ଦାବ୍ରି ଗ୍ରାମପଂଚାୟତର ଭାଲୁଡୁଙ୍ଗରି ଗ୍ରାମରେ ପାଣି ସମସ୍ୟା ଉତ୍କଟ। ଏଥିପାଇଁ ଲୋକେ ନାହିଁ ନଥିବାର ଅସୁବିଧା ଭୋଗ କରୁଛନ୍ତି। ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି, କିନ୍ତୁ ଗତ ସାତ ଦିନ ଧରି ପାଣି ଆସୁନି। ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଗ୍ରାମରେ ଦୁଇ ଶହ ପରିବାର ଥିବା ବେଳେ ଦୁଇଟି ନଳକୂପ ଅଛି। ତହିଁରୁ ଗୋଟିଏ ନଳକୂପରୁ ଖରାପ ପାଣି ବାହାରୁ ଥିବା ବେଳେ ଅନ୍ୟ ଗୋଟିଏ ନଳକୂପ ଉପରେ ଏବେ ଗ୍ରାମବାସୀ ନିର୍ଭର କରୁଛନ୍ତି। ଏହି ନଳକୂପରେ ଭିଡ଼ ଜମୁଥିବା ବେଳେ ପାଣି ମଧ କମ ବାହାରିଥାଏ। ଏଥିରେ ମଧ ଫ୍ଲୋରାଇଡ ଥିବା ଗ୍ରାମବାସୀ କହନ୍ତି। ଗାଁର ମହିଳା ମାନେ ରାତି ଅଧରୁ ପାଣି ପାଇଁ ଜଗି ରହନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କେହି ଶୁଣୁ ନଥିବା ଲୋକେ କହୁଛନ୍ତି। ପାଣି ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ପଂଚାୟତ ଓ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଖରା ମାସରେ ପାଣି ସମସ୍ୟା ଦେଖା ଦେବା ସ୍ୱାଭାବିକ, କିନ୍ତୁ ପ୍ରଶାସନ ଏନେଇ ପଦକ୍ଷେପ ନେବା ଜରୁରୀ ହୋଇପଡୁଛି। ଗାଆଁ ଗାଆଁରେ ବସୁଧା ଯୋଜନାରେ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଦୂରଦୃଷ୍ଟି ଅଭାବରୁ ଏହି ଗ୍ରାମରେ ପାଣି ପହଂଚି ପାରୁନି। ଏଥିପାଇଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଯୋଜନା ଫେଲ୍ ମାରିଥିବାରୁ ବିଭାଗୀୟ ଅଧିକାରୀଙ୍କ ଖାମ୍ ଖିଆଲି ମନୋଭାବ ସ୍ପଷ୍ଟ ବାରି ହେଉଛି। ଏନେଇ ସ୍ଥାନୀୟ ସରପଂଚ ଅମ୍ବିକା ମାଝୀଙ୍କୁ ପଚାରିବାରୁ ଅତିଶିଘ୍ର ଜଳ ଯୋଗାଣ ବ୍ୟବସ୍ଥା କରାଯିବ, ନହେଲେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କାର ଜଳ ଯୋଗାଣ ବ୍ୟବସ୍ଥା ଫେଲ ମାରିଛି।

# ବିଦ୍ୟୁତ ଆଘାତରେ ଯୁବକ ମୃତ : ସ୍ଥାନୀୟ ଅଂଚଳରେ ଶୋକ

ଧର୍ମଶାଳା, ୨୯/୫ (ନି.ପ୍ର): ବିଦ୍ୟୁତ ଆଘାତରେ ଯୁବକ ମୃତ । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ବ୍ରହ୍ମବରଦା ଥାନା ମଙ୍ଗଳପୁର ପଂଚାୟତ ଅନ୍ତର୍ଗତ ନୂଆକୂଳ(ନନ୍ଦସାହି) ଗ୍ରାମରେ । ମୃତ ଯୁବକ ଜଣକ ହେଲେ ଏହି ଗ୍ରାମର ସୂର୍ଯ୍ୟମଣୀ ନନ୍ଦଙ୍କ ପୁଅ ଦିପ୍ତି ରଂଜନ(୪୫) ବୋଲି ଜଣାପଡିଛି । ଏନେଇ ବ୍ରହ୍ମବରଦା ଥାନାରେ କେସ୍ ନଂ ୨୧୨୪ରେ ଏକ ଅପମୃତ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ସୂଚନା ମୁତାବକ, ଆଜି ସକାଳ ସମୟରେ ଦିପ୍ତି ରଂଜନ ତାଙ୍କ ଘର ଆଗରେ ଥିବା ଏକ ପାଣି ମୋଟର ଚଲାଇବା ପାଇଁ ଯାଇଥିଲେ । ପାଣି ମୋଟର ନ ଚାଲିବାରୁ ସେ ପାଣି ମୋଟର ନିକଟକୁ ଯାଇ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ଫଳରେ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ । ତାଙ୍କୁ ପରିବାର ଓ ପଡୋଶୀ ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପୋଡା ଲେମ୍ବୁରେ କିଡ଼ନୀ ରୋଗୀଙ୍କ ଚିକିତ୍ସା କରୁଛନ୍ତି ଚାରୁଲତା

ମାଲକାନଗିରି, ୨୯/୫ (ନି.ପ୍ର): କିଡ଼ନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ଯଦି ମଣିଷ ଶରୀରରେ ଏହା ଖରାପ ହୋଇଥାଏ ତେବେ ମଣିଷର ଜୀବନ ମୃତ୍ୟୁ ଆଡକୁ ଗତି କରିଥାଏ ଏହି ରୋଗରୁ ମୁକ୍ତି ପାଇବା ପାଇଁ ମଣିଷ ଅନେକ ଅର୍ଥ ଖର୍ଚ୍ଚ କରିଥାଏ । କିନ୍ତୁ, ଏହି ରୋଗର ଚିକିତ୍ସା ଘରୋଇ ଉପଚାର ଦ୍ୱାରା ମା' କାଳୀଙ୍କ ଦୟାରୁ ଲୋକେ ବହୁ ପରିମାଣରେ ସୁସ୍ଥ ହେଉଛନ୍ତି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଏମଭି ୧୦୪ ନମ୍ବର ଗାଁରେ ରୁହନ୍ତି ଚାରୁଲତା। କିଡ଼ନୀ ରୋଗର ଚିକିତ୍ସା ପାଇଁ ପ୍ରତିଦିନ ତାଙ୍କ ଘର ଆଗରେ ଜମୁଛି ଭିଡ । ରାଜ୍ୟ ତଥା ରାଜ୍ୟ ବାହାରୁ କିଡ଼ନୀ ରୋଗୀମାନେ ଚାରୁଲତାଙ୍କ ପାଖକୁ ରୋଗର ଚିକିତ୍ସା ନିମନ୍ତେ ଦିନର ଆରମ୍ଭରୁ ଆସିଯାଇଥାନ୍ତି ରୋଗୀମାନେ ତାଙ୍କର ବିଶ୍ୱାସ ଅନୁସାରେ ଅତି ଗୁରୁତର ସ୍ଥିତିରେ ଆସିଥିବା ବ୍ୟକ୍ତି ସୁସ୍ଥତାରେ ଘରକୁ ଫେରିଛନ୍ତି । କେବଳ ଓଡିଶାରୁ ନୁହେଁ ବାହାର ଦେଶରୁ ମଧ୍ୟ ଲୋକେ ଏଠାକୁ ଆସୁଛନ୍ତି । ଚାରୁଲତାଙ୍କ ଘର ବାହାରେ ଲାଗିଥାଏ ଏକ ଲମ୍ବା ଧାଡି ଏବଂ ଚାରୁଲତା ବ୍ୟସ୍ତ ଔଷଧ ପ୍ରସ୍ତୁତିରେ । ଚାରୁଲତା ପୋଡା ଲେମ୍ବୁରେ ତିଆରି କରିଥାନ୍ତି ଏହି ଘରୋଇ ଉପଚାରକୁ ଦିନରୁ ରାତି ଯାଏ କରିଥାନ୍ତି । ଚାରୁଲତା ମା' କାଳୀଙ୍କୁ ତାଙ୍କ ଆଗରେ ଆସନରେ ରଖି ପ୍ରାର୍ଥନା କରି ଲେମ୍ବୁକୁ ପୋଡି ସେଥିରେ ଗୁଡ ମିଶେଇ ଶିଳାରେ ବାଟି ପ୍ରସ୍ତୁତ କରନ୍ତି ଏହି ଉପଚାରକୁ । ଚାରୁଲତା ଏହି ପୋଡା ଲେମ୍ବୁ ଉପଚାରକୁ ତିଆରି କରି ଏକ ତାଟିଆରେ ରଖି ଆସିଥିବା ରୋଗୀଙ୍କୁ ପିଆଇ ଥାନ୍ତି । ଏହାର ସେବନ ଦ୍ୱାରା ଅନେକ ରୋଗିମାନେ ସୁସ୍ଥତା ଲାଭ କରିଛନ୍ତି । କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ମୃତ୍ୟୁ ସମୟରେ ଆସିଥିବା ବ୍ୟକ୍ତି ସୁସ୍ଥତା ଲାଭ କରିଛନ୍ତି ଏହା ସତ୍ୟ ବୋଲି ଭଲ ହୋଇଥିବା ଅନେକ କିଡ଼ନୀ ରୋଗୀ କହୁଛନ୍ତି । ଚାରୁଲତା ଏହି ଉପଚାରକୁ ମାଗଣାରେ କରୁଛନ୍ତି, ତେବେ ସେ ଏହାକୁ କାହିଁକି କରୁଛନ୍ତି ଏହା ପଛରେ କଣ ରହସ୍ୟ ରହିଛି ଆସନ୍ତୁ ଜାଣିବା ଏହା ବିଷୟରେ।

ଚାରୁଲତାଙ୍କ ବାପା ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ ତେବେ ମା' କାଳୀଙ୍କ ଦର୍ଶନରେ ସେ ପ୍ରଥମେ ଏହାକୁ କରି ତାଙ୍କ ବାପାଙ୍କୁ ଦେଇଥିଲେ । ବାପା ଏବେ ସେହି ରୋଗରୁ ସଂପୂର୍ଣ୍ଣ ସୁସ୍ଥତା ଲାଭ କରିବାରୁ ସେ ଏବେ ଏହି ଉପଚାରକୁ ସମସ୍ତଙ୍କୁ ମାଗଣାରେ କରୁଛନ୍ତି । ଅନେକ ଏହାକୁ ବିଶ୍ୱାସ କରିଥିବା ବେଳେ ଡାକ୍ତର ଏହାକୁ ଅନ୍ଧବିଶ୍ୱାସ ବୋଲି କହୁଛନ୍ତି । କିନ୍ତୁ, ଏହା ସତ୍ୟ ବା ମିଛ ହେଉନା କାହିଁକି ଚାରୁଲତାଙ୍କ ଏହି ଚିକିତ୍ସାକୁ ନେଇ ମାଲକାନଗିରିରେ ପୁରା ଚର୍ଚ୍ଚା ହେଉଛି ।

# ଚିନ୍ତା ବଢ଼ାଇଲା ମାଟ୍ରିକ୍‌ରେ ଏ-୧ ଗ୍ରେଡ୍ ହ୍ରାସ: ସମସ୍ୟା କଲା ଗଣିତ, ବିଜ୍ଞାନ ଓ ଭୂଗୋଳ

କଟକ, ୨୯/୫ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳାଫଳର ଗୁଣାତ୍ମକ ମାନ ହ୍ରାସ ରାଜ୍ୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କୁ ଚିନ୍ତାରେ ପକାଇଛି। ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ରାଜ୍ୟର ଏହି ସର୍ବବୃହତ୍ ସାଧାରଣ ପରୀକ୍ଷାର ଏଭଳି ସ୍ଥିତି ପାଇଁ କିଏ ଦାୟୀ ? ତାହା ଏବେ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଓଡ଼ିଆ ମାଧ୍ୟମ ଛାତ୍ରୀଛାତ୍ରୀ ପଢ଼ାପଢ଼ି ବା ପ୍ରସ୍ତୁତି କମ୍ କରୁଛନ୍ତି, ନା ପାଠ୍ୟକ୍ରମ, ଶିକ୍ଷାଦାନ, ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ମୂଲ୍ୟାୟନ ଆଦିରେ କେଉଁଠି ସମସ୍ୟା ରହିଛି, ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି। ପୂର୍ବ ବର୍ଷ ଅପେକ୍ଷା ଏବର୍ଷ ୯୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା (ଏ-୧ଗ୍ରେଡ୍) ଛାତ୍ରଛାତ୍ରୀଙ୍କ ସଂଖ୍ୟା ପାଖାପାଖି ୭୫ ପ୍ରତିଶତ ହ୍ରାସ ପାଇବା ଓଡ଼ିଆ ମାଧ୍ୟମ ଛାତ୍ରୀଛାତ୍ରୀଙ୍କ ପାଇଁ ଭଲ ଶିକ୍ଷାନୁଷ୍ଠାନରେ ପଢ଼ିବା କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ହେବାକୁ ଯାଉଛି। ବୋର୍ଡ ସୂଚନା ଅନୁସାରେ, ୨୦୨୨ମସିହାରେ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୮୧୧୯ ରହିଥିବା ବେଳେ ୨୦୨୩ରେ ସେହି ସଂଖ୍ୟା ପାଖାପାଖି ଅଧା ହୋଇଥିଲା। ୨୦୨୩ ମସିହାରେ ଏ-୧ ଗ୍ରେଡ୍ ୪୧୫୮ଜଣ ପାଇଥିଲେ। ଯଦିଓ ଚଳିତ ବର୍ଷ ବୋର୍ଡ କର୍ତ୍ତୃପକ୍ଷ ଏ-୧ ଗ୍ରେଡ୍ ତାଲିକା ସାର୍ବଜନୀନ କରିନାହାନ୍ତି, ତେବେ ଏହି ଏ-୧ ଗ୍ରେଡ୍ ସଂଖ୍ୟା ପୂର୍ବବର୍ଷ ତୁଳନାରେ ଏକ ଚତୁର୍ଥାଂଶ ରହିଛି। ଜଣେ ବରିଷ୍ଠ ଶିକ୍ଷକ ତଥା ବୋର୍ଡର ବିଷୟ ବିଶେଷଜ୍ଞ କହିବା ଅନୁସାରେ, ବୋର୍ଡ ପକ୍ଷରୁ ପ୍ରଦତ୍ତ ପାଠ୍ୟକ୍ରମ ବା ପାଠ୍ୟପୁସ୍ତକରେ ରହିଥିବା ପାଠ ଓ ମାଟ୍ରିକ୍ ପରୀକ୍ଷାରେ ପଡୁଥିବା ପ୍ରଶ୍ନପତ୍ରରେ ଅନେକ ତାରତମ୍ୟ ବା ଅନ୍ତର ରହୁଛି। ୨୦୧୪ରୁ ଏଭଳି ତାରତମ୍ୟ ରହି ଆସୁଥିବା ବେଳେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏହା ଅଧିକ ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ଗଣିତ ପ୍ରଶ୍ନପତ୍ରର ଉଭୟ ସବ୍‌ଜେକ୍ଟିଭ୍ ଓ ଅବ୍‌ଜେକ୍ଟିଭ୍ ପ୍ରଶ୍ନପତ୍ରରେ ଅନେକ ସମସ୍ୟା ରହିଥିଲା। ଗଣିତ ସବ୍‌ଜେକ୍ଟିଭ ବିଭାଗରେ ତ୍ରିକୋଣମିତି ଓ ସ୍ଥାନାଙ୍କ ଜ୍ୟାମିତିରେ ପୂର୍ବଭଳି ପ୍ରୟୋଗାତ୍ମକ ପ୍ରଶ୍ନ ବଦଳରେ କିଛିଟା ଥିଓରିଟିକାଲ ପ୍ରଶ୍ନ(ବର୍ଣ୍ଣନାତ୍ମକ) ପ୍ରଶ୍ନ ଆସିଥିଲା। ଏଥିରେ ଅଧିକାଂଶ ଛାତ୍ରଛାତ୍ରୀ ପୂରା ନମ୍ବର ରଖିପାରିନାହାନ୍ତି। ସେହିପରି ଗଣିତ ଅବ୍‌ଜେକ୍ଟିଭ୍ ପ୍ରଶ୍ନପତ୍ରରେ ଯେଉଁ ୧୦ ପ୍ରତିଶତ ଟ୍ରିକି(ପରୋକ୍ଷ) ପ୍ରଶ୍ନପତ୍ର ଆସିଥିଲା, ତାହା ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ କ୍ଲିଷ୍ଟ ହୋଇଥିଲା। ଏହା ସହିତ ଭୌତିକ ବିଜ୍ଞାନର ଅବ୍‌ଜେକ୍ଟିଭ୍ ପାର୍ଟରେ ଯେଉଁ ୧୦ ପ୍ରତିଶତ କ୍ଲିଷ୍ଟ ପ୍ରଶ୍ନ ଆସିଥିଲା, ପିଲାଙ୍କୁ ସେଭଳି ପ୍ରସ୍ତୁତ କରାଯାଇ ନାହିଁ କିମ୍ବା ପ୍ରଶ୍ନ ବହିରେ ନାହିଁ। ଭୂଗୋଳ ବିଷୟର ମଧ୍ୟ ଅନୁରୂପ ପ୍ରଶ୍ନ ଛାତ୍ରଛାତ୍ରୀଙ୍କୁ ସମସ୍ୟାରେ ପକାଇଛି। ଏସବୁ ବିଷୟରେ ଅଧିକାଂଶ ମେଧାବୀ ଛାତ୍ରଛାତ୍ରୀ ଶତପ୍ରତିଶତ ନମ୍ବର ରଖିଥାନ୍ତି, ତାହା ସେମାନଙ୍କୁ ହାରାହାରି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିବାରେ ସହାୟକ ହୋଇଥାଏ। କିନ୍ତୁ ଚଳିତବର୍ଷ ଏହି ସମସ୍ୟା ପାଇଁ ଅଧିକାଂଶ ମେଧାବୀ ପିଲା ଏ-୧ ଗ୍ରେଡ୍‌ରୁ ବଞ୍ଚିତ ହୋଇଛନ୍ତି ବୋଲି ସଂପୃକ୍ତ ଗଣିତ ବିଷୟ ବିଶାରଦ ମତପୋଷଣ କରିଛନ୍ତି। ଏ ସଂକ୍ରାନ୍ତରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ମାଟ୍ରିକ୍ ପରୀକ୍ଷାରେ ପିଲାମାନେ ଯାହା କରିଛନ୍ତି, ସେହି ଅନୁସାରେ ବୋର୍ଡ ପକ୍ଷରୁ ଫଳ ପ୍ରକାଶ ପାଇଛି। ଛାତ୍ରଛାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଆମେ ସେମାନଙ୍କ ସାର୍ଟିଫିକେଟ୍ ଅନ୍‌ଲାଇନରେ ପ୍ରଦାନ ବ୍ୟବସ୍ଥା କରାଯାଇଛି। ପିଲାଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି ନ କରିବା ପାଇଁ ଏ-୧ ଲିଷ୍ଟ୍ ଆମେ ତ ତିଆରି କରିନୁ ବୋଲି ସଭାପତି ଶ୍ରୀ ତରାଇ କହିଛନ୍ତି।

# କାପକୋ ତରଫରୁ ଗାଁ ଆମ୍ବ ପସରା ଷ୍ଟଲ ଉଦ୍‌ଘାଟିତ

ଜୟପୁର, ୨୯/୫ (ନି.ପ୍ର): କୋରାପୁଟ ଅର୍ଫିସର୍ସ କ୍ଲବ ସମ୍ମୁଖରେ ଗାଁ ଆମ୍ବ ପସରା ଖୋଲାଯାଇଛି। ଏହି ଅସ୍ଥାୟୀ ଷ୍ଟଲରେ ବିଭିନ୍ନ ପ୍ରକାରର କୋରାପୁଟିଆ ଆମ୍ବ ବିକ୍ରୀ କରାଯାଉଛି। ମହିଳା ଓ ଉତ୍ପାଦକ ସଂଘ ପକ୍ଷରୁ ଜିଲ୍ଲାର ବୋରିଗୁମ୍ମା, ଲକ୍ଷ୍ମୀପୁର, ନନ୍ଦପୁର ଓ ଅନ୍ୟାନ୍ୟ ଅଂଚଳରୁ ବିଭିନ୍ନ ପ୍ରକାରର ଆମ୍ବ ସଂଗ୍ରହ କରାଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଲୋକମାନେ ଯେପରି ଉଚିତ ମୂଲ୍ୟରେ ଆମ୍ବ କ୍ରୟ କରିପାରିବେ ଏବଂ ଚାଷୀ ଉଚିତ ମୂଲ୍ୟ ପାଇ ପାରିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ କହିଛନ୍ତି। ବାଇଗଣ ପଲ୍ଲୀ, ଆମ୍ର ପଲ୍ଲୀ, ମଲ୍ଲିକା,ଲେଙ୍ଗଡା, ଦଶେରୀ ଓ ସୁନ୍ଦରୀ ଆମ୍ବ ବିକ୍ରୀ କରାଯାଉଥିବା ଜଣାପଡିଛି ।

# କୁମ୍ବିଙ୍ଗ ବେଳେ ଲାସେରୀ ଜଙ୍ଗଲରୁ ଟିଫିନ୍ ବୋମା ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

କନ୍ଧମାଳ, ୨୯/୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ବେଶ୍ କିଛି ଦିନ ପରିସ୍ଥିତି ଶାନ୍ତ ରହିଥିବା ବେଳେ ଚଳିତ ଥର ସାଧାରଣ ନିର୍ବାଚନ ମଧ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପର୍ଣ୍ଣ ହୋଇଯାଇଛି। ଠିକ୍ ନିର୍ବାଚନ ଶେଷ ହେବା ପରେ ପରେ ଜିଲ୍ଲାର କୋଟଗଡ ଥାନା ଅଂଚଳରେ ମାଓବାଦୀ ମାନେ ହଠାତ୍ ସକ୍ରିୟ ହୋଇପଡିଛନ୍ତି। ଗତ ୨୫ ତାରିଖ ଦିନ ବିଜିଏନ ଡିଭିଜନ ମାଓ ସଂଗଠନର ମାଓବାଦୀ ମାନେ ସେହି ଥାନା ଅନ୍ତର୍ଗତ ବାରିପଙ୍ଗା ଗାଁ ର ମୋଟଲା ରୋହିତ ନାମକ ଜଣେ ଯୁବକଙ୍କୁ ଘରୁ ଡାକି ନେଇ ନିର୍ମମ ଭାବେ ହତ୍ୟା କରି ଗାଁ ନିକଟ ଅଙ୍ଗନବାଡି କେନ୍ଦ୍ର ପାଖରେ ଫିଙ୍ଗି ଦେଇଥିଲେ। ଏହି ଘଟଣାର ଗୋଟିଏ ଦିନ ପରେ ଆଜି ସେହି ଅଂଚଳରେ ସିଆରପିଏଫ, ଡିଭିଏଫ ଏବଂ ଏସଓଜି ଜବାନ ମାନଙ୍କ ଦ୍ୱାରା କୁମ୍ବିଙ୍ଗ ଅପରେସନ କରାଯାଉଥିବା ବେଳେ କୋଟଗଡ ଥାନା ଡେଙ୍ଗାଗୁଡା ଗାଁ ନିକଟସ୍ଥ ଲାସେରୀ ସଂରକ୍ଷିତ ଜଙ୍ଗଲରେ ଜବାନ ମାନେ ଏକ ଟିଫିନ୍ ବୋମା ଜବତ କରିଛନ୍ତି। ଏହା ସହିତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମଧ ଜବତ ହୋଇଛି। ତେବେ ମାଓବାଦୀ ମାନେ ଜବାନ ମାନଙ୍କୁ ଟାର୍ଗେଟ କରି ଏହି ବୋମା ଖଞ୍ଜିଥିବା ଜଣାପଡିଛି। ବିଶେଷ କରି କୁମ୍ବିଙ୍ଗ ବେଳେ ଜବାନ ମାନଙ୍କୁ ଏହି ବୋମାର ଶୀକାର କରିବା ଲକ୍ଷ୍ୟରେ ମାଓବାଦୀ ଟିଫିନ୍ ବୋମା ଓ ବିସ୍ଫୋରକ ରଖିଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଜିଲ୍ଲାର ମାଓ ପ୍ରବଣ ଅଂଚଳରେ କୁମ୍ବିଙ୍ଗ ଅପରେସନ ଜୋରଦାର କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରକାଶ।

## ଯାଂଚ ହେଉନି ଖାଦ୍ୟର ମାନ: ସହରରେ ଛାଇଗଲାଣି କେମିକାଲ ସାଙ୍ଗକୁ ବାସି ଖାଦ୍ୟ

ଜୟପୁର, ୨୯/୫ (ନି.ପ୍ର): କୋରାପୁଟ ଜିଲ୍ଲା ର ବିଭିନ୍ନ ସହର ରେ ମିଳୁଛି ବାସୀ ଓ ବିଷାକ୍ତ ଖାଦ୍ୟ ସହିତ ବାସି କେକ । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ନିୟମିତ ଭାବେ ଯାଞ୍ଚ କରାଯାଉନାହିଁ । ଯାହା ଫଳରେ ଦୋକାନୀ ମାନେ ମନମୁଖୀ ଖାଦ୍ୟ ତିଆରି କରି ଗ୍ରାହକ ମାନଙ୍କୁ ଯୋଗାଇ ଦେଉଛନ୍ତି । ସେଇ ଖାଦ୍ୟ କୁ ଗ୍ରାହକ ମାନେ ଖାଇ ଅନେକ ରୋଗର ଶିକାର ହେଉଛନ୍ତି । ସୂଚନା ଅନୁସାରେ କୋରାପୁଟ ସହର ରେ ରହିଥିବା ଶିବ ରାମ ସୁଇଟ ଷ୍ଟଲରୁ ମୁଖ୍ୟ ରାସ୍ତାର ନିକଟରେ ରହୁଥିବା ଜଣେ ଗ୍ରାହକ ନିଜ ପୁଅ ଜନ୍ମ ଦିନ ପାଇଁ ୩୦୦ ଟଙ୍କା ଦେଇ କେକ ନେଇଥିଲେ । ବନ୍ଧୁ ବାନ୍ଧବଙ୍କ ସହିତ ଖୁସିରେ କେକ କାଟିଥିଲେ । କେକ ଖାଇବା ପରେ ଏହା ବାସି କେକ ବୋଲି ଜଣା ପଡିଥିଲା । ବାସି କେକକୁ ନେଇ ଶିବ ରାମ ସୁଇଟ ଷ୍ଟଲରେ ଫେରସ୍ତ କରିଥିଲେ । ସେଇ କେକ କୁ ଦୋକାନୀ ର କର୍ମଚାରୀ ନିଜେ ଖାଇବା ପରେ ଏହା ବାସି କେକ ବୋଲି କହିଥିଲେ । ଏହା ପରେ ତୁରନ୍ତ କେକ ବନାଉଥିବା ମିସ୍ତ୍ରୀ କୁ ଡକାଇ ତାଙ୍କୁ ମଧ୍ୟ ଖାଇବା ପାଇଁ ଦିଆ ଯାଇଥିଲା । ସତ କୁ ଲୁଚାଇବା ପାଇଁ ଏହା ବାସି ଲାଗୁ ନ ଥିବା କଥା ମିସ୍ତ୍ରୀ କହିଥିଲେ । କେକ ବାସି ଥିବା ଉପଲବ୍ଧି କରି ଶିବ ରାମ ସୁଇଟ ର କର୍ମଚାରୀ ଗ୍ରାହକ କୁ ୩୦୦ ଟଙ୍କା ଫେରସ୍ତ କରିଥିଲେ । ଯଦି ସେଇ କେକ ଖାଇବା ଦ୍ୱାରା କାହାର କିଛି କ୍ଷତି ହୋଇଥାନ୍ତା ତେବେ ସେଥି ପାଇଁ କିଏ ଦାୟୀ ରହିଥାନ୍ତା ବୋଲି ଗ୍ରାହକ ଜଣଙ୍କ ପ୍ରଶ୍ନ କରିଛନ୍ତି । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ନିୟମିତ ଖାଦ୍ୟ ଯାଞ୍ଚ ହେଉନଥିବା ଯୋଗୁ ସହର ରେ ଏବେ କେମିକାଲ ଖାଦ୍ୟ ସାଙ୍ଗକୁ ବାସି ଖାଦ୍ୟ ମିଳୁଛି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣ ରେ ଦାବି ହେଉଛି ।

## ମହାବୀର କୋଚିଂ ସେଣ୍ଟର୍ ପକ୍ଷରୁ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର, ୨୯/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରାପୁର ରେ ଥିବା ମହାବୀର କୋଚିଂ ସେଣ୍ଟର୍ ପକ୍ଷରୁ ମେଧାବୀ ଛାତ୍ର ଅଂଶୁମାନ ପଣ୍ଡା ୫୪୩ ନମ୍ବର ଓ ମେଧାବୀ ଛାତ୍ରୀ ଶୁଭ୍ରା ମୟୀ ସାହୁ ୫୫୧ ନମ୍ବର ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ମହାବୀର କୋଚିଂ ସେଣ୍ଟର୍ ର ନିର୍ଦ୍ଦେଶକ ବିଶ୍ୱଜିତ୍ ସାହୁ, ଶିକ୍ଷକ ଅକ୍ଷୟ ପଣ୍ଡା, ଅଜିତ ସାହୁ, ଶୁଭଲକ୍ଷ୍ମୀ ବେହେରା, ଚକ୍ରଧର ଦାସ, ସୁଦର୍ଶନ ପାଣିଗ୍ରାହୀ, ବିଭୂତି ଭୂଷଣ ବେହେରା ପ୍ରମୁଖ ଏହି ଛାତ୍ର ଛାତ୍ରୀ ମାନଙ୍କୁ ଖୁବ୍ ଉନ୍ନତ ମାନର ପାଠ ପଢ଼ାଇ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରି ପାରିଛନ୍ତି । ବାରାପୁର ସତ୍ୟ ସାଇ ସଂଗଠନ ପରିସରରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଥିଲା । ଏହି ଛାତ୍ର ଛାତ୍ରୀ ବାରାପୁର ହାଇସ୍କୁଲ ରେ ପଢୁଥିଲେ । ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଏହି ସଫଳତା ପାଇ ଥିବାରୁ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ଛାତ୍ର ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାର ରାଜନୀତିରେ ଏଥର...

ନିମନ୍ତ୍ରଣ ଦେବାକୁ ଆସିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ପୁଅ ବା ଝିଅ ହେବେ । ଓଡ଼ିଶାର ଲେକେ ଭାବିଛନ୍ତି, ରାଜ୍ୟରେ ଡବଲ ଇଂଜିନ ସରକାର । ପୂରା ଦେଶରେ ତୃତୀୟ ଥର ଏକ ମଜବୁତ ସରକାର ଉପରେ ମୋହର ଲଗାଇଛନ୍ତି । ଦେଶ କଂଗ୍ରେସର ୬୦ ବର୍ଷ ଓ ବିଜେପିର ୧୦ ବର୍ଷର କାମ ଦେଖିଛି । ବିଗତ ୧୦ ବର୍ଷରେ ସବୁଠାରୁ ଉଚ୍ଚ ନିର୍ମାଣ କାମ କରାଯାଇଛି । ଷ୍ଟାଚୁ ଅଫ ଲିବିର୍ଟି, ଅଟଳ ସେତୁ, ଅଟଳ ଟନେଲ, ନୂଆ ସଂସଦ ଭବନ, ସହିଦଙ୍କ ପାଇଁ ନ୍ୟାସନାଲ ମେମୋରିଆଲ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ଦେଶ ସ୍ୱାଧୀନ ହେଲା ପରେ ୧୯୬୨ ଲଢ଼େଇ ପରେ ଯେଉଁ ଯବାନମାନେ ବଳିଦାନ ଦେଇଛନ୍ତି, ସେମାନଙ୍କର ପାଇଁ ଏକ ସ୍ମାରକ ହେବା କଥା ବୋଲି ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା । କିନ୍ତୁ କଂଗ୍ରେସ ଏହି କାମ କରିପାରିଲା ନାହିଁ । ଆପଣଙ୍କର ସେବକ ଯେତେବେଳେ ଦିଲ୍ଲୀ ପହଞ୍ଚିଲା, ଏହି କାମ ପୂରା କରିଛି । ମୁଁ ଯାହା କହୁଛି, ତାହା ଟ୍ରେଲର, ଆଗାମୀ ୫ ବର୍ଷରେ ଆହୁରି ଭବ୍ୟ ନିର୍ମାଣ କରାଯିବ । ଯେଉଁ ବିଜେଡି ନେତାମାନଙ୍କ ପାଖରେ ଗୋଟିଏ ସାଇକେଲ ନଥିଲା, ଏବେ ସେମାନଙ୍କ ପାଖରେ ବଡ଼ ଗାଡ଼ି ଅଛି । ବାଲେଶ୍ୱର ଜିଲ୍ଲା ରେମୁଣାସ୍ଥିତ ନରହରି ପଡ଼ିଆଠାରେ ଭାରତୀୟ ଜନତା ପାର୍ଟିର ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଏହା କହିଛନ୍ତି । ସେ କହିଛନ୍ତି, ଯେଉଁ ବିଜେଡି ନେତାଙ୍କ ପାଖରେ ଖଣ୍ଡିଏ ସାଇକଲ ନଥିଲା, ଏବେ ସେମାନେ ବଡ଼ ଗାଡ଼ିରେ ଯିବା ଆସିବା କରୁଛନ୍ତି । ବିଜେଡି ନେତାମାନେ ଚାଷୀଙ୍କ ନାଁରେ ନକଲି କାଗଜାତ ଦେଇ ଋଣ ଉଠାଇନେଇଛନ୍ତି । ଆପଣଙ୍କ ପଇସା ନେଇ ବିଜେଡି ନେତାମାନେ ନିର୍ବାଚନ ଲଢୁଛନ୍ତି । ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିଲେ ଏ ସବୁ ଖେଳ ବନ୍ଦ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ବାଲେଶ୍ୱରରେ କୃଷିକ୍ଷେତ୍ରର ଭଲ ସ୍ଥାନ । ଏଠାରେ ଧାନ, ପାନ ଏବଂ ମତ୍ସ୍ୟଚାଷର ବିକାଶ କରାଯାଇପାରିବ । ବିଜେପି ସରକାର ଆସିଲେ ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯିବ । କଟନୀ-ଛଟନୀ ହେବ ନାହିଁ । ଧାନର ମୂଲ୍ୟ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶା ଲୋକଙ୍କ ଭଲପାଇବା ମୁଁ କେବେ ଭୁଲି ପାରିବିନି । ଓଡ଼ିଆ ଅସ୍ମିତା ଓ ଓଡ଼ିଶାର ବିକାଶ ପାଇଁ ଏଥର ବିଜେପି ସରକାର କାମ କରିବ । ବିଜେଡି ପ୍ରାର୍ଥୀଙ୍କୁ ଲୋକମାନେ ଆଉ ଭୋଟ ଦେବାକୁ ଚାହୁଁନାହାନ୍ତି । ଲୋକ କହୁଛନ୍ତି ବିଜେଡିକୁ ଭୋଟ ଦେଲେ ବେକାର ହୋଇଯିବ । ବିଜେଡିକୁ ୨୫ ବର୍ଷ ଦେଲେ, ସେମାନେ ବିକାଶ ନାଁରେ ବିଶ୍ୱାଘାତ କରିଛନ୍ତି । ଓଡ଼ିଶାରେ ନୂଆ କଥା ଛାଡ଼, ପୂର୍ବରୁ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହୋଇଯାଇଛି । ବିଜେପିର ମୁଖ୍ୟମନ୍ତ୍ରୀ ହେବା କ୍ଷଣି ପର୍ଯ୍ୟଟନର ବିକାଶ ହେବ । ଓଡ଼ିଶାରେ ତୀର୍ଥଯାତ୍ରା, ସମୁଦ୍ର ପର୍ଯ୍ୟଟନର ବିକାଶ କରାଯିବ ।

### ଯଦି ମୋ ଦେହ ଖରାପ...

ପ୍ରଶ୍ନ ଉଠୁଛି, ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ପଛରେ ଷଡଯନ୍ତ୍ର ହେଉନି ତ ? ଏହା ପଛରେ ସେହି କୋଟରୀ କାମ କରୁନି ତ, ଯେଉଁମାନେ ପରଦା ପଛରେ ରହି ଓଡ଼ିଶାର ଶାସନ କରୁଛନ୍ତି । ଏହା ଉପରୁ ପରଦା ହଟିବା ଆବଶ୍ୟକ । ଏହାର ଯାଞ୍ଚ ହେବା ଆବଶ୍ୟକ । ବିଜେପି ସରକାର ଆସିଲେ, ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଅଚାନକ କାହିଁକି ଖରାପ ହେଲା ତାହାର ଯାଞ୍ଚ କରିବାକୁ କମିଟି ଗଠନ କରିବୁ ।

### ୨ରେ ଜେଲ୍ ଯିବେ...

ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ବେଞ୍ଚ ମଧ୍ୟବର୍ତ୍ତିକାଳୀନ ଜାମିନ ପ୍ରଦାନ କରିଥିଲେ । ଜୁନ ୨ରେ ତିହାର ଜେଲରେ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା । ମେ ୧୭ରେ, ଚଗଖଇ ମାମଲାରେ ଇଡି ଦ୍ୱାରା ଦାଖଲ ହୋଇଥିବା ଗିରଫଦାରୀକୁ ଚ୍ୟାଲେଞ୍ଜ କରି ବେଞ୍ଚ ତାଙ୍କ ରାୟ ସଂରକ୍ଷଣ କରିଥିଲେ ।

### ନିର୍ବାଚନ ପରେ ବିଜେପି-ବିଜେଡି ...

ସଂରକ୍ଷଣ ମିଳିଛି ତାକୁ ଶେଷ କରିବାକୁ ମୋଦୀ ସରକାର ଲାଗିଛି । ମଣିପୁର ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ ବିଦେଶରେ ବୁଲୁଥିଲେ । ଆମେ ପୁଞ୍ଜିପତିଙ୍କ ସପକ୍ଷରେ ନାହୁଁ । ଗରିବଙ୍କ ସପକ୍ଷରେ ଆମେ ଅଛୁ । ସେଥିପାଇଁ ବିଜେପି ଆମକୁ ସହିପାରୁନି । ବିଜେପି ସହ ବିଜେଡିକୁ ବି ଟାର୍ଗେଟ କରିଛନ୍ତି ମଲ୍ଲିକାର୍ଜୁନ ଖଡଗେ । କହିଛନ୍ତି, ବିଜେପି ଯାହା ଚାହୁଁଛି ବିଜେଡି ସମର୍ଥନ କରୁଛି । ଏବେ ପରସ୍ପର ଅଲଗା ଅଲଗା ଅଛନ୍ତି । ନିର୍ବାଚନ ପରେ ପୁଣି ଏକାଠି ହୋଇଯିବେ ।

## ରୋଟାରି କ୍ଲବ ଜୟପୁର ପ୍ରାଇଡର ମାଗଣା ସ୍ୱାସ୍ଥ୍ୟ ଶିବିର

ଜୟପୁର, ୨୯/୫ (ନି.ପ୍ର): ଜୟପୁର ଟାଉନ ହଲ ଠାରେ ରୋଟାରି କ୍ଲବ ଜୟପୁର ପ୍ରାଇଡ ତରଫରୁ ମାଗଣା ଚକ୍ଷୁ ଏବଂ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । କ୍ଲବ ସଭାପତି ଅଶୋକ ମିଶ୍ର ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆଗକୁ ମଧ୍ୟ ଗ୍ରାମାଂଚଳ ଓ ସହରାଂଚଳରେ କରାଯିବ । ଏହି ଶିବିରକୁ ଡାକ୍ତର ନମ୍ରତା ମାଝୀ ଓ ତାଙ୍କ ବୈଷୟିକ ସହାୟକ ମାନେ ପ୍ରାୟ ଶହେ ରୁ ଉର୍ଦ୍ଧ ରୋଗିଙ୍କର ମାଗଣା ପରୀକ୍ଷା କରିଥିଲେ । ଏହି ଅବସରେ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପ ସଭାପତି ରାମ ହରି ପଣ୍ଡା, ମୁରଲି ଧର ସାବତ, ପ୍ରଭାକର ଚୌଧୁରି, ରାମ ନାଥ ସାହୁ, ଜିଭି ରାଓ, ରବି ନାରାୟଣ ନନ୍ଦ, ଜ୍ୟୋତି ସୋରୁପ ଭୋଇ, କେ ବ୍ରହ୍ମା, କାଳୁ ରାମ ପଣ୍ଡା, ନରେଶ ମହାକୁଳ ପ୍ରମୁଖ ରୋଟାନିୟନ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଜୟପୁର ତରଫରୁ ଏକ ଋଣ ମେଳାର ଆୟୋଜନ କରାଯାଇଥିଲା । ବହୁ ଗ୍ରାହାକ ଏହି ସେବାର ଲାଭ ଉଠାଇଥିଲେ । ବ୍ୟାଙ୍କ ତରଫରୁ କୁନ୍ଦନ କୁମାର ସିହ୍ନା, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଖଇରାରେ ଫରୱାର୍ଡ ବ୍ଲକର ପଥପ୍ରାନ୍ତ ସଭା



ଖଇରା, ୨୯/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାର ପୋଷ୍ଟଅଫିସ ଛକରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲା ସମ୍ପାଦକ ସନ୍ତୋଷ କୁମାର ସାହୁ,ରତ୍ନାକର ଜେନା,ବଳରାମ ସାହୁ,କଳ୍ପତରୁ ଜେନା,ନିରଞ୍ଜନ ବାରିକ,ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଥିଲେ । ଏଥସହ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ ।

## ଖୁଡୀକୁ ହତ୍ୟା କଲା ପୁତୁରା

ବଲାଙ୍ଗୀର, ୨୯/୫ (ନି.ପ୍ର): ପୁତୁରା ହାତରେ ଖୁଡ଼ିକୁ ହତ୍ୟାକାଣ୍ଡର ଅଭିଯୋଗ ଆସିଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ କୁଟୁମୁଣ୍ଡା ଗ୍ରାମରୁ । ଅଭିଯୋଗ ଅନୁସାରେ ପାଟଣାଗଡ଼ ଥାନା କୁଟୁମୁଣ୍ଡା ଗ୍ରାମର ଦଖନ ଧରୁଆ ଓ ଉତରା ଧରୁଆଙ୍କ ପୁଅ ଝିଅ ନଥିବାରୁ ତାଙ୍କ ପୁତୁରା ଚିତ୍ର ଧରୁଆକୁ ସେମାନେ ପୌଷ୍ୟପୁତ୍ର କରି ରଖିଥିଲେ । ପୁଅ ଠୁଁ ବଳିକି ଦେଇଥିଲେ ସ୍ନେହ । ହେଲେ ପୁଅ ବଡ଼ ହେବା ପରେ ତାର ମାଆ ଭଳି ଖୁଡି ସହ ତାର କଳା ଲାଗି ରହିଥିଲା । ଏବଂ ଏହି କଳହ ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସମାଧାନ ମଧ୍ୟ ହୋଇଥିଲା । ହେଲେ ମଙ୍ଗଳବାର ଅପରାହ୍ନ ୪ ଘଂଟା ସମୟରେ ଉତରା ଧରୁଆ ଓ ତାଙ୍କ ସ୍ୱାମୀ ଶୋଇଥିବାବେଳେ ଏକ ଟାଙ୍ଗିଆରେ ଚିତ୍ର ଧରୁଆ ଅତର୍କିତ ଭାବରେ ତାର ଖୁଡି ଉତରା ଧାରୁଆଙ୍କୁ ହାଣି ଦେଇଥିଲା । ସେପଟେ ଏଥିରେ ଉତରା ଧାରୁଆଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅଭିଯୁକ୍ତ ପୁତୁରା ଚିତ୍ର ଧରୁଆ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା । ତେବେ ଏହାର ଖବର ପାଟଣାଗଡ଼ ପୋଲିସ ଓ ସାଇନ୍ତିଫିକ ଟିମ୍ ଘଟଣା ସ୍ଥଳରେ ଯାଇ ତଦନ୍ତ ଆରମ୍ଭ କରିଛନ୍ତି । ସେହିପରି ଅଭିଯୁକ୍ତ ଚିତ୍ର ଧରୁଆକୁ ପୋଲିସ୍ ଧରିବାରେ ସଫଳ ହୋଇଥିବାବେଳେ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି । ସେପଟେ ମୃତକଙ୍କ ସ୍ୱାମୀ ଦଖନ୍ ଧରୁଆ କହିଛନ୍ତି ଯେ ପୁଅ କରି ଥିବା ଚିତ୍ର ଧରୁଆ ସହିତ ତାଙ୍କ ସ୍ତ୍ରୀଙ୍କ କଳହ ହୋଇଥିଲା । ଯାହାର ସମାଧାନ ମଧ୍ୟ ହୋଇ ଥିଲା । ହେଲେ ସେ କଣ ତା ମନରେ ରଖିଥିଲା ଯେ ଆଜି ସେମାନେ ଶୋଇଥିବାବେଳେ ହଠାତ୍ ଆସି ତାର ଖୁଡୀକୁ ସେ ଟାଙ୍ଗିଆରେ ହାଣି ଦେଇଥିଲା । ଏବଂ ସେ ତାଙ୍କୁ ଦେଖିବାବେଳେ ସେଠୁ ସେ ଦୌଡ଼ି ଫେରାର ମାରିଥିଲାବୋଲି ସେ କହିଛନ୍ତି । ସେହିପରି ଗ୍ରାମବାସୀ ଏହି ଘଟଣା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ । ପାରିବାରିକ କଳହ ଯୋଗୁଁ ହିଁ ଏହି ହତ୍ୟା କାଣ୍ଡ ଘଟିଥିବା ଗ୍ରାମବାସୀ କହିଥିବାବେଳେ ତଦନ୍ତ ଜାରି ରହିଛି ।

## ଆଶା ଭରସା ପାର୍ଟି ତରଫରୁ ଉଦଳାରେ ପ୍ରେସ ମିଟ

ଉଦଳା , ୨୯/୫ (ନି.ପ୍ର): ଆଶା ଭରଷା ପାର୍ଟି ତରଫରୁ ଉଦଳା ଠାରେ ମେ ମାସ ୨୮ ତାରିଖ ମଙ୍ଗଳବାର ଦିନ ଏକ ପ୍ରେସ ମିଟ ଅନୁଷ୍ଠିତ ହୋଇ ଯାଇଛି । ପାର୍ଟିର କୋଷାଧ୍ୟକ୍ଷ ଚନ୍ଦ୍ର ମୋହନ ମୁର୍ମୁ ଆଜିର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଗତ ୨୦୧୮ ମସିହା ଫେବୃଆରି ୪ ତାରିଖରେ ବାରିପଦା ଠାରେ ସୁନାରାମ ସୋରେନଙ୍କ ଜନ୍ମ ଶତବାର୍ଷିକି ପାଳନ ଅବସରରେ ଏହି ପାର୍ଟି କିପରି ଜନ୍ମ ନେଇଥିଲା ତାହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ପାର୍ଟି ତରଫରୁ ପ୍ରଥମ ଥର ପାଇଁ ମୟୂରଭଂଜ ଲୋକସଭା ଆସନରୁ କାହ୍ନୁଚରଣ ଟୁଡୁଙ୍କୁ ପ୍ରାର୍ଥି କରାଯାଇଥିବା ବେଳେ ଏହା ଅଧିନରେ ଥିବା ୭ଟି ଯାକ ବିଧାନସଭା କ୍ଷେତ୍ରରେ ପ୍ରାର୍ଥି ମାନଙ୍କୁ ଛିଡ଼ା କରାଯାଇଛି ବୋଲି ଅବଗତ କରାଇଥିଲେ । ଏହାପରେ ଉଦଳା ବିଧାନସଭା କ୍ଷେତ୍ରରୁ ପ୍ରାର୍ଥି ହୋଇଥିବା ମିନାକ୍ଷୀ ମୁର୍ମୁ ତାଙ୍କର ବକ୍ତବ୍ୟରେ ସେ ସମଗ୍ର ମୟୂରଭଂଜ ସମେତ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ଦେଖିଥିବା ସପ୍ନ ସମ୍ପର୍କରେ ଜଣାଇଥିଲେ । ଦିର୍ଘ ୨୫ ବର୍ଷ ଧରି ରାଜ୍ୟରେ ଏକ ସ୍ଥିର ସରକାର ଶାସନରେ ଥିବା ସତ୍ୱେ ଆଜିବି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷାରୁ ବହୁ ଲୋକ ବଂଚିତ ଅଛନ୍ତି । ସେହିପରି ଡ୍ରପଆଉଟ ପିଲାଙ୍କ କଥା କହିଲେ ନସରେ ବୋଲି କହିବା ସହିତ ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଅଟେ ବ୍ୟକ୍ତ କରିଥିଲେ । ତେବେ ନିର୍ବାଚନରେ ସେ ଜିତିଲେ ଏହି ସବୁ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ପ୍ରାଥମିକତା ଦେବେ ବୋଲି କହିଥିଲେ । ଏହାପରେ ସାମ୍ବାଦିକ ମାନେ ବହୁ ଧନିକ ଶ୍ରେଣୀର ଲୋକେ ମଧ୍ୟ ସଂରକ୍ଷଣର ସୁବିଧା ସୁଯୋଗ ନେଉଥିବାର କଥା ପ୍ରଶ୍ନ କରିଥିଲେ । ଉତରରେ ମିନାକ୍ଷୀ କହିଲେ ମୁଁ ଜାତିଭିତିକ ସଂରକ୍ଷଣ ବ୍ୟବସ୍ତାକୁ ପସନ୍ଦ କରେ ନାହିଁ । ଆର୍ଥିକ ଅବସ୍ତାକୁ ଦେଖି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା ଉଚିତ ବୋଲି ସେ କହିଥିଲେ । ଏହାଦ୍ୱାରା ଧନିକ ଶ୍ରେଣୀର ଲୋକେ ଅଟମେଟିକାଲି ସଂରକ୍ଷଣ ସୁବିଧା ସୁଯୋଗରୁ ବଂଚିତ ହେବା ସହିତ ସବୁ ବର୍ଗର ଗରିବ ଲୋକେ ଉପକୃତ ହେବେ ବୋଲି ବ୍ୟକ୍ତ କରିଥିଲେ । ମିନାକ୍ଷୀ ମୁର୍ମୁଙ୍କର ଏହିଭଳି ଏକ ମନ୍ତବ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଶେଷରେ ମିନାକ୍ଷୀ ଓଡ଼ିଶାରେ ସରକାର ଗଠନର ମୂଳଦୁଆ ମୟୂରଭଂଜ ମାଟିରୁ ପଡ଼ିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ

ବଲାଙ୍ଗୀର, ୨୯/୫ (ନି.ପ୍ର): ପୁଇଁନ୍ତଲା ବ୍ଲକ ଆଟଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ଋତୁଶ୍ରାବ ସ୍ୱଚ୍ଛତା ଦିବସ ଗତକାଲି ୨୮ ତାରିଖରେ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଟଗାଁର ସରପଂଚ ଶାଳିନୀ ସେଠ, ସିଏଚ୍ଓ ରଶ୍ମୀ ବାରିକ, ଆଶା ସାଥୀ ମିନା ପଟେଲ, ଆଙ୍ଗନୱାଡି କର୍ମୀ ବୈସ୍ଣବି ପରିନାଗ, ଆଶା କର୍ମୀ ଜୟଶ୍ରୀ ସା, କିଶୋର ଭାଇ, ଶ୍ରୀଓମ୍ ପଟେଲ, କିଶୋରି, ସଂଗୀତା ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ । ଦେଶିଆ ଫାଉଣ୍ଡେସନ ଟ୍ରଷ୍ଟର ଇତିଶ୍ରୀ ନନ୍ଦ ଏବଂ ସମସ୍ତ ସିଏଫ୍, ୱାଇସିଡିଏ ର ରିଜନାଲ ଅଫିସର ସୁଶ୍ରୀ ସୁବ୍ରତା ଜେନା, ଜିଲ୍ଲା ସଂଯୋଜିକା ଆନନ୍ଦିନୀ ରଥ, ଟୁ ଫିଟ୍ ଏହେଡ୍ ଟୁଗେଦର ପ୍ରୋଜେକ୍ଟର ପ୍ରୋଗାମ ମେନେଜର ଜ୍ୟୋତି କୁମାର ରଥ, ବ୍ଲକ ସଂଯୋଜିକା ରୁଷାଳୀ ଦେବୀ, ସମସ୍ତ ପ୍ରୋଗ୍ରାମ ସହଯୋଗୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲା । ଏହାବ୍ୟତିତ ସ୍ୱାଗତ ଭାଷଣ ଆନନ୍ଦିନି ରଥ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସୁବ୍ରତା ଜେନା ଆଗେଇ ନେଇଥିଲେ । ସିଏଚ୍ଓ ରଶ୍ମୀ ବାରିକ ଆମେ କିଶୋରୀ ଭାବେ ଋତୁସ୍ରାବ ସମୟରେ କିପରି ସ୍ୱଚ୍ଛତା ଅବଲମ୍ବନ କରିବା ସେ ବିଷୟରେ କହିଥିଲେ । ପରେ ଡିଏଫ୍ଟି ଇତିଶ୍ରୀ ନନ୍ଦ କିଶୋରୀ ଭାବରେ ଆମେ ଋତୁସ୍ରାବକୁ ଲଜ୍ୟା ନକରି ଘରେ ଜଣାଇବା ଓ ଅଶାଣି ପେଡ ବ୍ୟବହାର କରିବା ସେ ବିଷୟରେ କହିଥିଲା ।

## ୫-ଟି ଅଧ୍ୟକ୍ଷ ପାଣ୍ଡିଆନ୍‌ଙ୍କ ରୋଡ ସୋ ଓ ପଥପ୍ରାନ୍ତ ସଭା

କେନ୍ଦ୍ରାପଡ଼ା, ୨୯/୫ (ନି.ପ୍ର): ୫ଟି ଅଧ୍ୟକ୍ଷ ଭି କାର୍ତିକେୟାନ ପାଣ୍ଡିଆନଙ୍କ ରୋଡ ସୋ କେନ୍ଦ୍ରାପଡା ପୌରାଂଚଳ ରେ ବୁଧବାର ସଂନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଯାଇଛି । ବିଜେଡି କର୍ମୀଙ୍କ ପ୍ରବଳ ଗହଳି ରେ ଦୀର୍ଘ ୪ ଘଣ୍ଟା ଧରି ସାରା ସହର ଭରି ଯାଇଥିଲା । ଫଳରେ ଯାନବାହନ ନିୟନ୍ତ୍ରଣ ଓ ଲୋକ ମାନଙ୍କର ଦୈନିକ ଯାତାୟତ ସହରକୁ ସଂପୂର୍ଣ୍ଣ ଭାବେ ଆଚ୍ଛନ୍ନ କରି ରଖିଥିଲା । ଆଜି ସଂନ୍ଧ୍ୟା ସମୟରେ ଶ୍ରୀ ପାଣ୍ଡିଆନ କେନ୍ଦ୍ରାପଡା ରେ ପହଁଚି ଆରାଧ ଦେବ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରିଥିଲେ । ସେଠାରେ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ରାଜ୍ୟ ଯୁଗ୍ମ ସଂପାଦକ, ରଂଜିତ ସାହୁ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ଆୟୁବ ଖାନ, ପୌରାଧକ୍ଷା ସରିତା ସାହୁ, ହିରଣ୍ୟ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଓ ସମସ୍ତ କାଉନସିଲର, ଦଳୀୟ ପଦାଧିକାରୀ ତଥା କର୍ମୀ ମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଦର୍ଶନ ସମୟରେ ସେବାୟତମାନଙ୍କ ପକ୍ଷରୁ ଶ୍ରୀ ପାଣ୍ଡିଆନଙ୍କୁ ଶ୍ରୀଜୀଉଙ୍କ ଅଙ୍ଗ ବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଇଚ୍ଛାପୁର ଠାରୁ ଏକ ସୁସଜ୍ଜିତ ଗାଡିରେ ଶ୍ରୀ ପାଣ୍ଡିଆନ ଓ ପ୍ରାର୍ଥୀ ଶ୍ରୀ ବେହେରା ରୋଡ ସୋ ଆରମ୍ଭ କରି ସହର ଅଭିମୁଖେ ଆସିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ତେବେ ସାନ୍ତସାହି ପୋଲ, କେଶପୁର ବଜାର, ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ ଓ ତିନିମୁହାଣୀ ପ୍ରଭୃତି ଅଂଚଳରେ ପଥପ୍ରାନ୍ତ ସଭାରେ ଉପସ୍ଥିତ ଥିବା ହଜାର ହଜାର କର୍ମୀଙ୍କୁ ଉଦ୍‌ବୋଧନ ଦେଇ ବିଜେଡି ସରକାର ର ୨୪ ବର୍ଷର ଉପଲବ୍ଧି ଓ ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନା, ଇଲେକ୍ଟ୍ରି ବିଲ ଛାଡ, ଛାତ୍ରଛାତ୍ରୀଙ୍କ ଭତା ବୃଦ୍ଧି, ମିଶନଶକ୍ତି ମହିଳା ମାନଙ୍କ ଭତା ବୃଦ୍ଧି ସଂପର୍କରେ ପ୍ରତିଶୃତି ଦେଇଥିଲେ । ତେବେ ଶ୍ରୀ ପାଣ୍ଡିଆନ ଙ୍କୁ ସ୍ୱାଗତ କରିବା ପାଇଁ ସ୍ଥାନୀୟ ବିଜେଡି ନେତୃତ୍ୱ ଓ କର୍ମୀ ମାନେ ପ୍ରବଳ ଉତ୍ସାହର ସହ ଲାଗି ପଡି ଥିବାରୁ ଆସନ୍ତା ଭୋଟରେ ଏହା ପ୍ରତିଫଳନ ହେବ ବୋଲି ଆଶା କରାଯାଉଛି । ତେବେ ଶ୍ରୀ ପାଣ୍ଡିଆନ ଯୋଡି ଶଙ୍ଖରେ ଭୋଟ ଦେଇ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନଙ୍କୁ ଜିତାଇ ନବୀନ ପଟ୍ଟନାୟକଙ୍କ ଷଷ୍ଠ ବାର ମୁଖ୍ୟମନ୍ତ୍ରୀ ହେବା ଓ ସରକାର ଗଢିବା କୁ ଜନ ସାଧାରଣଙ୍କୁ ନିବେଦନ କରିଥିଲେ ।

## ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ଗଣତନ୍ତ୍ରକୁ ଆହୁରି ମଜଭୂତ କରିବ

ସମ୍ବଲପୁର , ୨୯/୫ (ନି.ପ୍ର): ରାଜ୍ୟରେ ଅମଲାତାନ୍ତ୍ରିକ ସର୍ବସ୍ୱ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବିଷୟ ରେ ବହୁଦିନ ରୁ ଆମ ଦଳ ର ନେତୃମଣ୍ଡଳୀ ଅଭିଯୋଗ କରି ଆସୁଛୁ । ବିଗତ କିଛି ବର୍ଷ ଧରି ରାଜ୍ୟ ସରକାର ଙ୍କ ଆଚାରଣ ଓ ଉଚ୍ଚାରଣ ଏହି ଅଭିଯୋଗ କୁ ଖୋରାଖ ଯୋଗାଉଥିବା ବେଳେ ବର୍ତ୍ତମାନ ନିର୍ବାଚନ ଆୟୋଗ ଙ୍କ କାର୍ଯ୍ୟାନୁଷ୍ଠାନ ଏହାକୁ ଠିକ ବୋଲି ପ୍ରମାଣିତ କରି ସାରିଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ଏଭଳି ଅଭିଯୋଗ ଆଣିଛନ୍ତି ବରିଷ୍ଠ ବିଜେପି ନେତା ଡ଼. ପ୍ରମୋଦ ରଥ । ଡ଼.ରଥ ତାଙ୍କର ଅଭଯୋଗ ରେ ଆହୁରି କହିଛନ୍ତି ଯେ ରାଜ୍ୟ ରେ ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତା ରେ ରହିଥିବା ବିଜେଡି ଦଳ ର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସମେତ ଦଳୀୟ ନେତା, ମନ୍ତ୍ରୀ, ବିଧାୟକ, ସାଂସଦ ନିର୍ଦ୍ଧିଷ୍ଟ ଏକ କୁଚକ୍ରୀ ଅଣଓଡ଼ିଆ ଅମଲା ଗୋଷ୍ଠୀ ଙ୍କୁ ଦ୍ୱାରା ପରିଚାଳିତ ହୋଇ ଆସୁଛନ୍ତି । ଏହି ଅଭିଯୋଗ ଆହୁରି ପରିପୃଷ୍ଟ ସେତେବେଳେ ହେଲା ଯେତେବେଳେ ଭି.କାର୍ତ୍ତିକେୟନ ପାଣ୍ଡିଆଁନ ଙ୍କୁ ୫ଟି ବିଭାଗ ର ସଚିବ ଭାବେ ନିଯୁକ୍ତି ଦିଆଯାଇ ରାଜ୍ୟ ରେ ସମସ୍ତ ବିଭାଗ କୁ ତାଙ୍କ ଅଧୀନ କୁ ଠେଲି ଦିଆ ଯାଇଥିଲା । ଏହାକୁ ନେଇ ରାଜ୍ୟ ବିଜେପି ବିଧାନସଭା ରୁ ଆରମ୍ଭ କରି ରାଜନୈତିକ ସଭା ସମିତି, ଗଣମାଧ୍ୟମ ରେ ସ୍ୱରଉତ୍ତୋଳନ କରି ଏହାକୁ ବିରୋଧ କରିଥିଲା । ଶେଷ ରେ ବାଧ୍ୟ ହୋଇ ଭି କାର୍ତ୍ତିକେୟାନ ପାଣ୍ଡିଆଁନ ନିଜର ସରକାରୀ ପଦବୀ ରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡି ରେ ଯୋଗ ଦେଇଥିଲେ । ସରକାର ପୁଣି ତାଙ୍କୁ ୫ଟି ସଚିବ ରୁ ପରିବର୍ତ୍ତନ କରି ୫ଟି ଅଧ୍ୟକ୍ଷ ପଦବୀ ରେ ଅଳଙ୍କୃତ କରେଇଲେ । ବୁଲେଇ ବଙ୍କେଇ ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଲା । ରାଜ୍ୟ ସରକାର ଙ୍କ ଚେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରହିଲେ ସତ କିନ୍ତୁ ଭି କାର୍ତ୍ତିକେୟାନ ପାଣ୍ଡିଆଁନ ସୁପର ଚିଫ ମିନିଷ୍ଟାର ହୋଇ ରାଜ୍ୟ ସରକାର କୁ ନିଜ ନିୟନ୍ତ୍ରଣ ରେ ରଖିଲେ । ଏଭଳି ଚାରି ପାଂଚ ଜଣ ଅଣଓଡ଼ିଆ ପ୍ରଶାସନିକ ଅଧିକାରୀ ମୁଖ୍ୟମନ୍ତ୍ରୀ ଙ୍କୁ ଆୟତ୍ତ କରି ସମ୍ପୂର୍ଣ୍ଣ ଭାବେ ରାଜ୍ୟ ର ଶାସନ ବ୍ୟବସ୍ଥା କୁ ନିଜ ଅକ୍ତିଆର କୁ ନେଇ ରାଜ୍ୟ ର ଖଣି, ଖାଦାନ, ରାଜସ୍ୱ, ରାଜକୋଷ କୁ ଲୁଟ କରି ଚାଲିଥିଲେ ବୋଲି ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । କଥା କେବଳ ସେତିକି ରେ ସରିନଥିଲା । ଏଇ ଅଧିକାରୀ ମନେ ପରୋକ୍ଷରେ ବିଜେଡି ଦଳ ପାଇଁ ଓ ଶାସକ ଦକ ର ହିତ ରକ୍ଷା ପାଇଁ କାର୍ଯ୍ୟ କରି ଆସୁଥିଲେ ବୋଲି ଅଭିଯୋଗ ଥିଲା । ଏବେ ନିର୍ବାଚନ ଆୟୁକ୍ତ ଙ୍କ ବିଭିନ୍ନ ଟିପ୍ପଣୀ ଓ କାର୍ଯ୍ୟାନୁଷ୍ଠାନ ରୁ ଏସବୁ ଅଭଯୋଗ ର ସତ୍ୟତା କୁ ପ୍ରମାଣିତ କରୁଛି । ପ୍ରଥମେ ସୁଜାତା କାର୍ତ୍ତିକେୟାନ ପାଣ୍ଡିଆଁନ ଙ୍କୁ ମିଶନ ଶକ୍ତି ବିଭାଗ ରୁ ଅର୍ଥ ବିଭାଗ କୁ ବଦଳି, ପୁଣି ରାଜ୍ୟ ର ବିଭିନ୍ନ ଅଧିକାରୀ ଙ୍କୁ ନିଲମ୍ବନ ଏବଂ ଏବେ ଡ଼ି.ଏସ.କୁଟେ ଙ୍କ ନିଲମ୍ବନ ଓ ଆଶିଷ ସିଂ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଦେଶ ମୁଖ୍ୟମନ୍ତ୍ରୀ ଙ୍କ ଏହି ଅଣଓଡ଼ିଆ ଅମଲା ଙ୍କ କୋଟେରୀ ର ପର୍ଦ୍ଦାଫାଶ କରିବା ସଙ୍ଗେ ଗଣତନ୍ତ୍ର ଉପରେ ଅମଲାତନ୍ତ୍ର ର ଆରୋପ କୁ ସତ୍ୟ ବୋଲି ପ୍ରମାଣିତ କରି ସରିଛି ବୋଲି ଡ଼.ରଥ କହିଥିଲେ । ଡ଼.ରଥ ଆହୁରି କହିଥିଲେ ଯେ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ରେ ବିଜେଡି ଦଳ ର ରାଜନୈତିକ ସଭାସମିତି, ରେଲି ର ଆସୁଥିବା ଭିଡିଓ ସବୁ ଓଡ଼ିଆଙ୍କୁ ବହୁତ ଆଘାତ ପହଂଚାଇଛି ।

## ପଂଚମୁଖୀ ହନୁମାନ ମନ୍ଦିର ପରିସରରେ ଅଳିଆ ଆବର୍ଜନା ଫିଙ୍ଗିବାକୁ ନେଇ ଅସନ୍ତୋଷ

ଜୟପୁର, ୨୯/୫ (ନି.ପ୍ର): କୋରାପୁଟ ପୌର ପରିଷଦ ଅଧୀନରେ ରହିଥିବା ୧୨ ନମ୍ବର ୱାର୍ଡ଼ ରେ ଅନେକ ବର୍ଷ ପରେ ଡ୍ରେନ ସଫେଇ କାର୍ଯ୍ୟ ଚାଲିଛି । ଡ୍ରେନରୁ ବାହାରୁଥିବା ଅଳିଆ ଆବର୍ଜନା କୁ ନେଇ ପଂଚମୁଖୀ ହନୁମାନ ମନ୍ଦିର ପରିସରରେ ଫିଙ୍ଗିବା କୁ ନେଇ ତେଜୁଛି ଅସନ୍ତୋଷ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଦୀର୍ଘ ୪ ବର୍ଷ ହେବ ଏହି ଡ୍ରେନ ସଫେଇ ହୋଇ ନ ଥିଲା । ଆଗକୁ ବର୍ଷା ଦିନ ଆସୁଛି କୋରାପୁଟ ପୌର ପରିଷଦ ଖରା ଦିନରେ ଡ୍ରେନ ସଫା ନ କରି ଏବେ ତରବରିଆ ଭାବେ ଡ୍ରେନ ସଫା କରୁଛି । ଡ୍ରେନ ରେ ରହିଥିବା ୪ ବର୍ଷର ଅଳିଆ ଆବର୍ଜନା କୁ ନେଇ ପଂଚମୁଖୀ ହନୁମାନ ମନ୍ଦିର ପରିସରରେରେ ଫିଙ୍ଗା ଯାଉଛି । ଯାହାକୁ ନେଇ ୱାର୍ଡ଼ ବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ୱାର୍ଡ଼ ବାସୀଙ୍କ କହିବା କଥା ପଂଚମୁଖୀ ହନୁମାନ ମନ୍ଦିରକୁ ପୂଜା କରିବା ପାଇଁ ପ୍ରତିଦିନ ଭକ୍ତ ମାନେ ଆସୁଛନ୍ତି । ଏଠାରେ ଅନ୍ନ ପ୍ରସାଦ ରୋଷେଇ ମଧ୍ୟ କରାଯାଉଛି । ଏକ ଭକ୍ତି ପୂର୍ଣ୍ଣ ପରିବେଶ ଭିତରେ ୪ ବର୍ଷ ର ଅଳିଆ ଆବର୍ଜନାକୁ ଆଣି ପକାଇ ମନ୍ଦିର ପରିବେଶକୁ ଦୂଷିତ କରାଯାଉଛି । ଅଳିଆ ଆବର୍ଜନା ପଡିବା ଦ୍ୱାରା ମନ୍ଦିର ଚତୃପାର୍ଶ୍ୱ ଦୁର୍ଗନ୍ଧ ହେଉଛି । ଯଦି ମନ୍ଦିର ପରିସରରେ ଏମିତି ଦୂଷିତ ଅଳିଆ ଆବର୍ଜନା ଫିଙ୍ଗା ଯିବ ତେବେ ଆଗକୁ ଆଉ ଭକ୍ତ ମନ୍ଦିର କୁ ଆସିବେ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଗୋଟେ ପଟେ ମନ୍ଦିର ପରିସରରେ ଦୃର୍ଗନ୍ଧ ଅନ୍ୟ ପଟେ ତରବରିଆ କାମ କୁ ନେଇ ସ୍ଥାନୀୟ ବାସିନ୍ଦା ଘୋର ବିରୋଧ କରିଛନ୍ତି । ଯେଉଁ ଡ୍ରେନ ସଫା କରାଯାଉଛି ତାହା ପୁଣି ଠିକ ସେ କରାଯାଉନି । ବର୍ଷା ଟିକେ ହେଲେ ଯେଉଁ ଅବସ୍ଥାକୁ ସେଇ ଅବସ୍ଥାରେ ପରିଣତ ହେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣ ରେ ଦାବି କରାଯାଇଛି ।

ଗୁରୁବାର, ମଇ ୩୦, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ମୋଦି ସରକାରଙ୍କ ସମୟ ୪ ଜୁନ୍ ପର୍ଯ୍ୟନ୍ତ : ମମତା



କୋଲକାତା, ୨୯/୫ : ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକସଭା ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ଭୋଟ୍ ଦେବା ପୂର୍ବରୁ ବୁଧବାର ଦିନ ବାରଇପୁରରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିଛନ୍ତି। ଯାଦବପୁର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଏହି ଲୋକସଭା ନିର୍ବାଚନମଣ୍ଡଳୀରେ ସେ ତୃଣମୁଳ ପ୍ରାର୍ଥୀ ସାୟୋନି ଘୋଷଙ୍କ ସମର୍ଥନରେ ଏକ ସାଧାରଣ ସଭା କରିଥିଲେ। ଏଠାରେ ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଆପଣ ଲୋକମାନଙ୍କ ଓବିସି ସାର୍ଟିଫିକେଟ୍ ବାତିଲ କରିଛନ୍ତି କିନ୍ତୁ ମୁଁ ଏହାକୁ ଗ୍ରହଣ କରିବି ନାହିଁ। ଏହା ଯେହିପରି ଜାରି ରହିବ । ସେ କହିଥିଲେ ଯେ ଆପଣ ଜୁନ୍ ୪ରେ ରହିବେ ନାହିଁ। ଏହା ବ୍ୟତୀତ ଲୋକସଭା ନିର୍ବାଚନ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁର କନ୍ୟାକୁମାରୀରେ ଦୁଇ ଦିନ ଧ୍ୟାନ କରିବେ ବୋଲି ମଧ୍ୟ ଖବର ରହିଛି। ମମତା ସାଧାରଣ ସଭାରେ କହିଥିଲେ ଯେ ସେ ଧ୍ୟାନ କରିବେ କିନ୍ତୁ କ୍ୟାମେରା ଆଗରେ । ପ୍ରତ୍ୟେକ ଥର ଆପଣ ଦେଖିବେ ଯେ ଶେଷ ପର୍ଯ୍ୟାୟ ନିର୍ବାଚନର ୪୮ ଘଂଟା ପୂର୍ବରୁ, ସେମାନେ ଯାଇ କୌଣସି ସ୍ଥାନକୁ ଲୁଚି ରହି ଲୋକଙ୍କୁ ଧ୍ୟାନ ଦେଉଛନ୍ତି ବୋଲି କୁହନ୍ତି । କନ୍ୟାକୁମାରୀ ବିଷୟରେ ଉଲ୍ଲେଖ କରି ମମତା କହିଛନ୍ତି ଯେ ଏହା ସମୁଦ୍ର କୂଳ ନିକଟରେ ଏକ ବହୁତ ସୁନ୍ଦର ସ୍ଥାନ ଯେଉଁଠାରେ ବହୁ ସଂଖ୍ୟକ ଲୋକ ବୁଲିବାକୁ ଯାଆନ୍ତି । ସ୍ୱାମୀ ବିବେକାନନ୍ଦ ସେଠାକୁ ଯିବାକୁ ଭଲ ପାଉଥିଲେ ଏବଂ ପିଏମ ମୋଦୀ ସେଠାରେ ଧ୍ୟାନ କରିବେ।

# +୨ ପରୀକ୍ଷାରେ ସିଦ୍ଧି ବିନାୟକ କଲେଜର ଅପୂର୍ବ ସଫଳତା





ବାଲେଶ୍ୱର, ୨୯/୫ (ନି.ପ୍ର): ଚଳିତବର୍ଷ ଉଚ୍ଚମାଧ୍ୟମିକ ପରୀକ୍ଷାରେ(+୨) ସିଦ୍ଧି ବିନାୟକ ଆବାସିକ ବିଦ୍ୟାଳୟ ଅପୂର୍ବ ସଫଳତା ହାସଲ କରିଛି । ଶତ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ୯୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୬ଜଣ ଛାତ୍ରଛାତ୍ରୀ ୫୦୦ରୁ ତଦୁର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଶ୍ରୀମାନ ସାଇବୀକ୍ଷନ ତ୍ରିପାଠୀ ଓ ଜୀବନଜ୍ୟୋତି ରଥ ୬୦୦ମାର୍କରୁ ୫୬୦ ନମ୍ବର ରଖି ବାଲେଶ୍ୱର ଜିଲ୍ଲାର ଟପ୍ପର ହୋଇପାରିଛନ୍ତି । ଏହି ଅପୂର୍ବ ସଫଳତା ପାଇଁ ସିଦ୍ଧିବିନାୟକ କଲେଜର ଅଧ୍ୟକ୍ଷ ସୁମନ୍ତ କୁମାର ସାହୁ, ଚେୟାରମ୍ୟାନ କବୀର ମତୁଆଲ, ସେକ୍ରେଟାରୀ ସୁଧାଂଶୁ ପଣ୍ଡା, ପ୍ରେସିଡେଣ୍ଟ ମୌସମ କୁମାର ସିଂହ ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କର ଅକ୍ଳାନ୍ତ ପରିଶ୍ରମ, ଅନୁଷ୍ଠାନ ପ୍ରତି ଅଭିଭାବକ ମାନଙ୍କ ଦୃଢ଼ ଆସ୍ଥା ବିଶ୍ୱାସ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଙ୍କର କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରିବା ସଂଗେ ସଂଗେ ଏସବୁର ଶ୍ରେୟ ସେମାନଙ୍କୁ ଦେଇଛନ୍ତି ।

# ଅସୁସ୍ଥତା ନେଇ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କଟକ ବଡ଼ ମେଡିକାଲରେ ଭର୍ତ୍ତି

ଖୋର୍ଦ୍ଧା, ୨୯/୫ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବାର ଜଣାପଡିଛି। ତେବେ ଅସୁସ୍ଥତା ପାଇଁ ଭୋର ୪ଟାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅସୁସ୍ଥତା ହେତୁ ତାଙ୍କୁ ଖୋର୍ଦ୍ଧା ଜେଲରୁ ଅଣାଯାଇଥିବା ନେଇ ପ୍ରଶାନ୍ତ ଜଗଦେବଙ୍କ ଓକିଲ ସୂଚନା ଦେଇଛନ୍ତି। ତାଙ୍କୁ ମେଡିସିନ୍ ଆଇସିୟୁରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି।ତାଙ୍କର ସ୍ୱାଇନାଲ କର୍ଡ ସହିତ ମଧୁମେହ ଭଳି ଅନେକ ସମସ୍ୟା ଅଛି ବୋଲି ବିଧାୟକଙ୍କ ଓକିଲ କୋର୍ଟରେ ଅପିଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜେଲରେ ପ୍ରଶାନ୍ତ ଜଗଦେବଙ୍କର ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯାଇଥିଲା। ପ୍ରକାଶ ଥାଉକି, ବେଗୁନିଆ କାଉଁରୀପାଟଣା ପ୍ରକଳ୍ପ ବିଦ୍ୟାଳୟର ୧୧୪ ନମ୍ବର ବୁଥରେ ମାରପିଟ୍, ଗଣ୍ଡଗୋଳ, ଇଭିଏମ୍ ଭଙ୍ଗାରୁଜା ଅଭିଯୋଗରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ପ୍ରଶାନ୍ତଙ୍କୁ ଖୋର୍ଦ୍ଧା ଜେଲ ହାଜତକୁ ପଠାଇ ଦିଆଯାଇଥିଲା ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ପ୍ରଶାନ୍ତ ଜଗଦେବଙ୍କୁ ପୁଲିସ ଗିରଫ କରିଥିଲା।ସେହିପରି ପ୍ରଶାନ୍ତଙ୍କ ଗିରଫଦାରୀକୁ ନେଇ ବିଜେପି କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହାକୁ ଖୋର୍ଦ୍ଧା ପୁଲିସର ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବିଜେପି ନେତା ଅଭିଯୋଗ ଆଣିଛନ୍ତି। ଏପରିକି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଧ୍ୟ ଗତକାଲି ସିସିଟିଭି ଫୁଟେଜ୍ ଆଧାରରେ ପ୍ରଶାନ୍ତ ଜଗଦେବ ଇଭିଏମ୍ ଭାଙ୍ଗି ନଥିବା ଦର୍ଶାଇଛନ୍ତି।

# ୧୫ଦିନ ଧରି ଲିଙ୍କ ଫେଲ୍: ଡୁଙ୍ଗୁରା ଉପଡାକଘରେ ଅଚଳାବସ୍ଥା




ଖଇରା, ୨୯/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଉପଡାକଘରେ ଲିଙ୍କ ଫେଲ ଯୋଗୁଁ ଗତ ୧୫ଦିନ ହେଲା ଅଚଳାବସ୍ଥା ଦେଖା ଦେଇଛନ୍ତି । ଅସହ୍ୟ ଗରମରେ ଗ୍ରାହକ ମାନେ ଦୈନନ୍ଦିନ କାର୍ଯ୍ୟାଳୟକୁ ଆସି ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ଫେରୁଛନ୍ତି । ତ୍ରୁଟି ମରାମତି କରାଯାଉନଥିବାରୁ ଗ୍ରାହକ ମାନଙ୍କର କାର୍ଯ୍ୟାଳୟ ଉପରୁ ଭରସା ତୁଟିଗଲାଣି । ତୁରନ୍ତ ଏହି ତୃଟିକୁ ସଜାଡିବାକୁ କାର୍ଯ୍ୟାଳୟରୁ ଫେରୁଥିବା ଶହ ଶହ ସଂଖ୍ୟାର ଜମାକାରୀ ଦାବି କରିଛନ୍ତି । ଏହି ଉପ ଡାକ କେନ୍ଦ୍ର ଅଧୀନରେ ଦାମୋଦରପୁର,ବାଘୁଆ,କଲ୍ୟାଣି ଓ ଅରଖପୁର ଭଳି ଶାଖା ଡାକଘର ରହିଛି । ପ୍ରତ୍ୟେକଦିନ ଶତାଧିକ ଲୋକ ଜମା,ଉଠାଣ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ଉପଡାକଘର ଉପରେ ନିର୍ଭର କରିଥାନ୍ତି। ବାରାପୁର ନିକଟରେ ପୋଲକାମ ଚାଲିଥିବା ସମୟରେ ତାର କଟିବା ଯୋଗୁଁ ଲିଙ୍କ ଫେଲ ହୋଇଥିବା ଆଳରେ ଆସୁଥିବା ଉପଭୋକ୍ତା ମାନଙ୍କୁ ଫେରାଇ ଦିଆଯାଉଛି। ତୁରନ୍ତ ତୃଟିକୁ ମରାମତି କରିବାକୁ ଡୁଙ୍ଗୁରା ବଜାର କମିଟିର ପୂର୍ବତନ ସଭାପତି ଭରତ କୁମାର ରାଉତ ଦାବୀ କରିଛନ୍ତି। ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର କମଳଲୋଚନ ମଲ୍ଲିକଙ୍କୁ ପଚାରିବାରେ ଏବେ ଖୁବଶିଘ୍ର ତୃଟି ସଜାଡିବାର ବ୍ୟବସ୍ଥା କରାଯାଉଛି ।

# ବାରିପଦାଠାରେ ବିଜେଡି ନେତା ସୁଦାମ ଓ ସାନନ୍ଦଙ୍କ ଧୂଆଁଧାର ରାଲି : ବିରୋଧୀ ଚକିତ



ବାରିପଦା, ୨୯/୫ (ନି.ପ୍ର): ଚଳିତ ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନକୁ ମାତ୍ର ୩ ଦିନ ରହିଲା ସବୁଦଳ ନିଜ ନିଜ ପ୍ରଚାରକରି ଭୋଟରଙ୍କୁ ଆକୃଷ୍ଟ କରିବାପାଇଁ ଚେଷ୍ଟା ଚଳାଇଛନ୍ତି କିନ୍ତୁ ମୟୁରଭଞ୍ଜ ଜିଲ୍ଲା ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡିଙ୍କ ପ୍ରଚାରରେ ହଜାର ହଜାର ସଂଖ୍ୟାରେ ବିଜେଡି ଯୁବବର୍ଗ ଓ ଛାତ୍ରମାନଙ୍କ ଦ୍ୱାରା କରାଯାଇଥିବା ବାଇକରେଲି ଜନସମର୍ଥନ ଦେଖି ବିରୋଧୀ ଘାଇଲା, ଆଜି ଯେପରି ବାରିପଦା ସହର ପୁରା ବିଜେଡି ମୟ ହୋଇଉଠିଥିଲା । ଆଜି ମୟୁରଭଞ୍ଜ ଜିଲ୍ଲାର ଉଭୟ ଟାଣୁଆ ସଂଗ୍ରାମୀ ସାଂସଦ ଓ ବାରିପଦା ବିଧାୟକ ନେତାଙ୍କ ଉଦେଶ୍ୟରେ ହୋଇଥିବା ବିଶାଳ ବାଇକ ରେଲିର ନେତୃତ୍ୱ ନେଇଥିଲେ ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣ ବରାଡ଼ ଏବଂ ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁନୀଲ କୁମାର ନାୟକଙ୍କ ଡାକରାରେ ହଜାର ହଜାର ସଂଖ୍ୟାରେ ଯୁବ ଛାତ୍ର ଏକଜୁଟ ହୋଇଥିଲେ । ଉକ୍ତ ରେଲିରେ ଅନ୍ୟମାନେ ଉପସ୍ଥିତରହି ରେଲିକୁ ସହଯୋଗ କରିଥିଲେ ସେମାନେ ହେଲେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଟାଣୁଆ ସଂଗଠକ ଜିତେନ୍ଦ୍ର ମହାନ୍ତି ( ନଛି) , ସତ୍ୟରଞ୍ଜନ ପଟ୍ଟନାୟକ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ କୁମାର ନାୟକ, ବାରିପଦା ନିର୍ବାଚନ ମଣ୍ଡଳୀ ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ରାଜ୍ୟ ସମ୍ପାଦକ ଯୁବ ବିଜେଡି ରାଜୀବ ଜେନା, ଛାତ୍ର ବିଜେଡି ସଭାପତି ବାରିପଦା ଅଭାସ ଦେ, ରାଜ୍ୟ ସମ୍ପାଦକ ଛାତ୍ର ବିଜେଡି ଆଶ୍ରିବାଦ ଦାସ, ସଭାପତି ଯୁବ ବିଜେଡି ବାରିପଦା ସରୋଜ ଶତପଥୀ, ସମେତ ବହୁ ଛାତ୍ର ଓ ଯୁବ ନେତା, ସମସ୍ତ କାଉନସିଲର ଏବଂ ବିଭିନ୍ନ ଛାମୁଆ ସଂଗଠନ ନେତୃତ୍ୱମଣ୍ଡଳୀ ଉପସ୍ଥିତ ଥିଲେ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୫ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୨୯/୫ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୮୫ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୧ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

# ମତଦାନ ପାଇଁ ମତଦାତାମାନଙ୍କୁ ଭଦ୍ରକ ଜିଲ୍ଲାପାଳଙ୍କ ନିବେଦନ

ଭଦ୍ରକ, ୨୯/୫ (ନି.ପ୍ର): ଲୋକସଭା ଓ ଓଡ଼ିଶା ବିଧାନସଭା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ଭଦ୍ରକ ଜିଲ୍ଲାର ୧ଟି ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ଜୁନ୍ ୧ ତାରିଖରେ ମତଦାନ କରାଯିବ । ଏହି ଶୁଭ ଅବସରରେ ଜିଲ୍ଲାର ସମସ୍ତ ଭୋଟରମାନଙ୍କୁ ଜିଲ୍ଲାପାଳ ଅଭିନନ୍ଦନ ଜଣାଇଛନ୍ତି । ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଏହି ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଦ୍ୟ ପ୍ରକାଶିତ ଭୋଟର ତାଲିକାରେ ନାମ ଥିବା ଜିଲ୍ଲାର ସମସ୍ତ ମତଦାତା ନିଶ୍ଚିତ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ, ଭଦ୍ରକ ହିସାବରେ ସେ ସମସ୍ତ ଭୋଟରମାନଙ୍କୁ ନିବେଦନ କରିଅଛନ୍ତି । ମତଦାନ ଗଣତନ୍ତ୍ରର ସ୍ପନ୍ଦନ । ମତଦାନ ଭୋଟର ମାନଙ୍କର ସାମ୍ବିଧାନିକ ଅଧିକାର । ସମସ୍ତ ଭୋଟର ନିଜ ନିଜ ବୁଥକୁ ଯାଇ ଶାନ୍ତି ଶୃଙ୍ଖଳାର ସହିତ ମତଦାନ କରନ୍ତୁ ବୋଲି ସେ ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି । ଆମ ଦେଶର ଗର୍ବ, ନିର୍ବାଚନର ପର୍ବରେ ସାମିଲ ହେବାକୁ ଜିଲ୍ଲାପାଳ ବାର୍ତ୍ତା ପ୍ରଦାନ କରିଛନ୍ତି ।

# ବୋର୍ଡ ୱେବସାଇଟ , ହ୍ୱାଟ୍ସଆପରେ ଡାଉନଲୋଡ୍ କରିହେବ ମ୍ୟାଟ୍ରିକ୍ ଡ଼ିଜିଟାଇଜ ସାର୍ଟିଫିକେଟ୍

ଭୁବନେଶ୍ୱର, ୨୯/୫ (ନି.ପ୍ର): ଚଳିତବର୍ଷ ଛାତ୍ରଛାତ୍ରୀମାନଙ୍କୁ ମ୍ୟାଟ୍ରିକ ସାର୍ଟିଫିକେଟ୍ ପାଇଁ ଅଧିକ ଦିନ ଅପେକ୍ଷା କରିବାକୁ ପଡୁନାହିଁ । ବର୍ତ୍ତମାନ ଅନଲାଇନରେ ମିଳୁଛି ଡ଼ିଜିଟାଇଜ ସାର୍ଟିଫିକେଟ୍ । ମାଧ୍ୟମିକ ଶିକ୍ଷା ପରିଷଦର ନିଷ୍ପତି ଅନୁଯାଇ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରଛତ୍ରୀମାନେ ଫଳ ପ୍ରକାଶନର ସାତ ଦିନ ମଧ୍ୟରେ ନିଜ ନିଜର ଡ଼ିଜିଟାଇଜ ସାର୍ଟିଫିକେଟ୍ ବିନା କୌଣସି ମୂଲ୍ୟରେ ବୋର୍ଡ ୱେବସାଇଟ ଏବଂ ହ୍ୱାଟ୍ସଆପ ମାଧ୍ୟମରେ ଡାଉନଲୋଡ୍ କରି ପାରିବେ ।ଆଡମିଟ କାର୍ଡରେ ଥିବା ନିଜର ରୋଲ୍ ନମ୍ବର ସହାୟତାରେ ନିଜ ନିଜର ଡିଜିଟାଇଜଡ୍ ମ୍ୟାଟ୍ରିକ ସାର୍ଟିଫିକେଟ ଓ ମାର୍କସିଟ୍ ବୋର୍ଡ ୱେବସାଇଟ୍ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ଡାଉନଲୋଡ୍ କରି ହେବ। ଯାହାଦ୍ୱାରା ଡ଼ିଜିଟାଇଜ ସାର୍ଟିଫିକେଟ୍ ମାଧ୍ୟମରେ ଖୁବ୍ ସହଜରେ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିହେବ। ଏ ସମ୍ବନ୍ଧୀୟ ସମସ୍ତ ଅସୁବିଧାର ସମାଧାନ ପାଇଁ ବୋର୍ଡ ତରଫରୁ ଏକ ହେଲପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି । (୦୬୭୧) ୨୪୧୨୦୫୯ / ୨୪୧୨୦୬୦ ନମ୍ବରରେ ସମ୍ପର୍କ କରି ପରୀକ୍ଷାର୍ଥୀ ତଥା ଅଭିଭାବକମାନେ ଡିଜିଟାଲ ସାର୍ଟିଫିକେଟ ସହ ଜଡ଼ିତ ସମସ୍ତ ତଥ୍ୟ ପାଇପାରିବେ।

# ବିଶ୍ୱବିଦ୍ୟାଳୟ ଟପ୍ପର ହେଲେ ଶିକ୍ଷା ବିଭାଗର ଛାତ୍ରୀ ରାଜଶ୍ରୀ



ଉଦଳା , ୨୯/୫ (ନି.ପ୍ର): କଥାରେ ଅଛି କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି । ଯାହାକୁ ପ୍ରମାଣିତ କରିଛନ୍ତି କପ୍ତିପଦା ଡ଼ିଗ୍ରୀ ମହାବିଦ୍ୟାଳୟ ନୂଆସାହି ଶିକ୍ଷା ବିଭାଗର ଛାତ୍ରୀ ରାଜଶ୍ରୀ ସେଣ୍ଠ । ଚଳିତ ବର୍ଷ +୩ ଶେଷ ବର୍ଷ ପରୀକ୍ଷାରେ ଶିକ୍ଷା ବିଭାଗର ଛାତ୍ରୀ ରାଜଶ୍ରୀ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି ଟପର ହୋଇଥିବା ବେଳେ ବିଶ୍ୱବିଦ୍ୟାଳୟର ଆର୍ଟ୍ସ ଷ୍ଟ୍ରିମରେ ମଧ୍ୟ ଟପ୍ପର ହୋଇଛନ୍ତି । ସେ ଶିକ୍ଷା ସମ୍ମାନରେ ସର୍ବମୋଟ ୧୪୦୦ ନମ୍ବରରୁ ୧୩୧୮ (୯୪.୧୪%) ନମ୍ବର ରଖି ଏହି ସଫଳତାର ଅଧିକାରୀ ହୋଇପାରିଛନ୍ତି । ଦୁଣ୍ଡରିଆସ୍ଥିତ ପିତା ୰ ସନାତନ ସେଣ୍ଠ ଏବଂ ମାତା ଜୟନ୍ତି ସେଣ୍ଠଙ୍କ କନିଷ୍ଠ କନ୍ୟା ରାଜଶ୍ରୀ ପାଠପଢ଼ା ସମୟରୁ ପିତାଙ୍କୁ ହରାଇଥିବା ବେଳେ ପାଠ ପଢ଼ାରେ କିନ୍ତୁ ଧର୍ଯ୍ୟ ହରାଇନଥିଲେ । ସେ ପାଠ ପଢ଼ା ସହିତ ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜର ପାରଦର୍ଶିତା ଦେଖାଇ ସାରିଛନ୍ତି । ରାଜଶ୍ରୀ ତାଙ୍କର ଏହି ସଫଳତା ପାଇଁ ମାତାଙ୍କର ଉପଦେଶକୁ ସର୍ବଶ୍ରେଷ୍ଠ ଶ୍ରେୟ ମନେ କରିଛନ୍ତି । ଭବିଷ୍ୟତରେ ଅଧ୍ୟାପିକା ହେବାର ସ୍ୱପ୍ନ ରଖିଥିବା ରାଜଶ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ଼କ୍ଟର ଶାନ୍ତ ସୁନ୍ଦର ଆଚାର୍ଯ୍ୟ, ଅଧ୍ୟାପିକା ନମିତା ବେହେରା ଓ ଭାନୁମତି ରାଉତଙ୍କ ସହିତ ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀଙ୍କୁ ମଧ୍ୟ ନିଜର ସଫଳତାର ଶ୍ରେୟ ଦେଇଛନ୍ତି । ରାଜଶ୍ରୀ ଏହି ସଫଳତା ପାଇଁ ଦିନକୁ ୮ ରୁ ୧୦ ଘଂଟା ପରିଶ୍ରମ କରୁଥିଲେ । ରାଜଶ୍ରୀଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟ ଏବଂ ସ୍ଥାନୀୟ ଅଂଚଳରେ ଖୁସିର ଲହରି ଖେଳି ଯାଇଛି । ସଫଳତାର ଏହି ଅବସରରେ ଶିକ୍ଷା ବିଭାଗ ଏବଂ ଗ୍ରାମବାସୀଙ୍କ ତରଫରୁ ରାଜଶ୍ରୀ ଏବଂ ତାଙ୍କ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ପ୍ରଦାନ କରାଯାଇଥିଲା ।

# ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ୮ଟି ନିର୍ବାଚନ ମଣ୍ଡଳୀରେ ଜିଲ୍ଲାପାଳ ଜାରି କଲେ ୧୪୪ ଧାରା

ବାରିପଦା, ୨୯/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ମୁକ୍ତ ଏବଂ ନିରପେକ୍ଷ ଭାବରେ ସଂଚାଳନ କରିବା ପାଇଁ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ (ଭା.ପ୍ର. ସେ.), ବାରିପଦା, ବଡ଼ସାହି, ବାଙ୍ଗିରିପୋଷି, ମୋରଡା, ଉଦଳା, ରାଇରଙ୍ଗପୁର, ସାରସକଣା, ଯଶିପୁର ବିଧାନସଭା କ୍ଷେତ୍ର ତଥା ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ୩୦.୦୪.୨୦୨୪ ଦିନ ଠାରୁ ୧୪୪ ଧାରା ଜାରି କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ନିର୍ଦ୍ଦେଶ ରୁ ସୂଚନା ପ୍ରାପ୍ତଯେ ଆସନ୍ତା ଶନିବାର ଦିନ ଉପରୋକ୍ତ ୮ଟି ନିର୍ବାଚନ ମଣ୍ଡଳୀ ଠାରେ ହେବାକୁ ଥିବା ମତଦାନ ପାଇଁ ଜିଲ୍ଲା ଦଣ୍ଡାଧିକାରୀ ଶ୍ରୀ ଶିନ୍ଦେ ଏହି ୧୪୪ ଧାରା ସେହି ଦିନ ସନ୍ଧ୍ୟା ୬ଟା ରୁ ଆରମ୍ଭ କରି ନିର୍ବାଚନ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ମତଦାନ କେନ୍ଦ୍ର ମାନଙ୍କରେ ବଳବତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଧାରା ପ୍ରଣୟନ ଅନୁଯାୟୀ ପ୍ରିଜାଇଡିଂ ଅଫିସରଙ୍କୁ ବାଦ ଦେଇ ମତଦାନ କେନ୍ଦ୍ର ଭିତରେ କୌଣସି ବ୍ୟକ୍ତି ମୋବାଇଲ୍ ଫୋନ୍ ବ୍ୟବହାର କରିବେ ନାହିଁ। କୌଣସି ବ୍ୟକ୍ତି ମତଦାନ କେନ୍ଦ୍ରର ୨୦୦ ମିଟର ବ୍ୟାସାର୍ଦ୍ଧରେ କୌଣସି ରାଜନୈତିକ କାର୍ଯ୍ୟକଳାପ କରିବେ ନାହିଁ। କୌଣସି ବ୍ୟକ୍ତି ନିର୍ବାଚନ ସଂପର୍କରେ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରାକୁ ଡାକିବା, ଆୟୋଜନ କରିବା, ଯୋଗଦେବା, କିମ୍ବା ସମ୍ବୋଧିତ କରିବେ ନାହିଁ। ସିନେମାଟୋଗ୍ରାଫ୍, ଟେଲିଭିଜନ୍ କିମ୍ବା ଅନ୍ୟାନ୍ୟ ସମାନ ଉପକରଣ ମାଧ୍ୟମରେ କୌଣସି ବ୍ୟକ୍ତି ନିର୍ବାଚନ ବିଷୟ କୌଣସି ଜନସାଧାରଣଙ୍କୁ ପ୍ରଦର୍ଶନ କରିବେ ନାହିଁ । ମତଦାନ ଶେଷ ହେବା ପାଇଁ ସ୍ଥିର ହୋଇଥିବା ସମୟ ସହିତ ୪୮ ଘଣ୍ଟା ମଧ୍ୟରେ ଉପରୋକ୍ତ ନିର୍ବାଚନମଣ୍ଡଳୀରେ କୌଣସି ମ୍ୟୁଜିକାଲ୍ କନ୍ସର୍ଟ କିମ୍ବା କୌଣସି ନାଟ୍ୟ ପ୍ରଦର୍ଶନ କିମ୍ବା ଅନ୍ୟ କୌଣସି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କିମ୍ବା ଆୟୋଜନ କରି କୌଣସି ବ୍ୟକ୍ତି, ସେହି ଅଂଚଳର ଜନସାଧାରଣଙ୍କ ନିକଟରେ ପ୍ରଚାର କରିବେ ନାହିଁ। ଏହି ପରିପ୍ରେକ୍ଷୀରେ, ପୋଲିସ ଅଧୀକ୍ଷକ ମୟୂରଭଞ୍ଜ ଏହି ନିର୍ଦ୍ଦେଶନାମା ଘୋଷଣା କରିବେ ଏବଂ ତୁରନ୍ତ ସଂପୃକ୍ତ ସ୍ଥାନର ଆରକ୍ଷୀ ଅଧିକ୍ଷକ ମାଧ୍ୟମରେ ନିର୍ଦ୍ଦିଷ୍ଟ ପଦ୍ଧତିରେ ଅବଗତ କରାଇବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ନାୟକାନଦିହରେ ବିଷ୍ଣୁ ବ୍ରତଙ୍କ ପାଇଁ ଜୋର୍ ସୋର୍‌ରେ ପ୍ରଚାର କରୁଛନ୍ତି ଯୁବ ନେତା ରତିକାନ୍ତ ପ୍ରଧାନ



ବାସୁଦେବପୁର, ୨୯/୫ (ନି.ପ୍ର): ଜମୁଛି ପ୍ରଚାର, ସବୁ ଆଡ଼େ ଜୋର୍ ସୋର୍ ରେ ପ୍ରଚାର ଓ ସଭା ଚାଲିଛି ବିଭିନ୍ନ ସ୍ଥାନରେ ସବୁ ରାଜନୈତିକ ଦଳ ପକ୍ଷ ରୁ। ପ୍ରାର୍ଥୀ ଙ୍କ ଛଡ଼ା ସମର୍ଥକ ମାନେ ମଧ୍ୟ ଯୋର୍ ସୋର୍ ରେ ପ୍ରଚାର କରୁଛନ୍ତି। ରହି କ୍ରମ ରେ ଦେଖିବାକୁ ମିଳୁଛି ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାନଦିହ୍ ପଞ୍ଚାୟତ ରେ ଯୁବ ନେତା ତଥା ବିଷ୍ଣୁ ବ୍ରତ ରାଉତ ରାୟ ଙ୍କ ଦୃଢ଼ ସମର୍ଥକ ରତିକାନ୍ତ ପ୍ରଧାନ (ପିଣ୍ଟୁ) ଙ୍କ ନେତୃତ୍ୱ ରେ ପ୍ରଚାର କାର୍ଯ୍ୟ। ଘର କୁ ଘର ବୁଲି ପ୍ରଚାର କାର୍ଯ୍ୟ ଜୋର୍ ସୋର୍ ରେ କରୁଛନ୍ତି ରତିକାନ୍ତ। ଅନ୍ୟ ଦଳ ର କର୍ମୀ ମାନଙ୍କୁ ଆଣି ବିଜେଡ଼ି ରେ ମିଶାଇ ପଞ୍ଚାୟତ ରେ ସଂଗଠନ କୁ ସୁଦୃଢ଼ କରୁଛନ୍ତି ରତିକାନ୍ତ ପ୍ରଧାନ। କିଛି ମାସ ତଳେ ବିଜେଡ଼ି ମିଶି ଥିଲେ ରତିକାନ୍ତ ପ୍ରଧାନ। ଚଳିତ ନିର୍ବାଚନ ରଣାଙ୍ଗନରେ ବାସୁଦେବପୁର ରେ ଦ୍ୱିତୀୟ ଥର ପାଇଁ ବିଷ୍ଣୁ ବ୍ରତ ରାଉତ ରାୟ ବିଧାୟକ ହେବେ ବୋଲି କହିଛନ୍ତି ରତିକାନ୍ତ। ପଞ୍ଚାୟତ ର ସମସ୍ତ ବରିଷ୍ଠ ଓ ଯୁବ ନେତୃତ୍ୱ ଙ୍କ ସହ ମିଳିମିଶି କାମ କରୁଛୁ ଆମ ଅଞ୍ଚଳ ରୁ ଅଧିକ ରୁ ଅଧିକ ଭୋଟ ବିଷ୍ଣୁ ବ୍ରତ ରାଉତ ରାୟ ପାଇବେ ବୋଲି କହିଛନ୍ତି ରତିକାନ୍ତ। ପଞ୍ଚାୟତ ର ନେତୃତ୍ୱ ମାନଙ୍କ ମଧ୍ୟରେ କମଳା କାନ୍ତ ସାହୁ, ଆଦ୍ୟାତ ମହାପାତ୍ର, ଧର୍ମେନ୍ଦ୍ର ପଲାଇ, ମୁରଲୀ ଧର ପାଣ୍ଡବ, ରମେଶ ମହାଳିକ, ଅନ୍ୟ ନେତୃତ୍ୱ ଙ୍କ ସହ ରତିକାନ୍ତ ମିଳି ମିଶି ପ୍ରଚାର କାର୍ଯ୍ୟ ଜୋର୍ ସୋର୍ ରେ କରାଯାଉଛି ବୋଲି କହିଛନ୍ତି ରତିକାନ୍ତ ପ୍ରଧାନ ପିଣ୍ଟୁ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଦ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo